# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ସେପ୍ଟେମ୍ବର ୭/୨୦୨୦ (୧୨ ପୃଷ୍ଠା) | Dhenkanal, Monday, September 7/2020 | ★★★★★

୧୬ଶ ଭାଗ ୧୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ଗ୍ୟାସ୍‌ଲି ଜିତିଲେ ଇଟାଲିଆନ ଗ୍ରାଁ ପ୍ରି**

ରେଡ୍ ବୁଲ୍ ଆଲ୍‌ଫା ତୌରି ଟିମ୍‌ର ପିଏରେ ଗ୍ୟାସ୍‌ଲି ଇଟାଲିଆନ୍ ଫର୍ମୁଲା ୱାନ୍ ମୋଟର ରେସ୍ ଟାଇଟଲ ହାସଲ କରିଛନ୍ତି।

୧୨

୦୨

**ୱେବ୍‌ସିରିଜ୍ ପାଇଁ ମୌନୀ ଖୁସି**

ବଲିଉଡ୍ ଅଭିନେତ୍ରୀ ମୌନୀ ରାୟ ଏବେ ବହୁତ ଖୁସି। ଜୀ ୫ର ଆଗାମୀ ୱେବ୍‌ସିରିଜ୍‌ରେ ତାଙ୍କୁ ଦେଖିବାକୁ ମିଳିବ, ଯାହାର ନାମ 'ଲଣ୍ଡନ କନ୍‌ଫିଡେନ୍ସିଆଲ'।



# ନିଯୁକ୍ତି ସଙ୍କଟ ଚିନ୍ତାରେ ଯୁବବର୍ଗ

**ନୂଆଦିଲ୍ଲୀ,୬।୯**

- **ଲଗାତର ଖସୁଛି ଜିଡିପି**
- **ଚାହିଦା କମିବାରୁ ନିବେଶ ଉପରେ ପ୍ରଭାବ**
- **ନିଯୁକ୍ତି ସୃଷ୍ଟି ସରକାରଙ୍କ ଲାଗି ବଡ ଚ୍ୟାଲେଞ୍ଜ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଜୁନ ତ୍ରୈମାସରେ ଦେଶର ମୋଟ୍ ଘରୋଇ ଉତ୍ପାଦ(ଜିଡିପି) ଐତିହାସିକ ନିମ୍ନ ସ୍ତର -୨୩.୯%କୁ ଖସିଛି। ଲଗାତର ଭାବେ ଅଭିବୃଦ୍ଧି ଖସୁ ଥିବାରୁ ଘରୋଇ ବଜାରରେ ଯୁବବର୍ଗଙ୍କୁ ନିଯୁକ୍ତି ଯୋଗାଇବା କଷ୍ଟକର ହେବ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି। ଗତ ୪ ଦଶନ୍ଧି ମଧ୍ୟରେ ଦେଶର ଜିଡିପି ସବୁଠାରୁ ଖରାପ ସ୍ଥିତିରେ ରହିଛି। କରୋନା ଯୋଗୁ ବଜାର ବର୍ତ୍ତମାନ ଅଧିକ କ୍ଷତିଗ୍ରସ୍ତ ହୋଇଛି। କମ୍ପାନୀଗୁଡିକରେ ଛଟେଇ ଜାରି ରହିଛି। ସବୁ କିଛି କେବେ ଟ୍ରାକକୁ ଫେରିବ ସେ ନେଇ କେହି ସ୍ପଷ୍ଟ ଭାବେ କହି ପାରିବା ଭଳି ସ୍ଥିତି ଦେଖାଯାଉନାହିଁ। ଏହା ଯୁବବର୍ଗଙ୍କ ଚିନ୍ତାକୁ ଆହୁରି ବଢାଇ ଦେଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍ଏସ୍ଓ) ପକ୍ଷରୁ ପ୍ରକାଶ ପାଇଥିବା ଜିଡିପି ଡାଟାକୁ ନେଇ ଅର୍ଥନୀତିଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି। ବର୍ତ୍ତମାନ ଅଭିବୃଦ୍ଧି ଖସି ଚାଲିଥିବା ବେଳେ ଗତ ପ୍ରାୟ ୭ ବର୍ଷ ହେବ ଦେଶରେ ନିଯୁକ୍ତି ସୃଷ୍ଟି ଆଖି ଦୃଶିଆ ହୋଇନାହିଁ। ଏପଟେ କରୋନା ଯୋଗୁ କମ୍ପାନୀଗୁଡିକରେ ଲଗାତର ଛଟେଇ ଚିନ୍ତା ବଢାଇ ଚାଲିଛି।

ବଜାରକୁ ଦେଖିଲେ ଦୀର୍ଘ ମିଆଦୀ ଭିତ୍ତିରେ ଏହା ଅଭିବୃଦ୍ଧିକୁ ପ୍ରଭାବିତ କରିବ ବୋଲି ବିଶେଷଜ୍ଞ କହିଛନ୍ତି। ଆଗାମୀ ଦିନଗୁଡିକରେ ନୂଆ ନିଯୁକ୍ତି ସୃଷ୍ଟି ଭାରତ ଲାଗି ଏକ ପ୍ରମୁଖ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। ୨୦୧୯ ପରଠାରୁ ନିଯୁକ୍ତି ସଂକ୍ରାନ୍ତ ଆଉଟଲୁକ ବା ଦୃଷ୍ଟିକୋଣ ବେଶି ବିଗିଡିଯାଇଛି। କରୋନା ଆସିବା ପରେ ଏହା ବ୍ୟବସ୍ଥାକୁ ଆହୁରି ବିଗାଡି ଦେଇଛି। ସହରାଞ୍ଚଳ ନିଯୁକ୍ତି ବିଶେଷ କରି ବେତନ ଭିତ୍ତିକ ହୋଇଥିବା ବେଳେ ଦିନକୁ ଦିନ ସ୍ଥିତି ବିଗୁଡୁଛି ବୋଲି ମୁମ୍ବାଇ ଭିତ୍ତିକ ଥିଙ୍କ୍ ଟ୍ୟାଙ୍କ୍ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମୀ ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। ଜୁଲାଇ ସୁଦ୍ଧା କରୋନା ପ୍ରଭାବ ଯୋଗୁ ୧୮.୯ ନିୟୁତ ବେତନ ଭିତ୍ତିରେ କାମ କରୁଥିବା କର୍ମଚାରୀ ନିଯୁକ୍ତି ହରାଇଛନ୍ତି। ଏହା ମୋଟ ଶ୍ରମଶକ୍ତିର ୨୧% ବୋଲି ଜଣାପଡିଛି। ଚଳିତ ବର୍ଷ ଅଗଷ୍ଟ ଡାଟା ପ୍ରକାଶ ପାଇନାହିଁ। ଏହି ସ୍ଥିତି ଆହୁରି ବିଗିଡିବ ବୋଲି ରିପୋର୍ଟରେ ଆଶଙ୍କା କରାଯାଇଛି। ଅଗଷ୍ଟରେ ବେକାରୀ ହାର ବଢିଥିବା ବେଳେ ସହରାଞ୍ଚଳର ପ୍ରତି ୧୦ ଜଣରେ ଜଣକ ନିକଟରେ ବର୍ତ୍ତମାନ ଚାକିରି ନ ଥିବା ରିପୋର୍ଟରେ ପ୍ରକାଶ ପାଇଛି।

ଲଗାତର ହ୍ରାସ ହେଉଥିବା ନିଯୁକ୍ତିକୁ ଦେଖିଲେ ଜଣାପଡୁଛି, ☞ପୃଷ୍ଠା-୪




# ବିସ୍ଫୋରକ ସାମଗ୍ରୀ ତିଆରି ବେଳେ ବିସ୍ଫୋରଣ, ୨ ମୃତ

**ଦେବଗଡ଼,୬।୯(ଡି.ଏନ୍.ଏ.)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଲଇମୁରା ଫାଣ୍ଡି ଚିଲାଣ୍ଟିଖୋଳ ଗ୍ରାମରେ ଶନିବାର ବିସ୍ଫୋରକ ସାମଗ୍ରୀ ତିଆରି ବେଳେ ଏହା ବିସ୍ଫୋରଣ ହେବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରିଆମାଳ ଥାନା ଅଧୀନ କଂସର ଗ୍ରାମର ରିତ ଭୋଇ ଓ ସନ୍ତୋଷ ପଟ୍ଟା। ସୂଚନା ଅନୁଯାୟୀ, ଗତ ୨ଦିନ ତଳେ ଶନିବାର ଚିଲାଣ୍ଟିଖୋଳ ଗ୍ରାମର ପବିତ୍ର ପଟ୍ଟାଙ୍କ ଘରକୁ ରିଆମାଳ ଥାନା ଅଧୀନ କଂସର ଗ୍ରାମରୁ ତାଙ୍କ ସମ୍ପର୍କୀୟ ରିତ ଭୋଇ (ମାମୁ ପୁଅ ଭାଇ) ଓ ସନ୍ତୋଷ ପଟ୍ଟା (ମାଉସୀ ପୁଅ ଭାଇ) ଆସିଥିଲେ। ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପବିତ୍ରଙ୍କ ଘରୁ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ପରିବାର ଲୋକେ ଓ ଗ୍ରାମବାସୀ ଯାଇ ଦେଖିବାରୁ ସେଠାରେ ରିତ ଓ ସନ୍ତୋଷଙ୍କ କ୍ଷତବିକ୍ଷତ ମୃତଦେହ ପଡିଥିଲା। ଚିଲାଣ୍ଟିଖୋଳ ଗ୍ରାମ ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଏବଂ ସମ୍ପୃକ୍ତ ଅଞ୍ଚଳରେ ମୋବାଇଲ ସେବା ନ ଥିବାରୁ ଏକଥା ଅନ୍ୟ ଲୋକମାନେ ଜାଣିପାରି ନ ଥିଲେ। ଗାଁ ସଭାପତି ଦୁର୍ଯ୍ୟୋଧନ ଧରୁଆଙ୍କ ଅଧ୍ୟକ୍ଷତାରେ ଗାଁରେ ଏକ ବୈଠକ ବସିଥିଲା। ପୋଲିସକୁ ଖବର ଦେବା ପାଇଁ ବୈଠକରେ ନିଷ୍ପତ୍ତି ହେବାରୁ ରାତିରେ ଏ ନେଇ ପବିତ୍ର ଲଇମୁରା ଫାଣ୍ଡିରେ ଲିଖିତ ଏତଲା ଦେଇଥିଲେ। ଦେବଗଡ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର ସଦଳବଳ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଅଧିକ ତଦନ୍ତ ପାଇଁ ରବିବାର ସକାଳେ ଦେବଗଡ ଏସ୍‌ଡିପିଓ ସୁଲେମାନ ଏକ୍କା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିଛନ୍ତି। ଘଟଣା ସମ୍ପର୍କରେ ତଦନ୍ତ ଚାଲିଥିବା ଦର୍ଶାଇ କୌଣସି ମତାମତ ଦେବାକୁ ଏସ୍‌ଡିପିଓ ଏକ୍କା ମନା କରିଛନ୍ତି। ତେବେ ଜନ୍ତୁ ଶିକାର ପାଇଁ ବିସ୍ଫୋରକ ସାମଗ୍ରୀ ତିଆରି ବେଳେ ଏଭଳି ଦୁର୍ଘଟଣା ଘଟିଥିବା ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି।

**ଆଜିର ମନ୍ତବ୍ୟ**

"ପ୍ରଣବ ମୁଖାର୍ଜୀ ବାଂଲାଦେଶର ଜଣେ ଉତ୍ତମ ବନ୍ଧୁ ଥିଲେ।

**-ଶେଖ୍ ହସିନା, ବାଂଲାଦେଶ ପ୍ରଧାନମନ୍ତ୍ରୀ**

**୧୩ରେ ଲଘୁଚାପ**

.......୩.........

# ହୋମଗାର୍ଡଙ୍କୁ ହାଣିଲେ ଗଞ୍ଜେଇ ମାଫିଆ

**ମାଲକାନଗିରି/କୁଡୁମୁଲୁଗୁମ୍ମା/କୋରୁକୋଣ୍ଡା, ୬।୯(ଡି.ଏନ୍.ଏ.)**

ଗଞ୍ଜେଇ ଚାଲାଣକାରୀଙ୍କ ଆକ୍ରମଣରେ ବାଲିମେଳା ଥାନାରେ କାର୍ଯ୍ୟରତ ଜଣେ ହୋମ୍‌ଗାର୍ଡଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବନବାସୀ ମହାରଣା।

ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ କେତେଜଣ ଲୋକ ଭାରରେ ଗଞ୍ଜେଇ ନେଇ ମାଥିଲି ଥାନା ଅଧୀନ ନୂଆଗୁଡା ଜଙ୍ଗଲବାଟ ଦେଇ ଯାଉଥିବା ବାଲିମେଳା ପୋଲିସ ଖବର ପାଇଥିଲା। ପୋଲିସର ଏକ ଟିମ୍ ସେମାନଙ୍କୁ ଅଟକାଇଥିଲା। ଏହି ସମୟରେ ପୋଲିସ ଓ ଗଞ୍ଜେଇ ଚାଲାଣକାରୀ ମୁହାଁମୁହିଁ ହୋଇଥିଲେ। ଚାଲାଣକାରୀମାନେ ଏକ ଟାଙ୍ଗିଆରେ ହୋମ୍‌ଗାର୍ଡ ବନବାସୀଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆକ୍ରମଣରେ ବନବାସୀ ଗୁରୁତର ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ତନାଘନା କରି ଭାରରେ ଗଞ୍ଜେଇ ନେଇ ଯାଉଥିବା ୨୩ଜଣଙ୍କୁ ଅଟକ ☞ପୃଷ୍ଠା-୪

# ଚଳିତ ସପ୍ତାହରେ ଆସିବ କେନ୍ଦ୍ରୀୟ ଟିମ୍

**ବନ୍ୟା କ୍ଷୟକ୍ଷତି ଆକଳନ**

- **ଆଜି ରିପୋର୍ଟ ଦେବେ ଜିଲାପାଳ**

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ଅଗଷ୍ଟରେ ଲଘୁଚାପଜନିତ ବର୍ଷା ଯୋଗୁ ରାଜ୍ୟରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବନ୍ୟା କ୍ଷୟକ୍ଷତି ଆକଳନ କରିବାକୁ ଆସନ୍ତା ୧୦ ତାରିଖ ସୁଦ୍ଧା ୮ ଜଣିଆ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତରେ ଆସିବେ । ଏ ନେଇ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି। ଏହି ଟିମ୍ ବନ୍ୟା ଦ୍ୱାରା ଅତି ପ୍ରଭାବିତ ଜିଲା ବୁଲି ଦେଖିବେ। ସୋମବାର କେନ୍ଦ୍ର ସରକାରଙ୍କ ପକ୍ଷରୁ କେଉଁ ଦିନ କେନ୍ଦ୍ରୀୟ ଟିମ୍ ଗସ୍ତ କରିବେ ସେ ନେଇ ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି ସ୍ୱତନ୍ତ୍ର ରିଲିଫ କମିଶନ(ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା କହିଛନ୍ତି। ଟିମ୍‌ର ସଦସ୍ୟ ସଂଖ୍ୟାକୁ ଦେଖି କେଉଁ ଜିଲାକୁ କେଉଁ ଟିମ୍ ଯିବେ ତାହା ନିଷ୍ପତ୍ତି ହେବ। ତେବେ ଗତ ବନ୍ୟାରେ ଅଧିକ ପ୍ରଭାବିତ ବ୍ରାହ୍ମଣୀ ଓ ବୈତରଣୀ ନଦୀ ଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବାଲେଶ୍ୱ ଜିଲାର ବାଲେଶ୍ୱର ସଦର ବ୍ଲକ, ଭଦ୍ରକର ତିହିଡି ଓ ଧାମନଗର, ଯାଜପୁର ଜିଲାର ବରି ଓ ଡେରାବିଶ ବ୍ଲକ, କେନ୍ଦ୍ରାପଡ଼ାର ରାଜନଗର ଏବଂ ପୁରୀ ଜିଲାର କଣାସ ବ୍ଲକ ଗସ୍ତ କରିବା ସମ୍ଭାବନା ରହିଛି। ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ରୀୟ ଟିମ୍ ଦୁଇଦିନ ବନ୍ୟା କ୍ଷୟକ୍ଷତି ଅଞ୍ଚଳ ବୁଲି ଦେଖିବେ ବୋଲି ଜଣାପଡିଛି। ଲଘୁଚାପଜନିତ ବର୍ଷା ଯୋଗୁ ବ୍ରାହ୍ମଣୀ, ☞ପୃଷ୍ଠା-୪

# ମୁମ୍ବାଇ-ଚେନ୍ନାଇ ଉଦ୍‌ଘାଟନୀ ମୁକାବିଲା

**ଦୁବାଇ, ୬।୯ (ପି.ଟି.)**

ଉତ୍କଣ୍ଠାର ଅନ୍ତ ଘଟିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର କାର୍ଯ୍ୟସୂଚୀ ରବିବାର ଘୋଷଣା କରାଯାଇଛି। ଆସନ୍ତା ଆଇପିଏଲ୍‌ର ଉଦ୍‌ଘାଟନୀ ମ୍ୟାଚ ପରମ୍ପରା ଅନୁସାରେ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଓ ରନର୍ସ ଅପ୍ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଚଳିତମାସ ୧୯ରେ ଆବୁଧାବିଠାରେ ଖେଳାଯିବ। ଭାରତରେ କୋଭିଡ୍-୧୯ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବାରୁ ବିଶ୍ୱର ଏହି ସର୍ବବୃହତ୍ ଟି୨୦ ଲିଗ୍ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇ, ଆବୁଧାବି ଓ ଶାରଜା ଆଦି ତିନୋଟି ଭେନ୍ୟୁରେ ଖେଳାଯିବ।

ରାଜଧାନୀ ସହରରେ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ପରେ ପରଦିନ ଦୁବାଇଠାରେ ଦ୍ୱିତୀୟ ମ୍ୟାଚ ଦିଲ୍ଲୀ କ୍ୟାପିଟାଲ୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ମଧ୍ୟରେ ହେବ। ତୃତୀୟ ମ୍ୟାଚ ସୋମବାର ସନରାଇଜର୍ସ ହାଇଦ୍ରାବାଦ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଖେଳାଯିବ। ପରେ ଇଭେଣ୍ଟର ଆକ୍ସନ ଶାରାଜାକୁ ସ୍ଥାନାନ୍ତର ହେବ। ସେଠାରେ ସେପ୍ଟେମ୍ବର ୨୨ରେ ରାଜସ୍ଥାନ ରୟାଲ୍ସକୁ ଭେଟିବ ଚେନ୍ନାଇ ସୁପର କିଙ୍ଗ୍ସ। ଟୁର୍ନାମେଣ୍ଟରେ ୧୦ ଦିନ ୨ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ ଭାରତୀୟ ସମୟ ଅପରାହ୍ନ ୩ଟା ୩୦ ଏବଂ ଦ୍ୱିତୀୟ ମ୍ୟାଚ୍ ୭ଟା ୩୦ରୁ ଖେଳାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ପ୍ରକାଶ। ମୋଟ ଉପରେ ଦୁବାଇରେ ସର୍ବାଧିକ ୨୪, ଆବୁଧାବିରେ ୨୦ ଏବଂ ଶାରଜାରେ ୧୨ଟି ମ୍ୟାଚ ଖେଳାଯିବ। ଆଇପିଏଲ୍ ଟି୨୦ର ପ୍ଲେ-ଅଫ୍ ଓ ଫାଇନାଲ ପାଇଁ ଭେନ୍ୟୁ ପରେ ଘୋଷଣା କରାଯିବ। ଫାଇନାଲ ନଭେମ୍ବର ୧୦ରେ କରିବା ଲାଗି ସ୍ଥିର କରାଯାଇଛି। ଆଇପିଏଲ୍‌ର ଏହି ସଂସ୍କରଣ ମୋଟ ୫୩ ଦିନ ବିଶିଷ୍ଟ ହେବ। ଲିଗ୍ ଇତିହାସରେ ସବୁଠାରୁ ଲମ୍ବା ଟୁର୍ନାମେଣ୍ଟ। କାର୍ଯ୍ୟସୂଚୀ ଅଗଷ୍ଟ ଶେଷ ସପ୍ତାହରେ ଘୋଷଣା ହେବ ବୋଲି ଆଶା କରାଯାଉଥିଲା। ମାତ୍ର ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଶିବିରର ୧୩ଜଣ ଷ୍ଟାଫ୍ କରୋନା ପଜିଟିଭ ଜଣାପଡ଼ିବା ପରେ ଏଥିରେ ବିଳମ୍ବ ଘଟିଥିଲା। ପୁନଶ୍ଚ ଦୁବାଇ ଓ ଆବୁଧାବିରେ ପୃଥକ୍ କ୍ୱାରାଣ୍ଟାଇନ୍ ନିୟମ ଯୋଗୁ କାର୍ଯ୍ୟସୂଚୀ ଚୂଡ଼ାନ୍ତ କରିବା ଲାଗି ଆଇପିଏଲ୍‌ର ଅପରେଶନ ଟିମ୍ ସମୟ ନେଇଥିଲା। ଚଳିତ ବର୍ଷର ଆଇପିଏଲ୍ ପ୍ରକୃତରେ ମାର୍ଚ୍ଚ ୨୯ରୁ ମେ ୨୪ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ରହିଥିଲା ମାତ୍ର ଆରମ୍ଭ ହେବାକୁ ଆହୁରି ୨ସପ୍ତାହ ସମୟ ଥିବାବେଳେ କରୋନା ଭାଇରସ୍‌ର ଉତ୍ପତ୍ତି ଯୋଗୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଟୁର୍ନାମେଣ୍ଟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିବାକୁ ହୋଇଥିଲା। କିନ୍ତୁ ଟି୨୦ ବିଶ୍ୱକପ୍ ସ୍ଥଗିତ ରହିବାରୁ ଲିଗ୍ ଆୟୋଜନ ପାଇଁ ସେପ୍ଟେମ୍ବର-ନଭେମ୍ବର ସମୟ ମିଳିଯାଇଥିଲା।

**କାର୍ଯ୍ୟସୂଚୀ ଘୋଷିତ**








For a test drive, Call on 1800 315 4444. Select variants available in CSD. Special offers for Defence Personnel, Government, PSU and Corporate Employees. KWID and TRIBER available through CSD. For bulk enquiries, contact corpsales@renault.com

Terms and conditions apply. #Prices mentioned above are for base variant for ex-showroom Bhubaneswar for each model and are exclusive of local taxes. *The benefits up to ₹ 35 000 for KWID include Cash benefit of ₹ 10 000, Exchange benefit of ₹ 15 000 & Loyalty Benefit of ₹ 10 000 (which includes Exchange benefit on Renault model or Cash discount on buying additional Renault model) on select versions. ^The benefits up to ₹ 70 000 for DUSTER include Cash benefit of up to ₹ 25 000, Exchange benefit of ₹ 25 000 & Loyalty benefit up to ₹ 20 000 (which includes exchange benefit on Renault model or Cash discount on buying additional Renault model) on select versions. ^^The benefits up to ₹ 30 000 for TRIBER include Exchange benefit of ₹ 20 000 & Loyalty benefit of ₹ 10 000 (which includes Exchange benefit on Renault model or Cash discount on buying additional Renault model) on select versions. Corporate/PSU/Defence Personnel/Government Employee benefits applicable for each model are basis eligibility of the customer and based on submission of required proof by the customer. **6.99% Rate of Interest is calculated on a loan amount of ₹ 2.32 Lakh for KWID, ₹ 3.82 Lakh for TRIBER, ₹ 6.53 Lakh for DUSTER for a tenure of 24 months. Rate of interest may vary based on loan amount and tenure. ##Under 4 months EMI Holiday program maximum Loan amount is fixed at ₹ 2.32 Lakh for KWID, ₹ 3.82 Lakh for TRIBER, ₹ 6.53 Lakh for DUSTER for a tenure of 24 months. Not valid for any added loan amount and tenure. Finance at the sole discretion of Renault Finance. ^^^Easy Care Package of 3 years or 50 000 km is eligible only for existing DUSTER owners (any version) buying an additional DUSTER 1.3L Turbo or Exchange existing DUSTER (any version) with DUSTER 1.3L Turbo. Offers may vary across variants and cities. The above mentioned offers & benefits are valid till 30th September 2020 and are through Renault dealership. For detailed offers, visit www.renault.co.in/offers. Renault India Pvt. Ltd. reserves the right to change or modify the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in

SHOWROOMS: ODISHA: SAMBALPUR: RENAULT Sambalpur Mob: +91 8860048351. BHUBANESWAR: RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 9643800532. BALANGIR: RENAULT Balangir Mob: +91 9643800378. KEONJHAR: RENAULT Keonjhar Mob: +91 7428439130. ROURKELA: RENAULT Rourkela Mob: + 91 8860875802.

L&K | SAATCHI & SAATCHI



ବଲିଉଡ୍ ନାୟକ ଅର୍ଜୁନ କପୁର କରୋନାରେ ପୀଡ଼ିତ ହୋଇଥିବା ଜଣାପଡ଼ିଛି। ସେ ନିଜେ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ଅର୍ଜୁନ ଲେଖିଛନ୍ତି ମୁଁ କରୋନାରେ ପୀଡ଼ିତ। ତେବେ ଏହି ଖବର ଆପଣମାନଙ୍କୁ ଜଣାଇବା ମୋର କର୍ତ୍ତବ୍ୟ ଭାବି ମୁଁ ଏହା ଜଣାଉଛି। ସୂଚନାଯୋଗ୍ୟ, ଅର୍ଜୁନଙ୍କ ପରେ ତାଙ୍କ ପ୍ରେମିକା ମଲାଇକା ଅରୋରାଙ୍କ ସ୍ୱାବ୍ ପରୀକ୍ଷାରେ ପଜିଟିଭ୍ ଆସିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ରବିବାର ମଲାଇକାଙ୍କ ଭଉଣୀ ଅମ୍ରିତା ସୂଚନା ଦେଇଛନ୍ତି।

# ଦିନକରେ ୯୦ ହଜାର ପାର୍

## କରୋନା ସଂକ୍ରମଣରେ ନୂଆ ରେକର୍ଡ

ନୂଆଦିଲ୍ଲୀ, ୬।୯

ଦେଶରେ ଦୈନିକ କରୋନା ସଂକ୍ରମଣ ଏବେ ଲକ୍ଷେ ମୁହାଁ। ଗତ ୨୪ ଘଣ୍ଟା ମଧ୍ୟରେ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ୯୦ ହଜାର ୬୩୩ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଏହି ସମୟ ମଧ୍ୟରେ ୧୦୬୫ ଜଣଙ୍କ ମୃତ୍ୟୁ ଘଟିଛି। ଇତିମଧ୍ୟରେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୧ ଲକ୍ଷ ୧୩ ହଜାର ୮୧୨ ଛୁଇଁଛି। ମୃତକଙ୍କ ସଂଖ୍ୟା ରବିବାର ସୁଦ୍ଧା ୭୦ ହଜାର ୬୨୬ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ୩୧ ଲକ୍ଷ ୮୦ ହଜାର ୮୬୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେହିପରି ୮ ଲକ୍ଷ ୬୨ ହଜାର ୩୨୦ ଜଣ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ସେପ୍ଟେମ୍ବର ୫ ସୁଦ୍ଧା ଦେଶରେ ୪ କୋଟି ୮୮ ଲକ୍ଷ ୩୧ ହଜାର ୧୪୫ ଲୋକଙ୍କ ନମୁନା ପରୀକ୍ଷା କରାଯାଇଥିବା ଆଇସିଏମ୍ଆର୍ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ୧୦ ଲକ୍ଷ ୯୨ ହଜାର ୬୫୪ ଜଣଙ୍କ ନମୁନା ପରୀକ୍ଷା ହୋଇଛି। ଆକ୍ରାନ୍ତଙ୍କ ମୃତ୍ୟୁ ହାର ୧.୭୨ ପ୍ରତିଶତ ରହିଛି। ସେହିପରି ସୁସ୍ଥ ହେବା ହାର ୭୭.୨୩ ପ୍ରତିଶତ ଛୁଇଁଥିବା ଆଇସିଏମ୍ଆର୍ ପକ୍ଷରୁ କୁହାଯାଇଛି। ଗୋଟିଏ ଦିନରେ ୭୦ ହଜାର ୭୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।



## ବ୍ରାଜିଲ୍‌କୁ ଟପିଲା ଭାରତ

ନୂଆଦିଲ୍ଲୀ, ୬।୯

କରୋନା ସଂକ୍ରମିତଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ଥିବା ବ୍ରାଜିଲ୍‌କୁ ଭାରତ ପଛରେ ପକାଇଦେଇଛି। ପ୍ରଥମ ସ୍ଥାନରେ ଆମେରିକା ଥିବାବେଳେ ତାଲିକାର ଦ୍ୱିତୀୟରେ ଭାରତ ଓ ତୃତୀୟରେ ବ୍ରାଜିଲ୍ ଏବଂ ପରେ ରୁଷ୍ ରହିଛନ୍ତି। ଭାରତରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୧ ଲକ୍ଷ ଟପିଛି। ଅପରପକ୍ଷରେ ବ୍ରାଜିଲ୍‌ରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୦ ଲକ୍ଷରୁ ଅଧିକ ରହିଛି। ତେବେ ଭାରତରେ ସୁସ୍ଥଙ୍କ ସଂଖ୍ୟା ଚିକିତ୍ସିତଙ୍କ ଠାରୁ ସାଢ଼େ ୩ ଗୁଣା ଅଧିକ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୬ଟି ରାଜ୍ୟରେ ସୁସ୍ଥ ହେବା ହାର ୮୦ ପ୍ରତିଶତରୁ ଅଧିକ ରହିଛି। ଦିଲ୍ଲୀରେ ୮୯ ପ୍ରତିଶତ, ବିହାରରେ ୮୮, ତାମିଲନାଡୁରେ ୮୬, ପଶ୍ଚିମବଙ୍ଗରେ ୮୩, ରାଜସ୍ଥାନରେ ୮୨ ଏବଂ ଗୁଜରାଟରେ ୮୧ ପ୍ରତିଶତ ରହିଛି।

# ତାଣ୍ଡବ ରଚିପାରେ ଘୂର୍ଣ୍ଣିଝଡ଼ 'ହାଇସେନ୍'

ଟୋକିଓ, ୬।୯



ଦକ୍ଷିଣ ଜାପାନର ଓକିନାୱା ଦ୍ୱୀପ ଆଡ଼କୁ ମୁହାଁଉଥିବା ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ 'ହାଇସେନ୍' ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ଆଶଙ୍କା କରି ସେଠାକାର

## ଜାପାନରେ ହାଇଆଲର୍ଟ

ଲୋକଙ୍କୁ ସତର୍କ କରାଯାଇଛି। ଜାପାନ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଘୂର୍ଣ୍ଣିଝଡ଼ 'ହାଇସେନ୍' ଜାପାନରେ ତାଣ୍ଡବ ରଚିପାରେ। ଏଥିପାଇଁ ଜାପାନ ସରକାର ୨୨,୦୦୦ ସେନା ମୁତୟନ କରିଛନ୍ତି। ସମସ୍ତଙ୍କ ପାଇଁ ହାଇଆଲର୍ଟ ଜାରି କରାଯାଇଛି। ଲୋକଙ୍କୁ ଘରେ ରହିବା ସହ ଖାଦ୍ୟପାନୀୟ ଗଚ୍ଛିତ ରଖିବାକୁ ପରାମର୍ଶ ଦିଆଯାଇଛି। ତେବେ 'ହାଇସେନ୍' ପ୍ରଭାବରେ ସମୁଦ୍ରରେ ସୁନାମି ପରି ଲହଡ଼ି ଆସିବ ବୋଲି ପାଣିପାଗ ବିଭାଗ ଆଶଙ୍କା କରିଛି। ଅନୁମାନ କରାଯାଉଛି କି ଏହା ରବିବାର ଅଥବା ସୋମବାର ଜାପାନ ଦ୍ୱୀପରେ ମାଡ଼ ହୋଇପାରେ। ଏହି ଘୂର୍ଣ୍ଣିଝଡ଼କୁ ଦୃଷ୍ଟିରେ ରଖି ପାଖାପାଖି ୧୦୦ଟି ବିମାନର ଉଡ଼ାଣକୁ ସ୍ଥଗିତ ରଖାଯାଇଛି। 'ହାଇସେନ୍' ପ୍ରଭାବରେ ଘଣ୍ଟାକୁ ୧୫୫ କିଲୋମିଟର ବେଗରେ ପବନ ବହିବା ଅନୁମାନ କରାଯାଇଛି।

## କଏଦୀ ପିଛା ଦୈନିକ ଖର୍ଚ୍ଚ ୧୧୮ ଟଙ୍କା

ନୂଆଦିଲ୍ଲୀ, ୬।୯: ଦେଶର ବିଭିନ୍ନ ଜେଲ୍‌ରେ ଥିବା କଏଦୀଙ୍କ ପାଇଁ ଦୈନିକ ଖର୍ଚ୍ଚକୁ ନେଇ ରିପୋର୍ଟ ପ୍ରକାଶ ପାଇଛି। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ପକ୍ଷରୁ ପ୍ରକାଶିତ ଏହି ରିପୋର୍ଟରେ ଉଲ୍ଲେଖ ହୋଇଛି ଯେ, ଜଣେ କଏଦୀଙ୍କ ପାଇଁ ଦିନକୁ ୧୧୮ ଟଙ୍କା ଖର୍ଚ୍ଚ ହେଉଛି।

**ଏନ୍‌ସିଆର୍‌ବି ରିପୋର୍ଟ**

ଦେଶର ବିଭିନ୍ନ ଜେଲ୍‌ରେ ଏବେ ୪ ଲକ୍ଷ ୭୮ ହଜାରରୁ ଅଧିକ କଏଦୀ ରହିଛନ୍ତି। ତେବେ ୨୦୧୯-୨୦ ଆର୍ଥିକ ବର୍ଷରେ ୧୩୫୦ ଜେଲ୍‌ରେ ଥିବା କଏଦୀଙ୍କ ପାଇଁ ମୋଟ୍ ୫୯୫୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। କେବଳ କଏଦୀଙ୍କ ପାଇଁ ୨୦୬୧ କୋଟି ଟଙ୍କା ବ୍ୟୟ କରାଯାଇଛି। ଔଷଧ ବାବଦରେ ୮୯ କୋଟି ୪୮ ଲକ୍ଷ, ଶିକ୍ଷା ଏବଂ ତାଲିମ୍‌ରେ ୨୪ କୋଟି, ପୋଷାକ ପାଇଁ ୨୨ କୋଟି ୫୬ ଲକ୍ଷ, କଏଦୀ କଲ୍ୟାଣ କାର୍ଯ୍ୟକ୍ରମରେ ୨୦ କୋଟି ୨୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସର୍ବାଧିକ ୪୮ ପ୍ରତିଶତ ଟଙ୍କା କେବଳ ଖାଦ୍ୟ ବାବଦରେ ଖର୍ଚ୍ଚ ହୋଇଛି ବୋଲି ଏନ୍‌ସିଆର୍‌ବି ରିପୋର୍ଟରେ ଦର୍ଶାଯାଇଛି।

# ଦ୍ୱିପାକ୍ଷିକ ସହଯୋଗକୁ ଆଗକୁ ବଢ଼ାଇବ ଇରାନ

ତେହେରାନ, ୬।୯

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ରବିବାର ଇରାନ ପ୍ରତିରକ୍ଷାମନ୍ତ୍ରୀ ବ୍ରିଗେଡିୟର ଜେନେରାଲ ଅମିର ହତାମିଙ୍କୁ ତେହେରାନରେ ସାକ୍ଷାତ୍ କରିଛନ୍ତି। ଉଭୟଙ୍କ ବୈଠକକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ରାଜନାଥ ଏହି ବୈଠକରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଓ ଆଫଗାନିସ୍ତାନ ସମେତ ସୀମା ସୁରକ୍ଷା ସହ ଜଡ଼ିତ ଅନେକ କଥା ଉପରେ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ, ରାଜନାଥ ସିଂ ସାଂଘାଇ ସହଯୋଗ ସଙ୍ଗଠନ(ଏସ୍‌ସିଓ)ରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକରେ ସାମିଲ ହେବାକୁ ଯାଇଥିବା ବେଳେ ତାଙ୍କର ୩ ଦିନିଆ ମସ୍କୋ ଯାତ୍ରା ଶେଷ କରି ଶନିବାର ତେହେରାନରେ ପହଞ୍ଚିଥିଲେ। ସେ ମସ୍କୋରେ ରୁଷିଆ, ଚାଇନା ଓ ମଧ୍ୟ ଏସିଆ ଦେଶର ସମକକ୍ଷଙ୍କ ସହ ଦ୍ୱିପାକ୍ଷିକ ବାର୍ତ୍ତାରେ ସାମିଲ ହୋଇଥିଲେ। ତେହେରାନରେ ଥାଇ ପ୍ରତିରକ୍ଷା ମନ୍ତ୍ରୀ ଟୁଇଟ୍ କରି ଜଣାଇଛନ୍ତି, ଇରାନର ପ୍ରତିରକ୍ଷା ମନ୍ତ୍ରୀ ବ୍ରିଗେଡିୟର ଜେନେରାଲ ଅମିର ହତାମିଙ୍କ ସହ ସାକ୍ଷାତ୍‌କାର ଅତ୍ୟନ୍ତ ସାର୍ଥକ ଥିଲା। ଆଉ ଏକ ଟୁଇଟ୍‌ରେ ସେ କହିଛନ୍ତି, ଦୁଇ ପ୍ରତିରକ୍ଷା ମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ସହଯୋଗକୁ ଆଗକୁ ବଢ଼ାଇବାକୁ ନେଇ ଚର୍ଚ୍ଚା ହୋଇଛି। ତଥା ଆଫଗାନିସ୍ତାନରେ ଶାନ୍ତି ଓ ସ୍ଥିରତା ସହ ସୀମା ସୁରକ୍ଷା କଥା ମଧ୍ୟ ଆଲୋଚନା ହୋଇଛି।

ଇରାନ ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ସାକ୍ଷାତ୍ କଲେ ରାଜନାଥ



## ସୁରକ୍ଷା ପ୍ରମାଣିତ ପରେ ଆସିବ କରୋନା ଟିକା

ୱାଶିଂଟନ/ନୂଆଦିଲ୍ଲୀ, ୬।୯

ଆସନ୍ତା ନଭେମ୍ବର ୩ରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି। ତେଣୁ ଏହାପୂର୍ବରୁ ଯଥାଶୀଘ୍ର କରୋନା ଟିକା ବଜାରକୁ ଆଣି ଭୋଟରଙ୍କୁ ପ୍ରଭାବିତ କରାଯିବାର ଆଶା ରହିଛି। ତେବେ କୌଣସି ରାଜନୈତିକ ଚାପ ଆଗରେ ଆମେରିକୀୟ ଔଷଧ କମ୍ପାନୀଗୁଡ଼ିକ ମୁଣ୍ଡ ନୁଆଇଁବେନି ବୋଲି ରୋକ୍ ଠୋକ୍ କହିଦେଇଛନ୍ତି। ସୁରକ୍ଷିତ ଏବଂ କରୋନା ପ୍ରତିରୋଧରେ ପ୍ରଭାବଶାଳୀ ବୋଲି ପ୍ରମାଣ ମିଳିବା ପରେ ଯାଇ ଟିକାକୁ ବଜାରକୁ ଛଡ଼ାଯିବ ବୋଲି ଔଷଧ କମ୍ପାନୀଗୁଡ଼ିକ କହିଛନ୍ତି। ଫାଇଜର, ଜନସନ୍ ଆଣ୍ଡ୍ ଜନସନ୍ ଏବଂ ମୋଡର୍ନା ଆଦି ୩ ଔଷଧ କମ୍ପାନୀ ପକ୍ଷରୁ ଏ ସମ୍ପର୍କିତ ଏକ ମିଳିତ ବିବୃତି ଆସନ୍ତା ସପ୍ତାହରେ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି। ୱାଲ ଷ୍ଟ୍ରିଟ୍ ଜର୍ନାଲ ଅନୁସାରେ ଏହି ମିଳିତ ବିବୃତିକୁ ଏବେ ଚୂଡାନ୍ତ ରୂପ ଦିଆଯାଉଛି। ତେବେ କୌଣସି ରାଜନୈତିକ ଦଳର ଫାଇଦା ପାଇଁ ସମୟ ପୂର୍ବରୁ କରୋନା ଟିକାକୁ ବଜାରକୁ ଅଣାଯିବ ନାହିଁ ବୋଲି ସମ୍ପୃକ୍ତ କମ୍ପାନୀମାନେ କହିଛନ୍ତି।

# ପାକିସ୍ତାନରେ ମହିଳା ଖବରଦାତାଙ୍କୁ ହତ୍ୟା

ଇସ୍‌ଲାମାବାଦ୍,୬।୯

ପାକିସ୍ତାନରେ ଜଣେ ୨୭ ବର୍ଷୀୟ ମହିଳା ଖବରଦାତାଙ୍କୁ ଶନିବାର ସନ୍ଧ୍ୟାରେ ଗୁଳି କରି ହତ୍ୟା କରାଯାଇଛି। ଶାହିନା ଶାହିମ୍ ନାମକ ଏହି ଖବରଦାତା ଜଣକ ଏକ ସରକାରୀ ଟିଭି ଚ୍ୟାନେଲ୍‌ରେ କାମ କରୁଥିଲେ। ଶାହିନାଙ୍କ ଘରେ ତାଙ୍କୁ ହତ୍ୟା କରାଯାଇଛି। ୨ ଆକ୍ରମଣକାରୀ ଶାହିନାଙ୍କ ଘର କବାଟ ବାଡ଼େଇଥିଲେ। ସେ କବାଟ ଖୋଲିବା ମାତ୍ରେ ତାଙ୍କ ଉପରକୁ ୫ ରାଉଣ୍ଡ ଗୁଳି ଚଳାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହା ଦେଖି ଜଣେ ବ୍ୟକ୍ତି ଶାହିନାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ଏହି ଘଟଣାରେ ଶାହିନାଙ୍କ ସ୍ୱାମୀଙ୍କ ହାତ ଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ଶାହିନାଙ୍କ ସ୍ୱାମୀ ଏବଂ ତାଙ୍କ ପରିବାରର କିଛି ସଦସ୍ୟଙ୍କ ନାମରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶାହିନା ପ୍ରଥମେ ଇସ୍‌ଲାମାବାଦ୍‌ରେ ଏକ ଘରୋଇ ଟିଭି ଚ୍ୟାନେଲ୍‌ରେ କାର୍ଯ୍ୟ କରୁଥିଲେ। ଏହା ପରେ ତାଙ୍କୁ ସରକାରୀ ଟିଭି ଚ୍ୟାନେଲ୍‌ରେ ଆଙ୍କର ଭାବେ ନିଯୁକ୍ତି ମିଳିଥିଲା। ଇସ୍‌ଲାମାବାଦରେ କିଛି ମାସ ରହିବା ପରେ ତାଙ୍କୁ ବାଲୁଚିସ୍ତାନର ତୁର୍ବାଟକୁ ବଦଳି କରାଯାଇଥିଲା। ବାଲୁଚିସ୍ତାନରେ ସେ ବହୁ ପ୍ରସିଦ୍ଧି ଲାଭ କରିବାରୁ ଅସହିଷ୍ଣୁ ହୋଇ ତାଙ୍କ ସ୍ୱାମୀ ଏହି ହତ୍ୟା କରିଥିବା କୁହାଯାଉଛି। ପ୍ରକାଶ ଯେ, ୨୦୧୮ର ଏକ ରିପୋର୍ଟ ଅନୁସାରେ ବାଲୁଚିସ୍ତାନରେ ସମ୍ମାନ ନାମରେ ୩୦ଜଣ ମହିଳାଙ୍କ ସମେତ ୫୦ଜଣଙ୍କୁ ହତ୍ୟା କରାଯାଇଥିଲା। ଏହି ରିପୋର୍ଟ ଦି ଅରାତ ଫାଉଣ୍ଡେଶନ ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା। ଏହି ସଂଗଠନ ମହିଳାଙ୍କ ଅଧିକାର ପାଇଁ କାର୍ଯ୍ୟ କରୁଛି। ଶାହିନା ଏହି ରିପୋର୍ଟ ପ୍ରସ୍ତୁତି ଏବଂ ପ୍ରସାରଣରେ ସହାୟତା କରିଥିଲେ ବୋଲି ଅଭିଯୋଗ ହେଉଥିଲା। ସୂଚନାଯୋଗ୍ୟ, ଗତ ବର୍ଷ ମେ ମାସରେ ଉରୁଜ ଇକ୍‌ବାଲ ନାମକ ଜଣେ ମହିଳା ଖବରଦାତାଙ୍କୁ ମଧ୍ୟ ଗୁଳିକରି ହତ୍ୟା କରାଯାଇଥିଲା। ଏଯାବତ୍ ଉକ୍ତ ଘଟଣାର ହତ୍ୟାକାରୀଙ୍କୁ ପୋଲିସ ଧରିପାରି ନାହିଁ।

# ଫୁରସତ୍



ମୌନୀ ରାୟ

## ୱେବ୍‌ସିରିଜ୍ ପାଇଁ ମୌନୀ ଖୁସି

ନୂଆଦିଲ୍ଲୀ: ବଲିଉଡ୍ ଅଭିନେତ୍ରୀ ମୌନୀ ରାୟ ହେଉଛନ୍ତି ଜଣେ ସଫଳ ଅଭିନେତ୍ରୀ। ଟେଲି ଦୁନିଆରୁ କ୍ୟାରିୟର ଆରମ୍ଭ କରି ବଲିଉଡ୍‌ରେ ମଧ୍ୟ ବେଶ୍ ନାଁ କମେଇଛନ୍ତି। ନିଜ ହଟ୍ ଲୁକ୍ସ ଏବଂ ବୋଲ୍ଡ ଅନ୍ଦାଜ୍ ପାଇଁ ବେଶ୍ ଚର୍ଚ୍ଚାରେ। ମୌନୀ ଏବେ ବହୁତ ଖୁସି ଅଛନ୍ତି। ନିକଟରେ ଜୀ ୫ର ଆଗାମୀ ୱେବ୍‌ସିରିଜ୍‌ରେ ତାଙ୍କୁ ଦେଖିବାକୁ ମିଳିବ। ଯାହାର ନାମ ହେଲା 'ଲଣ୍ଡନ କନ୍‌ଫିଡେନ୍ସିଆଲ'। ସେଥିପାଇଁ ସେ ଏକ୍ସାଇଟେଡ ମଧ୍ୟ ଅଛନ୍ତି। ଏହି ୱେବ୍‌ସିରିଜ୍ ବ୍ୟତୀତ ସେ ନିକଟରେ ଏକ ଫଟୋଶୁଟ୍ କରି ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି। ଏହି ଫଟୋଗୁଡ଼ିକ ଇନ୍‌ଷ୍ଟାରେ ଟ୍ରେଣ୍ଡିଂରେ ଚାଲିଛି। ଫ୍ୟାନ୍‌ମାନେ ପସନ୍ଦ କରିବାସହ କମେଣ୍ଟ ମଧ୍ୟ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୪ଲକ୍ଷରୁ ଅଧିକ ଲୋକ ଏହାକୁ ଲାଇକ୍ କରିସାରିଲେଣି। ଲକ୍‌ଜ୍ୟୁରିୟସ୍ ରେଡ୍ କାର୍‌ରେ ମୌନୀଙ୍କ ଫଟୋଗୁଡ଼ିକ ବେଶ୍ କିଲର୍ ହୋଇଛି ବୋଲି କେହି କେହି କମେଣ୍ଟ କରିଛନ୍ତି। ମୌନୀ ଏକ ବେଙ୍ଗଲୀ ପରିବାରରୁ ଜନ୍ମଗ୍ରହଣ କରିଛନ୍ତି। ମୌନୀ ୨୦୦୬ରୁ ଏକ ଟେଲି ସିରିୟଲରୁ କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କର ମହାଦେବ୍, ନାଗୀନ ସିରିୟଲ ବେଶି ଲୋକପ୍ରିୟ ହାସଲ କରିଥିଲା। ସେ ତାଙ୍କ କମିଂ ୱେବ୍‌ସିରିଜ୍‌ର ଫଟୋ ପୋଷ୍ଟ କରି ଲେଖିଛନ୍ତି ଏହାପାଇଁ ମୁଁ ବହୁତ କଷ୍ଟ କରିଛି। ଆଶା କରୁଛି ଫ୍ୟାନମାନଙ୍କୁ ମୋ କାମ ପସନ୍ଦ ଆସିବ।

## ବରଫ ଭିତରେ ଅଢ଼େଇ ଘଣ୍ଟା

ନୂଆଦିଲ୍ଲୀ: ରେକର୍ଡ କରିବା ପାଇଁ ବେଳେବେଳେ ଲୋକେ ବହୁ ଅଜବ କାମ କରିଥାନ୍ତି। ଠିକ୍ ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଅଷ୍ଟ୍ରେଲିଆର ଜୋଶେଫ୍ କୋଏବର୍ଲ। ବରଫ ଭିତରେ ଅଢ଼େଇ ଘଣ୍ଟା ରହି ସେ ନିଜ ରେକର୍ଡକୁ ନିଜେ ଭାଙ୍ଗିଛନ୍ତି।

ଏକ ବଡ଼ ପାତ୍ର ଭିତରେ ୨୦୦ କିଲୋଗ୍ରାମ ଓଜନର ବରଫ ଭିତରେ ଜୋଶେଫ୍ ଖାଲି ଦେହରେ ପୂରା ୨ ଘଣ୍ଟା ୩୦ ମିନିଟ୍ ୫୭ ସେକେଣ୍ଡ ରହି ରେକର୍ଡ କରିଛନ୍ତି। ବରଫ ଭିତରେ ଏତେ ସମୟ ରହିବା ପଛରେ କେବଳ ତାଙ୍କର ଦୃଢ଼ ମନୋବଳ ହିଁ କାମ କରିଛି ବୋଲି ସେ କହିଛନ୍ତି। ଅବଶ୍ୟ ବରଫ ଭିତରେ ପ୍ରଥମେ ରହିବା ମାତ୍ରେ ଅତ୍ୟଧିକ ଥଣ୍ଡାକୁ ସେ ପ୍ରଥମେ ସହ୍ୟ କରିପାରିବେ ନାହିଁ ବୋଲି ଭାବୁଥିଲେ। କିନ୍ତୁ ଏହି କାମ ଯେ ଅସମ୍ଭବ ନୁହେଁ ଏକଥା ଚିନ୍ତାକରି ମନକୁ ଦୃଢ଼ କରି ସେ ସଫଳତା ହାସଲ କରିଥିଲେ। ଦୀର୍ଘ ସମୟ ବରଫ ଭିତରେ ରହିବା ପାଇଁ ସେ ଢେର୍ ଦିନ ଆଗରୁ ଅଭ୍ୟାସ ବି କରୁଥିଲେ। ତେଣୁ ଅଭ୍ୟାସ ବଳରେ ଯେ କିଛି କାମ ଅସମ୍ଭବ ନୁହେଁ ସେ ପ୍ରମାଣ କରି ଦେଖାଇଛନ୍ତି। ବଡ଼କଥା ହେଉଛି ଜୋଶେଫ ୨୦୧୯ ମସିହାରେ ଏଭଳି ଏକ ବରଫ ଭର୍ତ୍ତି ଟବ୍ ଭିତରେ ଅଧଘଣ୍ଟା ରହି ରେକର୍ଡ କରିଥିଲେ। ଆଉ ଏଥର ସେ ଏତେ ସମୟ ରହି ନିଜ ରେକର୍ଡକୁ ନିଜେ ଭାଙ୍ଗି ପାରିଛନ୍ତି। ଜୋଶେଫଙ୍କୁ ବରଫ ଭିତରେ ଏତେ ସମୟ ରହିଥିବା ଦେଖିବା ପାଇଁ ଲୋକଙ୍କର ଭିଡ଼ ଜମିଥିଲା। ଜୋଶେଫ୍ ବରଫ ଭିତରୁ ବାହାରିବା ପରେ ପ୍ରଥମେ ସୂର୍ଯ୍ୟକିରଣରେ କିଛି ସମୟ ବିତାଇଥିଲେ ଓ ବେଶ୍ ଖୁସି ଅନୁଭବ କରିଥିଲେ। ଦ୍ୱିତୀୟ ଥର ରେକର୍ଡ କରିଥିବା ଜୋଶେଫ୍ ପୁଣି ଥରେ ନିଜର ରେକର୍ଡ ଭାଙ୍ଗିବା ପାଇଁ ପ୍ରୟାସ କରିବେ ବୋଲି କହିଛନ୍ତି।



## ୯ ଟଙ୍କାରେ ଟି-ଶାର୍ଟ

**ଡିସ୍‌କାଉଣ୍ଟ୍ ସେଲ୍ ଭିଡିଓ ଭାଇରାଲ**

ଚେନ୍ନାଇ: କରୋନା ମହାମାରୀ ବେଳେ ବଡ଼ ଡିସ୍‌କାଉଣ୍ଟ ସେଲ୍। ମାତ୍ର ୯୯୯ ଟଙ୍କାରେ ୯ଟି ଶାର୍ଟ, ୯ ଟଙ୍କାରେ ଟି-ଶାର୍ଟ। ଏପରି ସେଲ୍ ବିଷୟରେ ଜଣାପଡ଼ିବା ପରେ ତାମିଲନାଡୁର ଗ୍ରେଟର ଚେନ୍ନାଇ ରୋୟାପେଟ୍ଟା ଡ. ବେସେଣ୍ଟ ରୋଡ୍‌ଠାରେ ଲୋକେ ଟି-ଶାର୍ଟ ନେବାକୁ ଲମ୍ବା ଲାଇନ ଲଗାଇଥିବା ଦେଖାଯାଇଥିଲା। ଏହି ଦୃଶ୍ୟ ଭାଇରାଲ ହେବା ପରେ ଲୋକେ ବିନା ମାସ୍କରେ ସାମାଜିକ ଦୂରତ୍ୱକୁ ଭୁଲି ଦୋକାନ ସମ୍ମୁଖରେ ଭିଡ଼ ଜମାଇଥିଲେ। ଘଟଣା ସମ୍ପର୍କରେ ପୋଲିସ ପାଖରେ ଖବର ପହଞ୍ଚିଥିଲା। ପୋଲିସ ଟିମ୍ ଦୋକାନକୁ ସିଲ୍ କରିବା ସହିତ ଭିଡ଼ ଜମାଇଥିବା ଲୋକଙ୍କୁ ସେଠାରୁ ଘଉଡ଼ାଇ ଦେଇଥିଲେ। ଦୋକାନ ମାଲିକଙ୍କୁ ନୋଟିସ୍ ଜାରି କରାଯାଇଥିବା ଗ୍ରେଟର ଚେନ୍ନାଇ କର୍ପୋରେଶନ ପକ୍ଷରୁ ସୂଚନା ଦିଆଯାଇଛି।

## କଳା କୌଶଳର ଫ୍ୟୁଜନ୍

ନୂଆଦିଲ୍ଲୀ: ସମୁଦ୍ର କୂଳରେ ବେଳେବେଳେ ଅଜବ ଜୀବଜନ୍ତୁ ଦେଖାଯା'ନ୍ତି। ଏମିତି କିଛି ସାମୁଦ୍ରିକ ଜୀବ ଏବେ ସୋସିଆଲ ମିଡିଆରେ ଚହଳ ସୃଷ୍ଟି କରିଛନ୍ତି। ଏହି ଜୀବଗୁଡ଼ିକ ଭିନ୍ନ ଭିନ୍ନ ଷ୍ଟାଇଲରେ ତିଆରି ହୋଇଛନ୍ତି। କେଉଁ ଜୀବଟି ଏକ ତିନି ମହଲା ଘର ଭଳି ଦିଶୁଛି ତ କେଉଁ ଜୀବଟି ଏକ ଅଦ୍ଭୁତ କଳାକୃତି ପରି ହୋଇଛି। ସୋସିଆଲ ମିଡିଆରେ ଦେଖାଯାଉଥିବା ଏହି ଜୀବଗୁଡ଼ିକ ପ୍ରକୃତରେ ଜୀବନ୍ତ ନୁହନ୍ତି। ଜଣେ କଳାକାର ଏଭଳି କଳାକୃତି ତିଆରି କରି ତାକୁ ଜୀବନ୍ତ କରିବାକୁ ଚେଷ୍ଟା କରିଛନ୍ତି।

ୱଣ୍ଡର ଅଫ୍ ସାଇନ୍ସ ନାମକ ଏକ ଟୁଇଟର ପ୍ରୋଫାଇଲରେ ଏଭଳି କେତେଗୁଡ଼ିଏ କଳାକୃତିକୁ ଶେୟାର କରାଯାଇଛି। ଏହି ସବୁ କଳାକୃତି ଏତେ ସୁନ୍ଦର ହୋଇଛି ଯେ ଦେଖିବା ଲୋକେ ହଠାତ୍ ବିଶ୍ୱାସ କରିପାରିବେ ନାହିଁ। ଜଣେ ଡଚ୍ କଳାକାର ଥେଓ ଜାନସେନ୍ ଏହି କଳାକୁ ତିଆରି କରିଛନ୍ତି। ଲମ୍ବାବାଡ଼ିରେ ତିଆରି ହୋଇଥିବା ଏହି କଳାଗୁଡ଼ିକ ଏଭଳିଭାବେ ତିଆରି ହୋଇଛି ଯେ, ତାହା ସମୁଦ୍ର କୂଳରେ ପବନ ବାଜିବା ମାତ୍ରେ ଚାଲିବା ଭଳି ମନେହେବ। ସତେଯେମିତି କୌଣସି ଭିନ୍ନ ପ୍ରକାରର ସାମୁଦ୍ରିକ ଜୀବ ଅଙ୍ଗଭଙ୍ଗୀ କରି ବେଳାଭୂମିରେ ଚାଲୁଛି। କଳା ସହିତ ବିଜ୍ଞାନର ଏହି ସମିଶ୍ରଣ ଏବେ ଲୋକଙ୍କୁ ଢେର୍ ଆକୃଷ୍ଟ କରିପାରିଛି। ଥେଓ କହିଛନ୍ତି ସେ କଳା ସହିତ ଇଞ୍ଜିନିୟରିଂ କାମର ଏକ ଫ୍ୟୁଜନ୍ ସୃଷ୍ଟି କରି ଏପରି କରି ପାରିଛନ୍ତି। ଥେଓଙ୍କର ଏହି କଳାକୃତି ଏତେ ସୁନ୍ଦର ଓ ଆକର୍ଷଣୀୟ ହୋଇଛି ଯେ ତାକୁ ଶେୟାର କରିବାର ମାତ୍ର ଦିନକ ପରେ ଏହାକୁ ପ୍ରାୟ ୯ ଲକ୍ଷ ଲୋକ ଦେଖି ସାରିଛନ୍ତି। ପ୍ରାୟ ୫୦ହଜାର ଲୋକ ଏହି ଭିଜୁଆଲକୁ ଲାଇକ୍ କରିବା ସହିତ ହଜାର ହଜାର କମେଣ୍ଟରେ ସୋସିଆଲ ମିଡିଆ ଭର୍ତ୍ତି ହୋଇଯାଇଛି।




## ଡାଏନାଙ୍କ ଉପରେ ହେବ ଡକ୍ୟୁମେଣ୍ଟାରି

ଲଣ୍ଡନ: ପ୍ରିନ୍ସ ହ୍ୟାରି ଓ ତାଙ୍କ ସହଧର୍ମିଣୀ ମେଗାନ ମର୍କେଲ ରାଜକୁମାରୀ ଡାଏନାଙ୍କ ଜୀବନୀକୁ ନେଇ ଏକ ଡକ୍ୟୁମେଣ୍ଟାରି ନିର୍ମାଣ କରିବାକୁ ଚିନ୍ତା କରିଛନ୍ତି। ଏଥିପାଇଁ ନେଟଫ୍ଲିକ୍ସ ସହ କଥା ହେବାକୁ ସେମାନେ ପ୍ରସ୍ତୁତ ହୋଇସାରିଲେଣି। ଏହି ଡକ୍ୟୁମେଣ୍ଟାରି ଫିଲ୍ମ ରାଜକୁମାରୀ ଡାଏନାଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ହେବ ବୋଲି କୁହାଯାଉଛି। ଏଥିପାଇଁ ନେଟଫ୍ଲିକ୍ସ ସହ ୧୧୨ ମିଲିୟନ ପାଉଣ୍ଡର ଏକ ଡିଲ୍ ହେବ ବୋଲି ଶୁଣିବାକୁ ମିଳିଛି। ଚଳିତ ସପ୍ତାହରେ ଡ୍ୟୁକ ଓ ଡଚେସ ଷ୍ଟ୍ରିମିଂର ବଡ଼ କମ୍ପାନୀ ନେଟଫ୍ଲିକ୍ସ ସହ ଏହାକୁ ନେଇ ଏକ ଚୁକ୍ତି କରାଯିବା କଥା କହିଛନ୍ତି। ଏହି ଫିଲ୍ମ ନିର୍ମାଣ ପାଇଁ ସେମାନେ ନେଟଫ୍ଲିକ୍ସ ମଞ୍ଚକୁ ବ୍ୟବହାର କରିବାକୁ ଚାହିଁଥିବା ଦର୍ଶାଇଛନ୍ତି। ପ୍ରିନ୍ସ ହ୍ୟାରି ଓ ତାଙ୍କ ସହଧର୍ମିଣୀ ମେଗନ ମାର୍କେଲ ରାଜ ପରିବାରରୁ ଅଲଗା ହେବା ପରେ ଚଳିତ ବର୍ଷ ଜାନୁୟାରୀରେ ଏମିତି ଏକ ଡକ୍ୟୁମେଣ୍ଟାରି ଫିଲ୍ମ ନିର୍ମାଣ କରିବାକୁ ସ୍ଥିର କରିଥିବା କୁହାଯାଏ। ଏମାନେ ନିଜେ ଏକ ପ୍ରଡକ୍ସନ କମ୍ପାନୀ ଆରମ୍ଭ କରିଥିବା ବେଳେ ସେଥିରେ ଡକ୍ୟୁମେଣ୍ଟାରି, ଫିଚର ଫିଲ୍ମ ଓ ପିଲାଙ୍କ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ମାତ୍ର ୩୬ ବର୍ଷ ବୟସରେ ୧୯୯୭ରେ ଏକ କାର୍ ଦୁର୍ଘଟଣାରେ ରାଜକୁମାରୀ ଡାଏନାଙ୍କ ମୃତ୍ୟୁ ହୋଇଥିଲା। ଏହି ଡକ୍ୟୁମେଣ୍ଟାରିରେ ଡାଏନାଙ୍କ ଜୀବନୀ ଓ ତାଙ୍କ ଦ୍ୱାରା କରାଯାଇଥିବା କାମକୁ ଦେଖାଯିବ ବୋଲି କୁହାଯାଉଛି। ଯେମିତିକି ଡାଏନା ଏଡ୍‌ସ ପୀଡ଼ିତଙ୍କ ପାଇଁ କାମ କରିଆସିଥିଲେ ଚର୍ଚ୍ଚାକୁ।



ରାଜକୁମାରୀ ଡାଏନା

## କରୋନା ସଂକ୍ରମଣ ସ୍ଥିତି




| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୭୧,୪୯,୨୧୩ | ୮,୮୪,୯୬୦ | ୧,୯୨,୬୩,୯୪୮ |
| ଭାରତ | ୪୧,୬୦,୪୯୩ | ୭୧,୧୨୦ | ୩୨,୧୯,୭୫୦ |
| ଓଡ଼ିଶା | ୧,୨୪,୦୩୧ | ୫୪୬(+୫୩) | ୯୬,୩୬୪ |

ରବିବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୧୩ରେ ଲଘୁଚାପ
### ୨ ଦିନ ଯାଏ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା



**ଭୁବନେଶ୍ୱର, ୬।୯(ବ୍ୟୁରୋ):** ଆସନ୍ତା ୧୩ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର, ଆନ୍ଧ୍ର ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୧୨ ତାରିଖରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ଏବଂ ୧୩ ତାରିଖରେ ଏହା ଲଘୁଚାପ ରୂପ ନେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡ଼ିଶା ବିଶେଷ କରି ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡା ଆଦି ଜିଲାରେ ୧୨ ତାରିଖରୁ ୧୪ ତାରିଖ ଯାଏ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଉପକୂଳ ଓଡିଶାରେ ଆକାଶ ମେଘାଚ୍ଛନ୍ନ ରହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ରାଜ୍ୟରେ ଆସନ୍ତା ସପ୍ତାହେ ଯାଏ କାଁ ଭାଁ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ରାୟଗଡା, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ନୟାଗଡ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, ଦେବଗଡ଼, ନୂଆପଡ଼ା, ବରଗଡ଼, ସମ୍ବଲପୁର ଏବଂ ବଲାଙ୍ଗୀର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବ । ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଚଳିତ ମୌସୁମୀରେ ଏ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ସ୍ୱାଭାବିକ ରହିଛି। ଜୁନ ପହିଲାରୁ ସେପ୍ଟେମ୍ବର ୬ ତାରିଖ ଯାଏ ରାଜ୍ୟରେ ୨ ପ୍ରତିଶତ କମ ବର୍ଷା ହୋଇଛି। ତେବେ ରାଜ୍ୟର ୨ଟି ଜିଲାରେ ସ୍ୱାଭାବିକ ଠାରୁ କମ ବର୍ଷା ହୋଇଥିବା ବେଳେ ୨୮ଟି ଜିଲାରେ ସ୍ୱାଭାବିକ ହୋଇଛି। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗଜପତି ଜିଲାରେ ୨୧ ପ୍ରତିଶତ କମ ବର୍ଷା ହୋଇଥିବା ବେଳେ ଖୋର୍ଦ୍ଧାରେ ୨୫ ପ୍ରତିଶତ କମ ବର୍ଷା ହୋଇଛି।

### ଟେମରି ସରପଞ୍ଚ ନିଲମ୍ବିତ


**ବରଗଡ଼ ଅଫିସ୍/ପାଇକମାଳ,୬।୯:** ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର କାମରେ ପ୍ରଶାସନକୁ ସହଯୋଗ କରୁ ନ ଥିବା ଅଭିଯୋଗରେ ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଟେମରି ପଞ୍ଚାୟତର ସରପଞ୍ଚ ନିରୁପା ସିଂହଙ୍କୁ ନିଲମ୍ବିତ କରାଯାଇଛି। ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା-୬୯୬ ତା-୪।୯।୨୦୨୦ ଅନୁସାରେ ପଞ୍ଚାୟତିରାଜ ବିଭାଗର ଆଦେଶ ସଂଖ୍ୟା-୧୩୭୭୦ ତା-୩।୯।୨୦୨୦ କ୍ରମେ ଓଜପି ଆକ୍ଟ-୧୯୬୪ ସେକ୍ସନ-୧୧୫ର ସବସେକ୍ସନ-୨ ଆଧାରରେ ତାଙ୍କୁ ନିଲମ୍ବିତ କରାଯାଇଛି। ଅନ୍ୟପଟେ ଉକ୍ତ ପଞ୍ଚାୟତର ନାଏବ ସରପଞ୍ଚ ଶଶୀ ବନଛୋରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ ରହିଛି। ଏ ସମ୍ପର୍କରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କୁ ପଚାରିବାରୁ ସେ କହିଲେ, ଟେମରି ପଞ୍ଚାୟତରେ ଏମ୍‌ଜିଏନଆର୍‌ଇଜିଏସ୍‌ରେ ହୋଇଥିବା କାମଗୁଡ଼ିକରେ ପ୍ରଶାସନକୁ ସହଯୋଗ କରୁ ନ ଥିବା ନେଇ ସରପଞ୍ଚଙ୍କ ବିରୋଧରେ ଅଭିଯୋଗ ରହିଥିଲା। ସେହି ଅଭିଯୋଗକୁ ଆଧାର କରି ତଦନ୍ତ କରାଯିବା ପରେ ତାଙ୍କୁ ନିଲମ୍ବନ କରାଯାଇଥିବା ସେ କହିଥିଲେ।

# ସଂକ୍ରମଣରେ ଦଶମ ସ୍ଥାନରେ ଓଡ଼ିଶା

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

## ପୁଣି ରେକର୍ଡ ସଂଖ୍ୟକ ୩,୮୧୦ ଚିହ୍ନଟ, ୮ ମୃତ

- ରାଜ୍ୟରେ ଆକ୍ରାନ୍ତ ହେଲେଣି ୧,୨୪,୦୩୧
- ୫୪୬ ଛୁଇଁଲା କରୋନା ମୃତ୍ୟୁ
- ଖୋର୍ଦ୍ଧାରେ ସର୍ବାଧିକ ଆକ୍ରାନ୍ତ, ଦ୍ୱିତୀୟ ସ୍ଥାନରେ ଗଞ୍ଜାମ, ତୃତୀୟରେ କଟକ



ରାଜ୍ୟରେ କରୋନା ମହାମାରୀ ହୁହୁ ହୋଇ ମାଡ଼ି ଚାଲିଛି। ସଂକ୍ରମଣରେ ରେକର୍ଡ ପରେ ରେକର୍ଡ ଭାଙ୍ଗି ଚାଲିଥିବା ଓଡ଼ିଶା ଏବେ ଦେଶରେ ଦଶମ ସ୍ଥାନରେ ରହିଛି। ମହାରାଷ୍ଟ୍ରରେ ସବୁଠାରୁ ଅଧିକ ଲୋକ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୮ଲକ୍ଷ ୮୩ହଜାର ୮୬୨ରେ ପହଞ୍ଚିଥିବାବେଳେ ଏହାତଳକୁ ଯଥାକ୍ରମେ ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ଉତ୍ତର ପ୍ରଦେଶ, ଦିଲ୍ଲୀ, ପଶ୍ଚିମବଙ୍ଗ, ବିହାର ଓ ଓଡ଼ିଶା ରହିଛି। ଶେଷ ୨୪ ଘଣ୍ଟାରେ ରାଜ୍ୟରୁ ପୁଣି ରେକର୍ଡ ସଂଖ୍ୟକ ୩,୮୧୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରରୁ ୨,୨୮୬ ଜଣ ବାହାରିଥିବାବେଳେ ୧,୫୨୪ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭୯୭ଜଣ ରହିଥିବାବେଳେ ବରଗଡ଼ ୩୯୬, କଟକ ୩୨୨, ଯାଜପୁର ୨୫୨, ଝାରସୁଗୁଡ଼ା ୧୯୨, ମୟୂରଭଞ୍ଜ ୧୪୨, ବାଲେଶ୍ୱର ୧୨୦, ପୁରୀ ୧୧୭, ଗଞ୍ଜାମ ୧୦୮, ଭଦ୍ରକ ୧୦୭, ସୋନପୁର ୧୦୬, କେନ୍ଦ୍ରାପଡ଼ା ୧୦୩, ରାୟଗଡ଼ା ୧୦୧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବାକିସବୁ ଜିଲାରେ ନୂଆ ଆକ୍ରାନ୍ତ ସଂଖ୍ୟା ଏହା ତଳକୁ ରହିଥିବାବେଳେ ଦେବଗଡ଼ ଜିଲାରୁ ସବୁଠାରୁ କମ୍ ଅର୍ଥାତ୍ ୭ଜଣ ବାହାରିଛନ୍ତି।

ଏହାକୁ ମିଶାଇ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୧,୨୪,୦୩୧ରେ ପହଞ୍ଚିଛି। ଏଥିମଧ୍ୟରୁ ୩୨% ମହିଳା ଥିବାବେଳେ ୬୮% ପୁରୁଷ ରହିଛନ୍ତି। ତେବେ ସଂକ୍ରମଣରେ ଶୀର୍ଷରେ ରହିଥିବା ଖୋର୍ଦ୍ଧା ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୧,୪୧୫ ଛୁଇଁଥିବାବେଳେ ୧୮,୬୫୨ ଆକ୍ରାନ୍ତଙ୍କ ସହ ଗଞ୍ଜାମ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା କଟକରେ ସଂକ୍ରମଣ ୧୦,୩୭୫ ଛୁଇଁଛି। ଏହା ତଳକୁ ରାୟଗଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, ଯାଜପୁର, ପୁରୀ, ବାଲେଶ୍ୱର, କୋରାପୁଟ ଆଦି ଜିଲା ରହିଛି। ଅନ୍ୟପକ୍ଷରେ ରାଜ୍ୟରୁ ପୁଣି ୮ଜଣଙ୍କ ଜୀବନ ନେଇଛି କରୋନା। ଗଞ୍ଜାମରୁ ସର୍ବାଧିକ ୪ଜଣ ଥିବାବେଳେ କୋରାପୁଟ, ରାୟଗଡ଼ା, ସୁନ୍ଦରଗଡ଼ ଓ ଖୋର୍ଦ୍ଧା (ଭୁବନେଶ୍ୱର)ରୁ ଜଣେ ଲେଖାଏ ମୃତକ ରହିଛନ୍ତି। ଫଳରେ ରାଜ୍ୟରେ କରୋନା ମୃତ୍ୟୁ ୫୪୬କୁ ବୃଦ୍ଧି ପାଇଥିବାବେଳେ ଗଞ୍ଜାମ ଜିଲାରେ ସର୍ବାଧିକ ୨୦୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଖୋର୍ଦ୍ଧାରେ ୭୫, ସୁନ୍ଦରଗଡ଼ରେ ୩୮, କଟକ ୩୭, ରାୟଗଡ଼ାରେ ମୃତ୍ୟୁ ସଂଖ୍ୟା ୨୮ରେ ପହଞ୍ଚିଛି।

### ହୋମ୍ ଆଇସୋଲେଶନ: ରାଜ୍ୟରେ ୫୫%, ମାଲକାନଗିରିରେ ୯୮%

ରାଜ୍ୟରେ ଏବେ ଅଧିକାଂଶ ଆକ୍ରାନ୍ତ ହୋମ୍ ଆଇସୋଲେଶନରେ ରହିବା ପାଇଁ ପସନ୍ଦ କରୁଛନ୍ତି। ଇତିମଧ୍ୟରେ ରାଜ୍ୟର ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୫୫% ହୋମ୍ ଆଇସୋଲେଶନରେ ରହିଛନ୍ତି। ତେବେ ମାଲକାନଗିରି ଜିଲାରେ ସର୍ବାଧିକ ୯୮% ଆକ୍ରାନ୍ତ ହୋମ୍ ଆଇସୋଲେଶନରେ ରହିଥିବାବେଳେ ପୁରୀରେ ୮୫%, ରାୟଗଡ଼ାରେ ୬୫%, କୋରାପୁଟରେ ୭୯%, ବରଗଡ଼ରେ ୭୫%, ସମ୍ବଲପୁର ଓ ନବରଙ୍ଗପୁରରେ ୭୪%, ବଲାଙ୍ଗୀରରେ ୭୨%, ସୁନ୍ଦରଗଡ଼ରେ ୭୧%, କଟକରେ ୪୯%, ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୩୩% ରହିଛନ୍ତି। ଜଗତ୍‌ସିଂହପୁର ଜିଲାରେ ସବୁଠାରୁ କମ୍ ସଂଖ୍ୟକ ଅର୍ଥାତ୍ ୨୮% ଆକ୍ରାନ୍ତ ହୋମ୍ ଆଇସୋଲେଶନରେ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି।

# ଅନୁଭବ-ବର୍ଷା ବିବାଦ: ଆଜି ଶୁଣାଣି

**କଟକ ଅଫିସ,୬।୯**



- ଭଲ ସ୍ତ୍ରୀ, ବୋହୂ ହେବାରେ ବର୍ଷା ବିଫଳ: ଅନୁଭବ
- ଦିଲ୍ଲୀ ପଟିଆଲା ହାଉସ କୋର୍ଟରେ ଛାଡ଼ପତ୍ର ଆବେଦନ

ଓଲିଉଡର ଚର୍ଚ୍ଚିତ ଯୋଡ଼ି ଅଭିନେତା ତଥା ଏମ୍ପି ଅନୁଭବ ମହାନ୍ତି ଓ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ଉପୁଜିଥିବା ବିବାଦ ଏବେ ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଅନୁଭବଙ୍କ ବିରୋଧରେ ଅଭିଯୋଗ ଉଠାଇ ବର୍ଷା କଟକସଦର ଏସ୍‌ଡିଜେଏମ୍ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଅନୁଭବ ମଧ୍ୟ ଛାଡପତ୍ର ଦେବାକୁ ଦିଲ୍ଲୀ ପଟିଆଲା ହାଉସ୍ କୋର୍ଟରେ ଆବେଦନ କରିଛନ୍ତି। ପ୍ରସଙ୍ଗ ଜଟିଳ ପରିସ୍ଥିତି ଭିତରକୁ ଠେଲି ହେବାରେ ଲାଗିଲାଣି। ଅନ୍ୟପକ୍ଷରେ ବର୍ଷାଙ୍କ ଆବେଦନକୁ ନେଇ କଟକସଦର ଏସ୍‌ଡିଜେଏମ୍ କୋର୍ଟରେ ସୋମବାର ପ୍ରଥମ ଶୁଣାଣି ହେବ।

ଅନୁଭବ ଦିଲ୍ଲୀ ପଟିଆଲା ହାଉସ କୋର୍ଟରେ ଛାଡ଼ପତ୍ର ପିଟିଶନ ଦାଖଲ କରିଛନ୍ତି। ପିଟିଶନ ୪୭ ପୃଷ୍ଠାର ରହିଛି। ଏଥିରେ ସେ ବର୍ଷାଙ୍କ ନାଁରେ ଗୁରୁତର ଅଭିଯୋଗ ଉଠାଇଛନ୍ତି। ବିବାହ ପରେ ଶାରୀରିକ ସମ୍ପର୍କ ରଖିବା ପାଇଁ ବର୍ଷା ରାଜି ହେଉ ନ ଥିବା ଅନୁଭବ ଏଥିରେ ଉଲ୍ଲେଖ କରିଛନ୍ତି। ଯାହା ତାଙ୍କୁ ଅସହଜ, ଅସୁଖୀ କରୁଥିଲା। ବର୍ଷା ଶାଶୁଘରେ ନ ରହି ଅଧିକାଂଶ ସମୟ ବାପଘରକୁ ଚାଲି ଯାଉଥିଲେ। ଶାଶୁଘର ଖାଦ୍ୟ ତୁଳନାରେ ବାପଘର ଖାଦ୍ୟକୁ ଅଧିକ ପସନ୍ଦ କରୁଥିଲେ। ଏପରି କି ସେ ଶାଶୁଘର ଲୋକଙ୍କ ସହ ମିଶୁ ନ ଥିଲେ ଓ ବାରମ୍ବାର ବାପଘର ଯିବାକୁ ବାହାନା କରୁଥିଲେ ବୋଲି ଅନୁଭବ ପିଟିଶନରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଅନେକ ସମୟରେ ଝଗଡ଼ା ହେଉଥିଲା। ଜଣେ ସହ ଅଭିନେତ୍ରୀଙ୍କ ସହ ସମ୍ପର୍କ ରଖିଥିବା ଭଳି ମିଥ୍ୟା ଆରୋପ କରି ତାଙ୍କ ସହ କଳି କରୁଥିଲେ ଓ ବିଭିନ୍ନ କେସ୍‌ରେ ଫସାଇବାକୁ ଧମକ ଦେଉଥିଲେ ବୋଲି ମଧ୍ୟ ଅନୁଭବ ଦର୍ଶାଇଛନ୍ତି। ଭଲ ସ୍ତ୍ରୀ ଓ ଭଲ ବୋହୂ ହେବାରେ ବର୍ଷା ବିଫଳ ହୋଇଛନ୍ତି। ବର୍ଷାଙ୍କ ସହ ରହିବାକୁ ଅନୁଭବ ଅନିଚ୍ଛା ପ୍ରକାଶ କରିଥିବା ପିଟିଶନରେ ଉଲ୍ଲେଖ କରାଯାଇଛି। ୨୦୧୯ ମେ' ପହିଲାରୁ ଉଭୟ ଅଲଗା ରହୁଛନ୍ତି। ଏଣୁ ଏହି ବିବାହକୁ ରଦ୍ଦ କରିବା ସହ ଛାଡ଼ପତ୍ର ଆବେଦନକୁ ମଞ୍ଜୁର କରିବାକୁ ସେ ନିବେଦନ କରିଛନ୍ତି।




କଟକ ଯୋବ୍ରା ପାର୍କ ପରିସର ଏକ ଫୁଲ ଗଛ ଉପରେ ଖାଦ୍ୟ ଅନ୍ୱେଷଣରେ ଥିବା ଏଣ୍ଡୁଅ। (ଫଟୋ: ରାଜକିଶୋର ମହାନ୍ତି)

# କଂଗ୍ରେସର କଟାକ୍ଷ, ଭାଜପାର ସମାଲୋଚନା

**ଭୁବନେଶ୍ୱର,୬।୯(ବ୍ୟୁରୋ)**

### ଅନୁଭବ-ବର୍ଷାଙ୍କ ସମ୍ପର୍କରେ ଫାଟ ନେଇ ରାଜନୀତି

କେନ୍ଦ୍ରାପଡା ଏମ୍ପି ଅନୁଭବ ମହାନ୍ତି ଏବଂ ତାଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ସମ୍ପର୍କରେ ଫାଟ ଖବରକୁ ନେଇ ରାଜ୍ୟ ରାଜନୀତି ଜୋର ଧରିଛି। ଅନୁଭବଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଅଭିଯୋଗ ଆଣିବା ପରେ ସରକାରଙ୍କ ଆଡ଼କୁ ଅଙ୍ଗୁଳି ଉଠାଇବା ଆରମ୍ଭ କରିଛନ୍ତି ବିରୋଧୀ। ବିଜେଡିର ଏହା ମା'ଙ୍କୁ ସମ୍ମାନ ବୋଲି କଂଗ୍ରେସ କଟାକ୍ଷ କରିବା ସହ ଏମ୍ପି ଅନୁଭବଙ୍କ ଇସ୍ତଫା ଦାବି କରିଛି। ଅନ୍ୟପଟେ ଭାଜପା ମଧ୍ୟ ଟାର୍ଗେଟ କରିବାକୁ ଭୁଲି ନାହିଁ। ହେଲେ ଏହା ବିଜେଡି ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଶାସକ ଦଳ ନେତା କହିଛନ୍ତି।

କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ବିଜେଡି ସବୁବେଳେ ମା'ଙ୍କୁ ସମ୍ମାନର ନାରା ଦେଉଛି। ହେଲେ ତାଙ୍କ ଦଳର ଏମ୍ପି ନିଜ ସ୍ତ୍ରୀଙ୍କୁ ନିର୍ଯାତନା ଦିଅନ୍ତି। ପତ୍ନୀଙ୍କ ଆଗରେ ଅନ୍ୟମାନଙ୍କୁ ଧରି ଆସନ୍ତି। ଏହାଠୁ ଦୁର୍ଭାଗ୍ୟର ବିଷୟ ଆଉ କ'ଣ ହୋଇପାରେ। ଏମାନେ ହେଉଛନ୍ତି ଶାସକ ଦଳ ଟିମ୍। ଏଭଳି କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ମଧ୍ୟ ତାଙ୍କ ଟୁଇଟ୍‌ରେ ମହିଳାଙ୍କୁ ସମ୍ମାନର କଥା କହୁଥିବା ଶାସକ ବିଜେଡିର ଏହି ଏମ୍ପିଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଏହାସହ ବିଭିନ୍ନ ସ୍ଥାନରେ ଭାଜପା କର୍ମୀମାନେ ଅନୁଭବଙ୍କ କୁଶପୁତ୍ତଳିକା ଦାହ ସହ ତାଙ୍କ ଇସ୍ତଫା ଦାବି କରିଛନ୍ତି। ବିଜେଡି ବିଧାୟକ ଅରବିନ୍ଦ ଢାଲି କହିଛନ୍ତି, ଏହା ଏମ୍ପିଙ୍କ ବ୍ୟକ୍ତିଗତ ବ୍ୟାପାର। ତାହା ଉପରେ କିଛି କହିବା ଠିକ୍ ହେବନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ସ୍ୱଚ୍ଛ। ସେ କେବେ ଅନ୍ୟାୟକୁ ପ୍ରଶ୍ରୟ ଦିଅନ୍ତି ନାହିଁ ବୋଲି ଢାଲି କହିଛନ୍ତି। ଅନ୍ୟପଟେ ମହିଳା କମିଶନ ମିନତି ବେହେରା କହିଛନ୍ତି, ମାମଲା ବର୍ତ୍ତମାନ କୋର୍ଟରେ ଅଛି। ତେଣୁ ଏ ସମ୍ପର୍କରେ ମହିଳା କମିଶନ ବର୍ତ୍ତମାନ କିଛି ପଦକ୍ଷେପ ନେଇପାରିବେ ନାହିଁ। ଯଦି କୋର୍ଟରୁ ମାମଲା ପ୍ରତ୍ୟାହାର ହୋଇ ଆମ ନିକଟକୁ ଆସିବ ତେବେ କିଛି ସମାଧାନ ଲାଗି ଚେଷ୍ଟା କରିବୁ ବୋଲି ବେହେରା ପ୍ରକାଶ କରିଛନ୍ତି।

# ଭିଟାମାଟିରେ ଶ୍ରମିକଙ୍କ ମୃତଦେହ ସଂସ୍କାର

**ଆସିକା/ହିଞ୍ଜିଳିକାଟୁ,୬।୯(ଡି.ଏନ୍.ଏ.)**

- ସୁରଟ ଯାଉଥିବା ବସ୍ ଦୁର୍ଘଟଣାରେ ୮ ମୃତ୍ୟୁ ଘଟଣା
- ୨ଟି ବସ୍‌ରେ ଫେରିଲେ ବର୍ତ୍ତିଯାଇଥିବା ଶ୍ରମିକ


ଗଞ୍ଜାମ ଜିଲାରୁ ଶ୍ରମିକଙ୍କୁ ନେଇ ସୁରଟ ଯାଉଥିବା ବସ୍ ଶନିବାର ଛତିଶଗଡ଼ରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୮ ଜଣଙ୍କ ମୃତ୍ୟୁ ଘଟିଥିଲା। ରାୟପୁରଠାରେ ମୃତଦେହ ବ୍ୟବଚ୍ଛେଦ ପରେ ରବିବାର ସକାଳେ ପ୍ରଶାସନ ପକ୍ଷରୁ ନିଜ ନିଜ ଗ୍ରାମରେ ପହଞ୍ଚାଇ ଦିଆଯାଇଛି। ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଅନ୍ୟ ଶ୍ରମିକମାନେ ଦୁଇଟି ଗାଡିରେ ପ୍ରଶାସନ ସହାୟତାରେ ଗ୍ରାମକୁ ଆସିଛନ୍ତି।

ମୃତକ ତଥା ଆସିକା ବ୍ଲକ ଘଟକୁରୀ ଗ୍ରାମର ବିଶ୍ୱନାଥ ଗୌଡ, ଖଣ୍ଡଦେଉଳି ଗ୍ରାମର ଯୁଧିଷ୍ଠିର ନାୟକ, ଗାଙ୍ଗପୁର ଥାନା ବାଘୁଆପଲ୍ଲୀର ସୁଶାନ୍ତ ସ୍ୱାଇଁ, ବୋରି ନିକଟସ୍ଥ ଚାଞ୍ଚରପଲ୍ଲୀର ନାରାୟଣ ଗୁରୁ, ହିଞ୍ଜିଳି ଥାନା ବାଦିଆମ୍ବଗାଁର କୈଳାସ ଜେନାଙ୍କ ମୃତଦେହ ରାୟପୁରରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଗାଁକୁ ଆସିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଅନ୍ତିମ ସଂସ୍କାର କରାଯାଇଥିଲା। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୂର୍ବତନ ବିଧାୟକ ଦେବରାଜ ମହାନ୍ତି ପ୍ରମୁଖ ଘଟକୁରୀ ଓ ଖଣ୍ଡଦେଉଳି ଗ୍ରାମରେ ପହଞ୍ଚି ସମବେଦନା ଜଣାଇଥିଲେ। ଆସିକା ବିଡିଓ ରୋଶନ ଶତପଥୀ ଖଣ୍ଡଦେଉଳି ଗ୍ରାମରେ ଓ ତହସିଲଦାର ସଦାନନ୍ଦ ସେଠୀ ଘଟକୁରୀ ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାରରୁ ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଛନ୍ତି। ବାଘୁଆପଲ୍ଲୀ ଗ୍ରାମରେ ବେଲଗୁଣ୍ଠା ବିଡିଓ ଶଶୀଭୂଷଣ ମହାପାତ୍ର ଓ ଚାଞ୍ଚରାପଲ୍ଲୀ ଗ୍ରାମରେ ତହସିଲଦାର ସରୋଜ କୁମାର ବେହେରା ପହଞ୍ଚି ମୃତକଙ୍କ ପରିବାରକୁ ସହାୟତା ଦେଇଛନ୍ତି। ବାଦିଆମ୍ବଗାଁରେ ଛତ୍ରପୁର ଉପ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ଶୋକାକୁଳ ପରିବାରକୁ ଭେଟି ସହାୟତା ପ୍ରଦାନ କରିଛନ୍ତି।



ବିଧାୟିକା ମଞ୍ଜୁଳା ସ୍ୱାଇଁ ମୃତକଙ୍କ ପରିବାରକୁ ଭେଟୁଛନ୍ତି।

# ଜିଲାପାଳଙ୍କ ନାଁରେ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ



National Human Rights Commission
Manav Adhikar Bhawan Block-C, GPO Complex, INA,, DELHI -110023

RAJIB LOCHAN PRADHAN,
1060,KALINGA NAGAR,BHUBANESWAR KHURDA , ODISHA
Dated: 05/09/2020

Dear RAJIB LOCHAN PRADHAN,
The Commission has recieved your complaint and it has assigned diary number as 15000/IN/2020 with the following details:-

Complainant Details

| | | | |
|---|---|---|---|
| Name: | RAJIB LOCHAN PRADHAN | | |
| Mobile: | 9853592808 | Email: | rajiblochanpradhan88@gmail.com |
| Address: | 1060,KALINGA NAGAR,BHUBANESWAR | | |
| District: | KHURDA | State: | ODISHA |

Victim Details

| | | | |
|---|---|---|---|
| Victim Name: | People of Jagatsinghpur Town | Gender: | Both |
| Religion: | Unknown | Cast: | Unknown |
| Address: | Jagatsinghpur Town | | |
| District: | JAGATSINGHPUR | State: | ODISHA |

Incident Details

| | | | |
|---|---|---|---|
| Incident Place: | Jagatsinghpur Town | Incident Date: | 31/08/2020 |
| Incident Category: | SOCIAL RESPONSIBILITIES OF BUSINESS | | |
| Incident District: | JAGATSINGHPUR | Incident State: | ODISHA |
| Is it filed before any Court / State HRC | No | | |
| Incident Details: | To The Chairman, National Human Rights Commission, New Delhi,India. Respected Sir, 1.As per report Visual coverage & Published "The Paridarshak Tv" & newspapers on dtd 02.09.2020. 2.During the Pandemic Corona Odisha Government has mandated that no function should be crowded pulled more than 100People.But the Collector ,Jagatsinghpur Dist. & the Executive Officer,Jagatsinghpur Town arranged a crowded of more than 700 plus People whether the rule as in Government notification the crowded pulling for Public function not more than 100People . 3.That,time all over World fighted against on Pandemic Corona .So a gathering more than 700plus People for a Public function is strictly prohibited & illegal . 4.That,the Collector & E.O,Municipality,Jagatsinghpur has encouraged mass mobilization for this programmes on dt 31.08.2020.That is illegal . It is therefore prayed that,the Hon'ble Commission,N.H.R.C,New Delhi,India kindly may be pleased to allow my petition an directed to the Chief Secretary,Odisha & D.G.P,Odisha immediate action & lodged a F.I.R for the Concerned Officers .The Hon'be Commission may take any steps as deemed appropriate . And for which act of your kindness .The Complainant shall remain ever pray. Your's faithfully , Rajib Lochan Pradhan | | |

ଏନ୍‌ଏଚ୍‌ଆର୍‌ସିଙ୍କ ପକ୍ଷରୁ ରୁଜୁ କରାଯାଇଥିବା ଡାଏରୀର ନକଲ।

### ସ୍ୱାୟତ୍ତ ଶାସନ ଦିବସରେ କୋଭିଡ୍-୧୯ ନିୟମ ଉଲ୍ଲଂଘନ
### ପୌର ନିର୍ବାହୀ ଅଧିକାରୀଙ୍କ ନାଁରେ ମଧ୍ୟ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ,୬।୯**

ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ବିମଳ ଲେଙ୍କାଙ୍କ ନାଁରେ ଏନ୍‌ଏଚ୍‌ଆର୍‌ସି (ଜାତୀୟ ମାନବ ଅଧିକାର କମିଶନ)ରେ କୋଭିଡ୍-୧୯ ନିୟମ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱର କଳିଙ୍ଗନଗର ବାସିନ୍ଦା ତଥା ସାମାଜିକ କର୍ମୀ ରାଜୀବ ଲୋଚନ ପ୍ରଧାନଙ୍କ ଏହି ଅଭିଯୋଗ ଉପରେ ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ଡାଏରୀ ନମ୍ବର ୧୫୦୦୦/ଆଇଏନ୍/୨୦୨୦ ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସରେ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସ୍ୱତନ୍ତ୍ର ଉତ୍ସବର ଆୟୋଜନ ହୋଇଥିଲା। ଏଥିରେ ୭୦୦ରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ଫଳରେ ଜଗତ୍‌ସିଂହପୁରର ବହୁ ସଂଖ୍ୟକ ଲୋକ କରୋନା ସଂକ୍ରମିତ ହେବା ପାଇଁ ସୁଯୋଗ ସୃଷ୍ଟି କରିଥିଲା। ସାରା ବିଶ୍ୱ କରୋନା ମହାମାରୀ ଯୋଗୁ ପୀଡିତ। ଏ ପରିସ୍ଥିତିରେ ଉତ୍ସବରେ ଏତେ ସଂଖ୍ୟକ ଲୋକଙ୍କୁ ଏକାଠି କରାଯିବା ବେଆଇନ। କରୋନା ଭୂତାଣୁ ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର କୌଣସି ଉତ୍ସବରେ ୧୦୦ରୁ ଅଧିକ ଲୋକ ରହିପାରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। କିନ୍ତୁ ବାଡ଼ ଖେତ ଖାଇଲା ପରି ନିର୍ଦ୍ଦେଶ କାର୍ଯ୍ୟକାରୀ ଦାୟିତ୍ୱରେ ଥିବା ଜିଲାପାଳ କୋଭିଡ୍-୧୯ ନିୟମ ଉଲ୍ଲଂଘନ କରିଛନ୍ତି। ତେଣୁ ଜିଲାପାଳ ଓ ନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏପରି କି ଏତଲା ଦେବା ପାଇଁ ଓଡ଼ିଶା ମୁଖ୍ୟ ଶାସନ ସଚିବ ଓ ଡିଜିପି (ପୋଲିସ ମହାନିର୍ଦ୍ଦେଶକ)ଙ୍କୁ କମିଶନ ନିର୍ଦ୍ଦେଶ ଦେବାକୁ ଅଭିଯୋଗକାରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ମହାପାତ୍ର ଓ ପୌର ନିର୍ବାହୀ ଅଧିକାରୀ ଲେଙ୍କାଙ୍କୁ ମୋବାଇଲ ଫୋନ୍ ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

KIIT POLYTECHNIC
Redefining Diploma Engineering Education
A Constituent Wing of KIIT Group of Institutions
Kolab Campus, KIIT, Bhubaneswar-751024, Odisha

Applications are invited from
HSC / +2 Sc / ITI
Pass out Students for
Diploma Admission
Last Date for Online Registration
( 3 years Diploma ) 16/09/2020
Branches :
Civil | Computer Science | Electronics & Telecommunication
Electrical | Metallurgy | Mechanical

FACILITIES
- AC classroom & library
- Well equipped laboratory to impart better performance skill
- Extra academic support classes for academically slow performers
- Well furnished video library & smart classroom
- Indoor & outdoor stadiums
- Close supervision through CCTV camera
- MPR & Daily SMS to the parents/guardian
- 3-Tier Mentoring
- Counseling centre for career & emotional issues
- Placement preparedness enhancement programme
- Lateral entry examinations preparedness programme
- Cent percent placement every year
- Women's Grievances Redressal Forum

The Only Diploma Institute with Air Conditioned Classroom and Library
For queries relating to admission
contact: +91-8114382204, Mobile: 9437089956, 9937406929, 9861030178, 9861452930, Website : kp.kiit.ac.in, e - mail : kpkiit@kp.kiit.ac.in

STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT
OPEN FOR SPOT ADMISSION
LIMITED SEATS ARE VACANT

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. Diploma In Front Office Operation | $1\frac{1}{2}$ Year | 10+2 pass or equivalent | 25 Years as on 1st July 2020 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 3. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 4. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

LAST DATE OF ADMISSION: 15.09.2020
FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9348849484, 6370180040, 9437140772, 9437030720

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆଦିତ୍ୟ
ପରିବାରବର୍ଗ


ଆରାଧନା
ପରିବାରବର୍ଗ


ଦିବ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଓଡ଼ିଶା ବିପର୍ଯ୍ୟୟ ପରିଚାଳନାକୁ ଜାତିସଂଘର ପ୍ରଶଂସା

- ଟୁଇଟ୍ କଲେ ସୀତାରମଣ
- ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୯(ବ୍ୟୁରୋ):ବାତ୍ୟା ଫାଇଲିନର ସଫଳ ମୁକାବିଲା ଏବଂ ପରବର୍ତ୍ତୀ ପଦକ୍ଷେପକୁ ନେଇ ଜାତିସଂଘ ଓଡିଶାକୁ ପ୍ରଶଂସା କରିଛି। ଅନ୍ୟ ସ୍ଥାନରେ ଓଡିଶାର ମଡେଲକୁ କାର୍ଯ୍ୟକାରୀ କରିବା ପାଇଁ ଜାତିସଂଘ ଉଲ୍ଲେଖ କରିଛି। ଏହାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶନିବାର ଟୁଇଟ୍ କରି ଜଣାଇଛନ୍ତି। ଓଡିଶାର ବିପର୍ଯ୍ୟୟ ପରିଚାଳନାକୁ ନେଇ ବିଭିନ୍ନ ବିଶେଷଜ୍ଞଙ୍କ ଦ୍ୱାରା କେତେକ ସନ୍ଦର୍ଭ ପ୍ରକାଶିତ ହୋଇଛି। ଏଭଳି କେତେକ ଲେଖାକୁ ନିଜ ଟୁଇଟ୍‌ରେ ପୋଷ୍ଟ କରି ଓଡିଶାକୁ କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିଛନ୍ତି।ସୀତାରମଣଙ୍କ ଦ୍ୱାରା କରାଯାଇଥିବା ଏହି ଟୁଇଟ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନୂଆନୂଆ ଦିନାକେତେ ବଡ଼ ଆଦର**
**ନୂଆରୁ ପୁରୁଣା ହେଲେ ଡୁଠ ପଥର।**
ନୂଆ ନୂଆ ଦରବ ବା ଜିନିଷ ସଭିଙ୍କ ମନକୁ ଆକୃଷ୍ଟ କରିଥାଏ। ତା' ପ୍ରତି ସମସ୍ତଙ୍କ ମନରେ ଆଦର ଭାବ ରହିଥାଏ। ତେବେ ଏହା ଯେତେବେଳେ ପୁରୁଣା ହୋଇଯାଏ ସେତେବେଳେ ତା'ଠାରୁ ମନ ଛାଡିଯାଇଥାଏ। ପୁରୁଣା ପ୍ରତି ଆଦର ହ୍ରାସ ହେବା ମଣିଷର ଏକ ସହଜାତ ପ୍ରବୃତ୍ତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନବଗୁଞ୍ଜର**
**ଆପଣା ମନେ ଆପେ ସୁନ୍ଦର ।**
ସାଧାରଣତଃ ସମସ୍ତେ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। ତେବେ ସିଏ ହିଁ ପ୍ରକୃତରେ ଭଲ ବୋଲି ଗଣା ହୋଇଥାଏ, ଯାହାକୁ ସମସ୍ତେ ଭଲ ବୋଲି ପ୍ରଶଂସା କରିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ସରିଲା ଜେଇଇ ମେନ୍



ଜେଇଇ ମେନ୍ ପରୀକ୍ଷାର ଶେଷଦିନରେ ରବିବାର ଭୁବନେଶ୍ୱରର କୌସ୍ତୁଭ କଲେଜ କେନ୍ଦ୍ରରୁ ପରୀକ୍ଷା ସାରି ଛାତ୍ରୀଛାତ୍ରମାନେ ବାହାରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବିଭିନ୍ନ ପ୍ରକାରର ଦ୍ୱନ୍ଦ୍ୱ ଓ ଆଶା, ଆଶଙ୍କା ମଧ୍ୟରେ ମନ ହଲଚଲ ହୋଇପାରେ। ଘର କଥା ହେଉ କିମ୍ବା କର୍ମକ୍ଷେତ୍ର କଥା ହେଉ ସବୁ କାମ ଗୋଳିଆ। କିଛି ସହାନୁଭୂତିମୂଳକ ଆଲୋଚନା ଓ ସମାଲୋଚନା ଭିତରେ ପରିବାରରେ ଶାନ୍ତି ଫେରି ଆସିବ। ନିଜ ଲୋକମାନେ ଅସୁବିଧାରେ ପକାଇ ପାରନ୍ତି,ଏଣୁ ସତର୍କ ରହିବା ଭଲ ।

**ବୃଷ** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆଜି ଆପଣ ସାଙ୍ଗସାଥୀ କିମ୍ବା ବନ୍ଧୁ ହୁଅନ୍ତୁ, ସେମାନଙ୍କୁ ମନେଇ ନିଜ କାମରେ ଲଗାଇ ପାରନ୍ତି। ସଭାସମିତି ଏପରି କି କହିବା ଲେଖିବାର ସମ୍ପର୍କ ଯେଉଁଠାରେ ରହିଛି ସେହି ସବୁ ପ୍ରତ୍ୟେକ ଦିଗ ଅନୁକୂଳ ରହିବ। ସ୍ତ୍ରୀଙ୍କ ସମ୍ପର୍କ ଦିଗରୁ କିଛିଟା ସମସ୍ୟାର ସମ୍ମୁଖୀନ ହେବେ।

**ମିଥୁନ** ଟଙ୍କା ପଇସାର ଭୁଲ୍ ହିସାବରୁ, ଅଲଗା ସ୍ଥାନରେ ରଖିଦେଇଥିବା କାରଣରୁ, ଦେବା ନେବା କ୍ଷେତ୍ରରେ ଝମେଲାର ଆଶଙ୍କା ରହିଛି। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ଉନ୍ନତ ମାନର ଫଳ ପାଇବେ।

**କର୍କଟ** ପରିବାର ଲୋକମାନଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ସାମାଜିକ ସ୍ତରରେ ବହୁଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ ଆହୁରି ବହୁତ ସମୟ ଲାଗିପାରେ । ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ ।

**ସିଂହ** ଆଜିର ପରିସ୍ଥିତି ଓ ରହୁଥିବା ପରିବେଶ ଆପଣଙ୍କ କାମକୁ ସହଜରେ କରାଇ ଦେବନାହିଁ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇଯିବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହିବ ନ ପାରେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ ।

**କନ୍ୟା** ଆଜି ଆପଣ ଯାହାକୁ ଯାହା କହିବେ କିମ୍ବା କରିବେ ସବୁ ଭାବିଚିନ୍ତି କରନ୍ତୁ, ନଚେତ୍ ପରିସ୍ଥିତି ଭିନ୍ନ ରୂପ ପରିଗ୍ରହ କରିବ। ବନ୍ଧୁଙ୍କ ସହାୟତାରେ ବହୁ ଚେଷ୍ଟା ପରେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ହସ୍ତା ନକ୍ଷତ୍ର ଉନ୍ନତ ଚିନ୍ତା ଓ ପରୋପକାର ମନୋଭାବରୁ ପ୍ରଶଂସିତ ହେବେ। ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ଆଳସ୍ୟ ଓ ଅବହେଳା ସଙ୍ଗକୁ କାଳ କ୍ଷେପଣ ନୀତି ହେତୁ ମନରେ ସରସତା ରହିବ ନାହିଁ। ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ହାତ କିମ୍ବା ଗୋଡରେ ଆଘାତ ଲାଗିପାରେ ।

**ବିଛା** କର୍ମ କ୍ଷେତ୍ରରେ ଅଥବା ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରି ଆପଣ ବିଜୟୀ ହେବେ । ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କଳା ସାହିତ୍ୟ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବ । ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସରଳତାକୁ ପ୍ରାଧାନ୍ୟ ଦେଇ ଠକାମିର ଶିକାର ହୋଇପାରନ୍ତି । ପିଲାମାନଙ୍କ ବିବାହ ସମ୍ପର୍କୀୟ ନୂତନ ବନ୍ଧୁ ପ୍ରସ୍ତାବ ପାଇଁ ଯୋଗାଯୋଗ କରି କୃତକାର୍ଯ୍ୟ ହେବେ। ପ୍ରତିବନ୍ଧକ କାରଣରୁ ହାତକୁ ନେଇଥିବା କେତେକ ଉନ୍ନୟନ ମୂଳକ କାମ ବାଧାପ୍ରାପ୍ତ ହୋଇପାରେ ।

**ମକର** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ନେଇ ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ। ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଘର ପାଇଁ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ।

**କୁମ୍ଭ** ନିଜର ଲୋକମାନଙ୍କ କାର୍ଯ୍ୟ କଳାପ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ । ବିଶେଷ ଶ୍ରମ ଓ ଭ୍ରମଣ କାରଣରୁ ମୁଣ୍ଡ ବୁଲାଇହେବା ଲକ୍ଷଣ ଦେଖାଦେଇପାରେ।

**ମୀନ** କର୍ମକ୍ଷେତ୍ରରେ ଚେଷ୍ଟା କରୁଥିବା କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମନ ଖୁସୀ ହୋଇଯିବ । ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ । ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଆସିବା ସଙ୍ଗକୁ ପ୍ରିୟ ବନ୍ଧୁଙ୍କ ସାନିଧ୍ୟ ଲାଭରୁ ଖୁସି ହେବେ।

ଆଜି ଆଶ୍ୱିନ କୃଷ୍ଣ ୫ମୀ ସୋମବାର, ସେପ୍ଟେମ୍ବର ୭ ତାରିଖ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ୫ମୀର ଶ୍ରାଦ୍ଧ, ସକାଳ ଘ.୦୫.୩୬ମି. ଗତେ ଘ.୦୭.୧୪ମି.ମଧ୍ୟେ, ଘ.୧୦.୩୧ମି.ଗତେ ଘ.୧୨.୫୮ମି.ମଧ୍ୟେ, ସନ୍ଧ୍ୟା ଘ.୦୬.୩୯ମି.ଗତେ ଘ.୦୯.୦୦ମି.ମଧ୍ୟେ, ରାତ୍ରି ଘ.୧୧.୨୧ମି. ଗତେ ଘ.୦୨.୨୮ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୩.୨୫ମି.ଗତେ ଘ.୦୫.୦୩ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ.୦୭.୦୮ମି. ଗତେ ଘ.୦୮.୪୦ମି.ମଧ୍ୟେ ରାହୁକାଳ।

# ବଢୁଛି ସେବାୟତଙ୍କ ସଂକ୍ରମଣ ସଂଖ୍ୟା

ପୁରୀ ଅଫିସ, ୬।୯

କରୋନା ମହାମାରୀ ପାଇଁ ସାଢେ ୫ମାସରୁ ଊର୍ଦ୍ଧ୍ୱ ହେବ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବାରଣ ରହିଛି। ଦର୍ଶନାର୍ଥୀ ମନ୍ଦିରକୁ ଯାଉ ନ ଥିବାବେଳେ କେବଳ ସେବାୟତମାନେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତି ସମ୍ପନ୍ନ କରୁଛନ୍ତି। କେନ୍ଦ୍ର ସରକାରଙ୍କ ଅନ୍‌ଲକ-୪ ଗାଇଡ୍‌ଲାଇନ ଅନୁସାରେ ଧର୍ମାନୁଷ୍ଠାନ ଖୋଲିବା ପାଇଁ ଅନୁମତି ରହିଥିଲେ ମଧ୍ୟ ରାଜ୍ୟ ସରକାର ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ରାଜ୍ୟର ସବୁ ଧର୍ମାନୁଷ୍ଠାନକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଲଗାଇଛନ୍ତି। ତେବେ ମହାପ୍ରଭୁଙ୍କ ଦର୍ଶନ ନ ପାଇ ଭକ୍ତ ବ୍ୟାକୁଳ ହେଉଛନ୍ତି। ଅନ୍ୟପଟେ ସେବାୟତଙ୍କ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଥିବାରୁ ମହାପ୍ରଭୁଙ୍କ ସେବାପୂଜାକୁ ନେଇ ବି ଆଶଙ୍କା ବଢିବାରେ ଲାଗିଛି। ଏହାକୁ ନେଇ ଚିନ୍ତାରେ ଥିବା ସେବାୟତମାନେ କରୋନା ସ୍ଥିତିକୁ ଦେଖି ମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଅନୁମତି ଦିଆଯାଉ ବୋଲି କହିଛନ୍ତି।

### ନୀଳାଚଳ ଭକ୍ତନିବାସରେ ସ୍ୱତନ୍ତ୍ର କୋଭିଡ୍ କେୟାର ସେଣ୍ଟର

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଗତ ମାର୍ଚ୍ଚ ୨୦ ତାରିଖରୁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ କରାଯାଇଛି। ଇତିମଧ୍ୟରେ ସାଢେ ୫ ମାସ ବିତିଗଲାଣି। କେବେ ମନ୍ଦିର ଖୋଲିବ ତାକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ରଥଯାତ୍ରା ପାଇଁ ଖୋଲା ଯାଇଥିବା ଅସ୍ଥାୟୀ ଶେଡ୍ ଓ ବ୍ୟାରିକେଡ୍ ଏବେ ତିଆରି ଚାଲିଛି। ଏହାକୁ ଦେଖି ମନ୍ଦିର ଖୋଲିପାରେ ବୋଲି ଭକ୍ତଙ୍କ ମଧ୍ୟରେ ଚର୍ଚ୍ଚା ହେଉଥିବାବେଳେ ସାମ୍ପ୍ରତିକ କରୋନା ଭୟାବହତା ନେଇ ସେବାୟତ କିନ୍ତୁ ଚିନ୍ତାରେ ପଡ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା ଶତାଧିକ ସେବାୟତ କରୋନା ସଂକ୍ରମିତ ହୋଇସାରିଲେଣି। ସେବାୟତଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଭାବେ ହୋଟେଲ 'ରକ୍ ବେ'ରେ ବ୍ୟବସ୍ଥା କରାଯାଇଥିଲା। ସେଠାରେ ଏବେ ୪୦ ଜଣ ସେବାୟତ ଓ ତାଙ୍କ ପରିବାର ସଦସ୍ୟ ରହିଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ଏଠାରୁ ୩୦ରୁ ଊର୍ଦ୍ଧ୍ୱ ସେବାୟତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଆହୁରି କେତେଜଣ ଗୃହ ପୃଥକବାସରେ ମଧ୍ୟ ରହିଛନ୍ତି। ତେବେ ସେବାୟତ ଓ ତାଙ୍କ ପରିବାର ସଦସ୍ୟ ସଂକ୍ରମିତ ହାର ବଢୁଥିବାରୁ ବଡ଼ଦାଣ୍ଡସ୍ଥ ନୀଳାଚଳ ଭକ୍ତନିବାସରେ ସେମାନଙ୍କ ପାଇଁ କୋଭିଡ୍ କେୟାର ସେଣ୍ଟର କରାଯିବ ବୋଲି ଉନ୍ନୟନ ପ୍ରଶାସକ ଜେନା କହିଛନ୍ତି। ଅନ୍ୟପକ୍ଷରେ ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ବର୍ତ୍ତମାନ ସେବାୟତ କରୋନାରେ ସଂକ୍ରମିତ ହେବା ସଂଖ୍ୟା ବଢିବାରେ ଲାଗିଛି। ତେଣୁ ସରକାର କରୋନା ସ୍ଥିତିକୁ ଦେଖି ଭକ୍ତଙ୍କ ପାଇଁ ମନ୍ଦିର ଖୋଲିବା ଲାଗି ନିଷ୍ପତ୍ତି ନେବା ଦରକାର।

# ନାଗା ସାଧୁଙ୍କୁ ଅଟକାଇଲା ପୋଲିସ

ପୁରୀ ଅଫିସ, ୬।୯: ଲଙ୍ଗୁଳି ମଠ ନିକଟ ଧୁନି ଗାଦିକୁ ଯିବାରେ ବାଧା ନେଇ ନାଗା ସାଧୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ଧୁନି ଗାଦିକୁ ଆସୁଥିବା କେତେଜଣ ନାଗା ସାଧୁଙ୍କୁ ସିଂହଦ୍ୱାର ଥାନା ପୋଲିସ ଅଟକାଇବା ପରେ ଏଭଳି ଅପ୍ରୀତିକର ପରିସ୍ଥିତି ଉପୁଜିଥିବା କୁହାଯାଉଛି। ଅନ୍ୟପକ୍ଷେ କୌଣସି ସାଧୁଙ୍କୁ ଅଟକାଯାଇ ନ ଥିବା ସିଂହଦ୍ୱାର ଥାନା ପୋଲିସ କହିଛି। ସୂଚନା ମୁତାବକ, ନାଗା ସାଧୁମାନେ ଧୁନି ଗାଦିକୁ ଆସି ବିଶ୍ୱର କଲ୍ୟାଣ ପାଇଁ ଧୁନି ଜାଳି ପ୍ରାର୍ଥନା କରିଥାନ୍ତି। ରବିବାର ନିରଞ୍ଜନ ଗାଦିର କେତେକ ନାଗା ସାଧୁ ଆସିଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିବା ଅଭିଯୋଗ ହୋଇଛି। ସେଠାକୁ ପୋଲିସ ତାଙ୍କୁ ଛାଡ଼ି ନ ଥିଲା। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପୂର୍ବରୁ ସେମାନେ ଧୁନି ଗାଦିକୁ ଆସୁଥିବାବେଳେ ଏବେ କାହିଁକି ଅଟକାଉଛ ବୋଲି ପ୍ରଶ୍ନ କରିଥିଲେ। ମାତ୍ର ପୋଲିସ ସେମାନଙ୍କୁ ଛାଡ଼ି ନ ଥିଲା। ଏ ସମ୍ପର୍କରେ ସିଂହଦ୍ୱାର ଥାନା ଆଇଆଇସି ଗେହ୍ଲି କୁମାରୀ ସାହୁଙ୍କୁ ପଚାରିବାରେ କହିଛନ୍ତି, ଲଙ୍ଗୁଳି ମଠ ଅଧୀନରେ ଧୁନି ଗାଦି ରହିଛି। ମହନ୍ତ ଯେଉଁମାନଙ୍କୁ କହିଥିଲେ ସେମାନଙ୍କୁ ଛଡ଼ାଯାଇଛି।

## classifieds Everyday
0674-2580101, 2549302



**SALE**

Yellowzone plots @ 1700 available at Malipada near Sumhospital and one farm house 7 acres @ 2 lakhs per gunth Jhumka dam . Contact- 7735768268, 7894413311 D-18154

ତମାଣ୍ଡୋ National Highwayଠାରୁ 600mtrs ଦୂରରେ immediate ଘରକରି ରହିବା ପାଇଁ yellow zone plot ମିଳୁଛି। 8480348215. D-69535

Ready construction plotPatia,Pathergadia, Sundarpada, Jagamara corehouse duplex lowcost plot available. 8328811411, 9861971879. D-69158

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69151


**Bhubaneswar Engineering College (BEC), Backside Govt. ରାସ୍ତାକୁ ଲାଗି ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027.** D-69150

**PURCHASE**

ଭୁବନେଶ୍ୱରରେ ଘର କରିବା ପାଇଁ ପାଚେରି ହୋଇଥିବା ପ୍ଲଟ୍ ଦରକାର। Land owner Contact: 9439493164. D-69157



Shoproom available at Jayadev Vihar mainroad, Bhubaneswar @30000 per month. Contact: 9938511622. D-18128



Newly open spa centre smart therapist body massage,Bamikhal, 7205187702. D-59960

Newly open spa centre smart therapist body massage, Rasulgarh: 7846814019. D-59959

Swarna SPA newly open positively health benefits with expert therapist. 7873794731. D-69736

Get refreshment body massage by expert therapist contact for. 9556978408. D-69738

Newly open full body massage SPA in Bhubaneswar. Contact: 7205058838. D-69731

Relaxing body massage by Lady/ Gents therapists - 7008773793. D-60888

Newly open full body massage by Lady/ Gents therapists - 8018656899. D-60887

Herbal full body massage by smart / expert therapist. Contact: 8338067247. D-69737

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ନିଯୁକ୍ତି ସଙ୍କଟ...

ଦେଶର ବର୍ଦ୍ଧିତ ଯୁବବର୍ଗଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ନିଯୁକ୍ତି ସୃଷ୍ଟି କରିବାକୁ ସରକାର ସକ୍ଷମ ହୋଇ ପାରୁନାହାନ୍ତି। ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି, ମହାମାରୀ ଯୋଗୁ ଭାରତର ୧.୨ କୋଟି ଲୋକ ଉତ୍କଟ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯିବେ। ଭାରତ ବଜାର ଗତ କିଛି ତ୍ରୈମାସ ହେବ ମାନ୍ଦାବସ୍ଥା ଦେଇ ଗତି କରୁଛି। ବର୍ତ୍ତମାନ ନିଯୁକ୍ତି ସୃଷ୍ଟି କମୁଥିବା ବେଳେ ଦେଶ ସାମ୍ନାରେ ପ୍ରମୁଖ ଆର୍ଥିକ ସମସ୍ୟା ମୁଣ୍ଡ ଟେକୁଥିବା ଦୃଷ୍ଟିକୁ ଆସିଛି। ବେକାରି ହାର ଉଚ୍ଚରେ ରହିବା ଯୋଗୁ ଏହା ଘରୋଇ ବଜାରର ଚାହିଦା ଉପରେ ସିଧାସଳଖ ମାଡ କରୁଛି। ଏଥିରେ ୨୭% ହ୍ରାସ ଘଟି ଏପ୍ରିଲ-ଜୁନରେ ୧୪.୬୧ ଲକ୍ଷ କୋଟି ଟଙ୍କାକୁ ଖସିଛି। ଯାହା ଗତ ବର୍ଷ ସମାନ ସମୟରେ ୧୯.୯୩ ଲକ୍ଷ କୋଟି ଟଙ୍କା ରହିଥିଲା। ମହାମାରୀ ଯୋଗୁ ବଜାରର ଚାହିଦା ସମ୍ପୂର୍ଣ୍ଣ ଖସିଥିବାରୁ ଏହା ଅଭିବୃଦ୍ଧି ଉପରେ ମଧ୍ୟରେ ପ୍ରଭାବ ପକାଇଥିବା ଏସ୍‌ବିଆଇର ମୁଖ୍ୟ ଅର୍ଥନୀତିଜ୍ଞ ସୌମ୍ୟକାନ୍ତି ଘୋଷ କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଲଗାତର ଜିଡିପି ଖସିବା ନେଇ ସେ ପୂର୍ବାନୁମାନ କରିଛନ୍ତି। ସରକାର ତୁରନ୍ତ ଭିତ୍ତିରେ ପଦକ୍ଷେପ ନେବା ଜରୁରୀ ହୋଇ ପଡିଥିବା ସେ ମତ ପ୍ରକାଶ କରିଛନ୍ତି। ଏସ୍‌ବିଆଇ ଏହାର ଇକୋରାପ୍ ରିପୋର୍ଟରେ କହିଛି ଯେ, ଦେଶର ପ୍ରକୃତ ଜିଡିପି ୧୦.୯%କୁ ଖସିବ। ଏହା ଅତ୍ୟନ୍ତ ଚିନ୍ତାଜନକ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଅଭିବୃଦ୍ଧିରେ ଯଦି ସୁଧାର ନ ଆସେ ତେବେ ଆଗାମୀ ଦଶନ୍ଧିରେ ବର୍ଦ୍ଧିତ ଜନସଂଖ୍ୟା ପାଇଁ ନିଯୁକ୍ତି ସୃଷ୍ଟି କରିବା ଏକ ବଡ ଚ୍ୟାଲେଞ୍ଜ ବୋଲି କୁହାଯାଉଛି।

୨୦୧୯ ପରଠାରୁ ନିଯୁକ୍ତି ସୃଷ୍ଟି କେନ୍ଦ୍ର ସରକାରଙ୍କ ଲାଗି ଏକ ମୁଣ୍ଡବ୍ୟଥାର କାରଣ ପାଲଟିଛି। କାରଣ ଜିଡିପିରେ ଲଗାତର ହ୍ରାସ ପାଇ ୫%ରୁ ନିମ୍ନକୁ ଖସିଛି। ମହାମାରୀ ଯୋଗୁ ନିଯୁକ୍ତି ଆହୁରି ଖସିବା ନେଇ ଚିନ୍ତାପ୍ରକଟ କରାଯାଇଛି। ଆଗାମୀ ୧୦ ବର୍ଷ ମଧ୍ୟରେ ୯ କୋଟି ଲୋକଙ୍କୁ ନିଯୁକ୍ତି ଯୋଗାଇ ଦେବା ଲାଗି ଭାରତକୁ ୮ରୁ ୮.୫% ହାରରେ ଅଭିବୃଦ୍ଧିର ଆବଶ୍ୟକତା ରହିଥିବା ମ୍ୟାକିନ୍‌ସେ ଗ୍ଲୋବାଲ ଇନଷ୍ଟିଚ୍ୟୁଟ ପକ୍ଷରୁ ଜାରି ଏକ ରିପୋର୍ଟରେ କୁହାଯାଇଛି। ୨୦୧୯-୨୦ରେ ଭାରତ ଯେଉଁ ହାରରେ ଅଭିବୃଦ୍ଧି କରିଛି ଏହା ତା'ର ଦୁଇ ଗୁଣ। ବର୍ଦ୍ଧିତ ଯୁବ ପ୍ରଫେଶନାଲଙ୍କୁ ନିଯୁକ୍ତି ଯୋଗାଣ ଲାଗି ଭାରତକୁ ବର୍ତ୍ତମାନ ୧.୨ କୋଟି ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି। ହେଲେ ଏବର ବଜାରକୁ ଦେଖିଲେ ତାହା ଅସମ୍ଭବ ପରି ମନେହୁଏ। କାରଣ ସରକାର ପ୍ରାୟ ୭ ବର୍ଷ ତଳେ ବୃହତ୍ ନିଯୁକ୍ତି ସୃଷ୍ଟି କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପୂରଣ କରିବାକୁ ସକ୍ଷମ ହୋଇ ନାହାନ୍ତି। ନିରନ୍ତର ଅଭିବୃଦ୍ଧିକୁ ହାସଲ କରିବାରେ ଯଦି ଭାରତ ସକ୍ଷମ ନ ହୁଏ ତେବେ ଲୋକଙ୍କ ଆୟ ଏବଂ ଜୀବନଧାରଣ ମାନ ଉପରେ ଏହା ଗଭୀର ପ୍ରଭାବ ପକାଇବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ମାନୁଫାକ୍‌ଚରିଂ ଏବଂ ନିର୍ମାଣ କ୍ଷେତ୍ରରେ ସୁଧାର ସହ ନିଯୁକ୍ତି ସୃଷ୍ଟି ଲାଗି କେନ୍ଦ୍ର ସରକାରଙ୍କୁ ବଜାର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ ମଧ୍ୟ ସରକାର ଏହାକୁ ଏବେ ଯାଏ ହାସଲ କରିବାକୁ ମଧ୍ୟ ସକ୍ଷମ ହୋଇ ନାହାନ୍ତି। ନୂଆ ନିବେଶ ଦ୍ୱାରା ପର୍ଯ୍ୟାପ୍ତ ସଂଖ୍ୟକ ନିଯୁକ୍ତି ସୃଷ୍ଟି କରିବାକୁ କେନ୍ଦ୍ର ସରକାର ଯଦି ସଫଳ ନ ହୁଅନ୍ତି ଭାରତ ଆଗାମୀ ଦଶନ୍ଧିରେ ଯେ କେବଳ ନିମ୍ନସ୍ତରର ଅଭିବୃଦ୍ଧିକୁ ଖସିଯିବ ତାହା ନୁହେଁ ବିଶ୍ୱର ଏକ ପ୍ରମୁଖ ଅର୍ଥ ବ୍ୟବସ୍ଥା ହେବାର ସୁଯୋଗକୁ ମଧ୍ୟ ହାତଛଡା କରିବାକୁ ପଡିବ ବୋଲି କୁହାଯାଉଛି।

### ଚଳିତ ସପ୍ତାହରେ ଆସିବ ...

ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ଓ ମହାନଦୀରେ ଆସିଥିବା ବନ୍ୟା ଯୋଗୁ ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ଅନେକ ଜିଲା ଭୟଙ୍କର ଭାବେ ପ୍ରଭାବିତ ହୋଇଛି। ପ୍ରାରମ୍ଭିକ ଆକଳନ ଅନୁଯାୟୀ ବନ୍ୟା ଯୋଗୁ ରାଜ୍ୟର ୨୦ ଜିଲା ପ୍ରଭାବିତ ହୋଇଛି। ସେହି ଜିଲାଗୁଡିକ ହେଲା ଅନୁଗୋଳ, ବାଲେଶ୍ୱର, ବରଗଡ, ଭଦ୍ରକ, ବୌଦ୍ଧ, କଟକ, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡା, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ନୟାଗଡ, ନୂଆପଡା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼। ଚଳତ ବନ୍ୟାରେ ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ ହଜାର ୩୮୨ ଘର ଭାଙ୍ଗିଛି। ସେହିପରି ୧ ଲକ୍ଷ ୬୮ ହଜାର ହେକ୍ଟର ଜମି ଜଳମଗ୍ନ ହୋଇଥିବା ବେଳେ ୧୧୨ ବ୍ଲକର ୮୯୬ ପଞ୍ଚାୟତର ୩୨୫୬ ଗ୍ରାମ ପ୍ରଭାବିତ ହୋଇଛି। ୩୪୦ ଗ୍ରାମର ୨ ଲକ୍ଷ ୬୫ ହଜାର ଲୋକ ପାଣିଘେରରେ ରହିଥିଲେ। ତେବେ କେନ୍ଦ୍ରୀୟ ଟିମ୍ ଆସିବା ପୂର୍ବରୁ ଆଉ ଏକ ରିପୋର୍ଟ ୧୫ ଦିନ ମଧ୍ୟରେ ପ୍ରସ୍ତୁତ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାପାଳମାନେ ସୋମବାର ରାଜ୍ୟର ବନ୍ୟାଜନିତ କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ ଦେବେ । ଏହି ରିପୋର୍ଟ କେନ୍ଦ୍ରୀୟ ଟିମ୍‌କୁ ପ୍ରଦାନ କରାଯିବ ବୋଲି ଏସ୍‌ଆର୍‌ସି କହିଛନ୍ତି।

### ହୋମଗାର୍ଡଙ୍କୁ ହାଣିଲେ ...

ରଖି ପଚରାଉଚରା କରୁଛି। ବନବାସୀଙ୍କୁ ଆକ୍ରମଣ କରିଥିବା ଗଞ୍ଜେଇ ମାଫିଆ କିନ୍ତୁ ଫେରାର ଅଛନ୍ତି। ପୋଲିସ ବ୍ୟବଚ୍ଛେଦ କରାଇ ବନବାସୀଙ୍କ ମୃତଦେହକୁ ତାଙ୍କ ଜନ୍ମସ୍ଥାନ ଗଞ୍ଜାମକୁ ପଠାଇଛି। ପୋଲିସଙ୍କ ଉପରେ ଏପରି ଆକ୍ରମଣକୁ ନେଇ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆକ୍ରମଣ ଓ ହୋମ୍‌ଗାର୍ଡଙ୍କ ମୃତ୍ୟୁକୁ ଜିଲା ହୋମ୍‌ଗାର୍ଡ ସଂଘ ପକ୍ଷରୁ ଘୋର ନିନ୍ଦା କରାଯାଇଛି। ମୃତକଙ୍କ ପରିବାରରୁ ଜଣଙ୍କୁ ଚାକିରି ଓ ସରକାରୀ ସହାୟତା ଯୋଗାଇ ଦେବାକୁ ସଂଘ ଦାବି କରିଛି।

# ଆଉ ୫ ଆନ୍ତଃ ରାଜ୍ୟ ସ୍ୱତନ୍ତ୍ର ଟ୍ରେନ୍ ଚାଲିବ

ଭୁବନେଶ୍ୱର, ୬।୯(ବ୍ୟୁରୋ)



ପୂର୍ବତଟ ରେଳପଥ ପକ୍ଷରୁ ୫ଟି ଆନ୍ତଃ ରାଜ୍ୟ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୨ ତାରିଖରୁ ଭୁବନେଶ୍ୱର-ଦୁର୍ଗ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଦୈନିକ ଚାଲିବ। ଏହା ଭୁବନେଶ୍ୱରରୁ ରାତି ୭ଟା ୫୫ରେ ଛାଡ଼ିବ ଓ ୧୩ ତାରିଖରୁ ଅପରାହ୍ନ ୪ଟା ୧୦ରେ ଦୁର୍ଗଠାରୁ ଛାଡିବ। ଭୁବନେଶ୍ୱର ଓ ଦୁର୍ଗ ମଧ୍ୟରେ କଟକ, ଢେଙ୍କାନାଳ, ତାଳଚେର, ଅନୁଗୋଳ, ସମ୍ବଲପୁର, ବରଗଡ଼ ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କଣ୍ଟାବାଞ୍ଜି, ଖରିଆରରୋଡ଼, ବାଗବାହାର, ମହାସମୁନ୍ଦ, ରାଇପୁର ଓ ଭିଲାଇ ପାୱାର ହାଉସଠାରେ ଉଭୟ ଦିଗରୁ ରହଣି କରିବ।

ସେହିଭଳି ରାୟଗଡା ମାର୍ଗ ଦେଇ ବିଶାଖାପାଟଣା ଓ କୋର୍ବା ମଧ୍ୟରେ ବିଶାଖାପାଟଣା-କୋର୍ବା-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ଆସନ୍ତା ୧୨ରୁ ବିଶାଖାପାଟଣାରୁ ରାତି ୮ଟା ୫ରେ ଛାଡିବ ଏବଂ ୧୩ରୁ କୋର୍ବାରୁ ଅପରାହ୍ନ ୪ଟା ୧୦ରେ ଛାଡିବ। ଏହା ମଧ୍ୟରେ ବିଜୟନଗରମ, ରାୟଗଡା, କେସିଙ୍ଗା, ଟିଟିଲାଗଡ଼, କଣ୍ଟାବାଞ୍ଜି, ଖରିଆରରୋଡ଼, ମହାସମୁନ୍ଦ, ରାଇପୁର, ତିଲଡାନେଓରା, ଭଟପଡ଼ା, ବିଳାସପୁର, ଅକଲତାରା, ଯାଗିରି ନାଇଲା ଓ ଚମ୍ପାଠାରେ ଉଭୟ ଦିଗରୁ ରହଣି କରିବ।

ପୂର୍ବତଟ ରେଳପଥ ମଧ୍ୟଦେଇ ତିରୁଚିରାପଲ୍ଲୀ-ହାଓଡ଼ା-ତିରୁଚିରାପଲ୍ଲୀ ଦ୍ୱି-ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ଚାଲିବ। ଆସନ୍ତା ୧୫ରୁ ତିରୁଚିରାପଲ୍ଲୀଠାରୁ ପ୍ରତି ମଙ୍ଗଳବାର ଓ ଶୁକ୍ରବାର ଅପରାହ୍ନ ୪ଟା ୨୦ରେ ଛାଡିବ ଓ ୧୬ରୁ ହାଓଡ଼ାରୁ ପ୍ରତି ଗୁରୁବାର ଓ ରବିବାର ଅପରାହ୍ନ ୪ଟା ୧୦ରେ ଛାଡିବ। ଏହା ବିଜୟୱାଡା, ବିଶାଖାପାଟଣା, ବିଜୟନଗରମ, ଖୋର୍ଦ୍ଧାରୋଡ଼, ଭୁବନେଶ୍ୱର, କଟକ ଓ ଭଦ୍ରକ ଆଦି ଷ୍ଟେଶନରେ ରହଣି କରିବ। ଭୁବନେଶ୍ୱର-ଅହମ୍ମଦାବାଦ-ଭୁବନେଶ୍ୱର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ୧୬ ତାରିଖରୁ ଭୁବନେଶ୍ୱରରୁ ପ୍ରତି ବୁଧବାର ସନ୍ଧ୍ୟା ୬ଟାରେ ଛାଡିବ ଓ ୧୮ରୁ ଅହମ୍ମଦାବାଦଠାରୁ ପ୍ରତି ଶୁକ୍ରବାର ସନ୍ଧ୍ୟା ୬ଟା ୪୦ରେ ଛାଡିବ। ଏହା ଢେଙ୍କାନାଳ, ତାଳଚେର, ଅନୁଗୋଳ, ସମ୍ବଲପୁର, ବରଗଡ଼ରୋଡ଼, ବଲାଙ୍ଗୀର, ଟିଟିଲାଗଡ଼, କଣ୍ଟାବାଞ୍ଜି, ଖରିଆରରୋଡ଼, ମହାସମୁନ୍ଦ, ରାଇପୁର, ଦୁର୍ଗ, ଗୋଣ୍ଡିଆ, ନାଗପୁର, ୱର୍ଧା, ବଡ଼ନେରଓ, ଅକୋଲା, ମାଲ୍‌କାପୁର, ଭୁଷାବଲ ଓ ଆନନ୍ଦ ଷ୍ଟେଶନରେ ରହଣି କରିବ। ଗୌହାଟୀ-ବାଙ୍ଗାଲୋର-ଗୌହାଟୀ ତ୍ରି-ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ଆସନ୍ତା ୧୩ ତାରିଖରୁ ଗୌହାଟୀରୁ ପ୍ରତି ରବି, ସୋମ, ମଙ୍ଗଳବାର ସକାଳ ୬ଟା ୨୦ରେ ଛାଡିବ ଏବଂ ୧୬ରୁ ବାଙ୍ଗାଲୋରରୁ ପ୍ରତି ବୁଧ, ଗୁରୁ ଓ ଶୁକ୍ରବାର ରାତି ୧୧ଟା ୪୦ରେ ଛାଡିବ। ଏହା ହାଓଡ଼ା, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ରୋଡ଼, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ଼ ଆଦି ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନରେ ରହଣି କରିବ। ନୂଆଦିଲ୍ଲୀରୁ ଭୁବନେଶ୍ୱର, ଭୁବନେଶ୍ୱରରୁ ମୁମ୍ବାଇ ଓ ଭୁବନେଶ୍ୱରରୁ ହାଓଡ଼ା/ସିଆଲ୍‌ଦା ସ୍ୱତନ୍ତ୍ର ଟ୍ରେନଗୁଡିକ ପୂର୍ବ ନିର୍ଦ୍ଧାରିତ ସମୟାନୁସାରେ ଚଳାଚଳ କରିବ।

## ସଂକ୍ଷେପରେ

### ଜଟଣୀରୁ ଦୁଇ ମୃତଦେହ ଉଦ୍ଧାର

**ଜଟଣୀ,୬।୯(ଡି.ଏନ୍.ଏ):** ଜଟଣୀ ଥାନା ପୋଲିସ ରବିବାର ପୃଥକ୍ ସ୍ଥାନରୁ ଦୁଇଟି ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ରାଜାବଜାର ଅଞ୍ଚଳର ସୟଦ ନାସିରୁଦ୍ଦିନ୍ (୩୭) ଏବଂ ଛଣଘର ଗ୍ରାମର ରାଧାନାଥ ଜେନା(୬୫)। ସୂଚନା ଅନୁଯାୟୀ, ଜଟଣୀ-ତଳଖେତା ରାସ୍ତାର ଲୁହାଶଙ୍ଖ ନିକଟ ଭଙ୍ଗିଆ ଯୋରରୁ ନାସିରୁଦ୍ଦିନଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଥିଲେ। ନାସିରୁଦ୍ଦିନଙ୍କ ବାଇକ୍ ରାସ୍ତା ପାର୍ଶ୍ୱରେ ରହିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସେହିପରି ଛଣଘର ଗ୍ରାମ ନୂଆ ପୋଖରୀ ନିକଟ ଏକ ଗଛରୁ ପୋଲିସ ରାଧାନାଥଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ପୃଥକ୍ ଭାବେ ଦୁଇଟି ମାମଲା (ନଂ.୩୬/୨୦, ୩୭/୨୦)ରୁଜୁକରି ତଦନ୍ତ ଚଳାଇଛି।

### ବଳି ପାଇଁ ନାବାଳିକାଙ୍କୁ ଅପହରଣ ଉଦ୍ୟମ: ୩ ଗିରଫ

**ଆସିକା,୬।୯(ଡି.ଏନ୍.ଏ):** ଗଞ୍ଜାମ ଜିଲା ଆସିକା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳି ପାଇଁ ଅପହରଣ ଉଦ୍ୟମ କରିଥିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଶନିବାର ରାତିରେ ଗିରଫ କରିଛି। ସେମାନେ ହେଲେ ଆସିକା ଥାନା ଅଞ୍ଚଳର ଚିତ୍ରସେନ ତରାଇ, ପଞ୍ଚୁ ଗୌଡ ଓ ହିଞ୍ଜିଳି ଥାନା ଅଞ୍ଚଳର ଅମୀୟ କୁମାର ସ୍ୱାଇଁ ଓରଫ ସାଧୁ। ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ବାଇକ୍ ଓ ଦୁଇଟି ଖଣ୍ଡା ଜବତ ହୋଇଛି। ଅଭିଯୁକ୍ତମାନେ ବଳି ଉଦ୍ଦେଶ୍ୟରେ ନାବାଳିକାଙ୍କୁ ଅପହରଣ ଉଦ୍ୟମ କରିଥିଲେ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ନାବାଳିକାଙ୍କ ଭାଇଙ୍କ ଅଭିଯୋଗକ୍ରମେ ନଂ.୪୪୬/୨୦ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତାନ୍ତ୍ରିକ ଓ ଅନ୍ୟ ଅଭିଯୁକ୍ତଙ୍କୁ ଠାବ ଲାଗି ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ସାହୁ କହିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଶୁକ୍ରବାର ରାତି ପ୍ରାୟ ସାଢେ ୯ଟାରେ ଅଭିଯୁକ୍ତମାନେ ୧୨ ବର୍ଷୀୟା ନାବାଳିକାଙ୍କ ଘର ନିକଟକୁ ଆସିଥିଲେ। ନାବାଳିକାଙ୍କୁ ଦେଇଦେବା ପାଇଁ ତାଙ୍କ ଭାଇଙ୍କୁ ବାଧ କରିଥିଲେ। ଏପରିକି ସେମାନେ ୩୦ ହଜାର ଟଙ୍କା ମଧ୍ୟ ଯାଚିଥିଲେ। ଭାଇ ମନା କରିବାରୁ ଅଭିଯୁକ୍ତମାନେ ମାରଣାସ୍ତ୍ର ଦେଖାଇ ଜୋରଜବରଦସ୍ତ ନାବାଳିକାଙ୍କୁ ଉଠାଇ ନେବାକୁ ଚେଷ୍ଟା କରିଥିଲେ। ତେବେ ପାଟିଶୁଣି ଗ୍ରାମବାସୀ ପହଞ୍ଚିବାରୁ ଅଭିଯୁକ୍ତମାନେ ଏକ ହାତବୋମା ଫିଙ୍ଗି ସେଠାରୁ ଚମ୍ପଟ ମାରିଥିଲେ। ଏ ନେଇ ନାବାଳିକାଙ୍କ ଭାଇଙ୍କ ଥାନାରେ ଅଭିଯୋଗ କରିଥିଲେ।

# ନନ୍ଦନକାନନ: ୪ ହରିଣ ମୃତ

**ବାରଙ୍ଗ,୬।୯(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗତ ୨ଦିନରେ ୪ ହରିଣଙ୍କ ମୃତ୍ୟୁ ହୋଇଛି। ୬୮ନଂ. ଏନକ୍ଲୋଜରରେ ଥିବା ୨ ଚିତ୍ରା ହରିଣଙ୍କର ରବିବାର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ସେମାନଙ୍କ ମଧ୍ୟରେ ଗୋଟିଏ ମାଈ ଓ ଗୋଟିଏ ଅଣ୍ଡିରା ରହିଛନ୍ତି। ରବିବାର ସକାଳେ ଏନକ୍ଲୋଜର ସଫା କରିବାକୁ କର୍ମଚାରୀମାନେ ଯାଇଥିବାବେଳେ ଏହି ଦୁଇଟି ହରିଣ ମରିପଡିଥିବା ଦେଖିଥିଲେ। ୪୫ସି ଏନ୍‌କ୍ଲୋଜରରେ ଥିବା ଗୋଟିଏ ଅଣ୍ଡିରା ଓ ଗୋଟିଏ ମାଈକୁ ମିଶାଇ ଦୁଇଟି କୁଜିହରିଣ ଶନିବାର ମୃତ୍ୟୁବରଣ କରିଛନ୍ତି।

MARUTI PHARMACY COLLEGE
Barahgoda, Bargarh (Odisha)
Recognised by Govt. of Odisha Approved by PCI New Delhi
ADMISSION OPEN
D.PHARM (60 SEATS) Management Seats (20-21) Eligibility +2 Sc.Pass.
MARUTI HIGHER SECONDARY SCHOOL
+2 SC. & COMM.
Contact for Admission
9438066954, 8763637625, 7605930501

# କେବଳ ପୁରୀ ସହରବାସୀଙ୍କୁ ମିଳିବ ବରାଦି ଅବଢ଼ା

ପୁରୀ ଅଫିସ, ୬।୯



■ ବାହାର ଲୋକଙ୍କଠାରୁ ରଖାଯିବ ନାହିଁ ଅର୍ଡର
■ ୧୦୦ ବୋଝିଆଙ୍କ ସ୍ଥାନରେ ୩୦ ଜଣ ନିୟୋଜିତ ହେବେ

ମହାମାରୀ କରୋନା ପାଇଁ ଏବେ ସମସ୍ତଙ୍କୁ ଆଉ ମିଳିବନି ମହାପ୍ରସାଦ। ଶ୍ରୀମନ୍ଦିର ରୋଷଶାଳାରେ ପୂର୍ବପରି ରନ୍ଧାଯିବ ନାହିଁ ବରାଦି ଅବଢା। କେବଳ ପୁରୀବାସୀଙ୍କୁ ମିଳିବ ବରାଦି ମହାପ୍ରସାଦ। ସମ୍ପ୍ରତି କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପୁରୀ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଏହି ନିଷ୍ପତ୍ତି ନେଇଛି ସୁଆର ମହାସୁଆର ନିଯୋଗ। ରବିବାର ନିଯୋଗ ବୈଠକ ବସି ଆଲୋଚନା ହୋଇ ମହାପ୍ରସାଦ ପ୍ରସ୍ତୁତିକୁ କାଣ୍ଟଛାଣ୍ଟ କରାଯାଇଛି।

ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ କୋଭିଡ୍-୧୯ ପରିପ୍ରେକ୍ଷୀରେ କମ୍ ମହାପ୍ରସାଦ ରନ୍ଧାଯିବ। ବରାଦି ମହାପ୍ରସାଦ ଅଧିକ ରନ୍ଧାଯିବ ନାହିଁ। ବର୍ତ୍ତମାନ ପିତୃପକ୍ଷ ଯୋଗୁ ଶ୍ରାଦ୍ଧ କର୍ମ ଚାଲିଛି। ଏଥିଲାଗି କେବଳ ପୁରୀ ସହରବାସୀ ଏବଂ ସେବାୟତ ପରିବାରଙ୍କ ଆବଶ୍ୟକତା ଅନୁଯାୟୀ ବରାଦି ଭୋଗ ରନ୍ଧାଯିବ। ବାହାର ଲୋକଙ୍କଠାରୁ ଅର୍ଡର (ବରାଦ) ରଖାଯିବ ନାହିଁ। ଦୈନିକ ପ୍ରାୟ ହଜାରରୁ ଦେଢ ହଜାର ଲୋକଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ କରାଯିବ। ଫଳରେ ପୂର୍ବରୁ ମହାପ୍ରସାଦ ପ୍ରସ୍ତୁତିରେ ଯେତେ ଲୋକ ଲାଗୁଥିଲେ ସେମାନଙ୍କ ସଂଖ୍ୟା ବି କମିବ। ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବେଶ କଟକଣା ପରଠାରୁ ୧୦୦ ବୋଝିଆ ଆସୁଥିଲେ। ଏବେ ୩୦ ଜଣ ଆସିବେ। ପାଣିଆ ଯୋଗାଣିଆ ୫୦ ଜଣଙ୍କ ଜାଗାରେ ୨୦ ଜଣ, ପନିପରିବା କାଟିବା ପାଇଁ ୧୦୦/୧୫୦ ଜଣ ଆସୁଥିବା ବେଳେ ଏବେ ୩୦ରୁ ୪୦ ଜଣ ମନ୍ଦିରକୁ ଯିବେ। ସେହିପରି ଅଧିକ ଅର୍ଡର ମଧ୍ୟ ରଖାଯିବ ନାହିଁ ବୋଲି ପ୍ରତିହାରୀ ସୂଚନା ଦେଇଛନ୍ତି। ପୁରୀ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ଏପରି କି ଶ୍ରୀମନ୍ଦିର ସେବାୟତ ଏଥିରୁ ବାଦ୍ ପଡ଼ିନାହାନ୍ତି। ବହୁ ସେବାୟତ ଏବଂ ତାଙ୍କ ପରିବାର ସଦସ୍ୟ ଏହି ମହାମାରୀ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଏହାକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ ବରାଦି ମହାପ୍ରସାଦ ରନ୍ଧାକୁ ବନ୍ଦ କରିବା ଲାଗି ନିଷ୍ପତ୍ତି ନେଇଥିଲା। ଏ ସମ୍ପର୍କରେ ସୁଆର ମହାସୁଆର ନିଯୋଗ ସହ ଜିଲାପାଳ ବଲୱନ୍ତ ସିଂ ଆଲୋଚନା କରି ଏହି ପ୍ରସ୍ତାବ ଦେଇଥିଲେ। ସେହି ଅନୁଯାୟୀ ରବିବାର ନିଯୋଗ ବୈଠକ ବସି ଉପରୋକ୍ତ ନିଷ୍ପତ୍ତି ହୋଇଛି।

ସୂଚନାଥାଉ କି, ଅବଢା ପାଇଁ ଶ୍ରୀମନ୍ଦିରର ବିଭିନ୍ନ ଦ୍ୱାରରେ ଦୈନିକ ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଛି। ପର୍ବପର୍ବାଣି ଦିନରେ ସ୍ଥିତି ଅଣାୟତ୍ତ ହୋଇପଡୁଛି। କେହି ସାମାଜିକ ଦୂରତ୍ୱ ମାନୁନାହାନ୍ତି। ଏସବୁ ଦୃଷ୍ଟିରୁ ମନ୍ଦିର ପ୍ରଶାସନ ବରାଦି ମହାପ୍ରସାଦ ବନ୍ଦ ଲାଗି ନିଷ୍ପତ୍ତି ନେଇ ସୁଆର ମହାସୁଆର ନିଯୋଗକୁ ଅବଗତ କରାଇଥିଲା।




# ପ୍ରଶାସନକୁ ନ ଜଣାଇ କରୋନା ରୋଗୀଙ୍କୁ ପୋଡ଼ିଦେଲେ

ନୟାଗଡ ଅଫିସ,୬।୯

ନୟାଗଡ ସହର ନୀଳାଦ୍ରିବିହାରରେ ଜଣେ କରୋନା ପଜିଟିଭ୍ ରୋଗୀଙ୍କ ମୃତ୍ୟୁ ପରେ ପରିବାର ଲୋକ ପ୍ରଶାସନକୁ ନଜଣାଇ ପୋଡ଼ି ଦେଇଛନ୍ତି। ଖବର ଜଣାପଡ଼ିବା ପରେ ନୟାଗଡ ମ୍ୟୁନିସିପାଲିଟି ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଜିଲା ପ୍ରଶାସନ ଘଟଣାର ତଦନ୍ତ ପାଇଁ ଖଣ୍ଡପଡା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛି। ନୟାଗଡ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ ଜେନାଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ନୀଳାଦ୍ରିବିହାରରୁ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଗାଡ଼ି ତାଙ୍କୁ ଚିକିତ୍ସା ନିମନ୍ତେ ନେବା ପାଇଁ ଶନିବାର ଯାଇଥିଲା। ମାତ୍ର ଆକ୍ରାନ୍ତ ଜଣକ ହୋମ କ୍ୱାରାଣ୍ଟାଇନ୍‌ରେ ରହିବେ ବୋଲି କହି ସ୍ୱାସ୍ଥ୍ୟ ବିଭାଗ ଗାଡ଼ିକୁ ଫେରାଇ ଦେଇଥିଲେ। ରବିବାର ସେ ହଠାତ୍ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ନେଇ ଖଣ୍ଡପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସମ୍ପୃକ୍ତ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିଲା। ମାତ୍ର ଏବିଷୟରେ ସ୍ୱାସ୍ଥ୍ୟ ବିଭାଗକୁ ନ ଜଣାଇ ମୃତଦେହକୁ ତରବରିଆ ଭାବେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆଣି ଖଣ୍ଡପଡା ବ୍ଲକର ବରକୋଲିପାଟଣାସ୍ଥିତ ପୈତୃକ ଗ୍ରାମରେ ପରିବାର ଲୋକେ ପୋଡ଼ି ଦେଇଥିଲେ। ଖବର ପାଇ ଖଣ୍ଡପଡା ଥାନା ପୋଲିସ ସେଠାରେ ପହଞ୍ଚିଥିଲା। ମାତ୍ର ସେତେବେଳକୁ ମୃତଦେହ ସଂସ୍କାର ହୋଇସାରିଥିଲା। ଏସମ୍ପର୍କରେ ଏସ୍‌ପି ଓ ଜିଲା ପ୍ରଶାସନକୁ ଅବଗତ କରାଯିବା ସହ ତଦନ୍ତ ଜାରି ରହିଛି ବୋଲି ନିର୍ବାହୀ ଅଧିକାରୀ ଜେନା କହିଛନ୍ତି।

# ୫ ଫୁଟ ଲମ୍ବର ନାଗ ଉଦ୍ଧାର

ଗୋପ,୬।୯(ଡି.ଏନ୍.ଏ.)

ଗୋପ ଥାନା ଅଧୀନ ଗଡରୂପାଷ ଗ୍ରାମର କୈଳାସ ଚନ୍ଦ୍ର ରାୟଙ୍କ ଘରୁ ରବିବାର ଏକ ନାଗ ସାପ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ, କିଛି ଦିନ ଧରି ଏହି ସାପଟି ଘର ନିକଟରେ ବୁଲାବୁଲି କରୁଥିଲା। ରବିବାର ଅପରାହ୍ନରେ ସାପଟି କୈଳାସ ଙ୍କ ଘରେ ପଶି ଥିବାର ପରିବାରଲୋକେ ଦେଖିଥିଲେ। ଏ ନେଇ ସେମାନେ କାକଟପୁର ବାଜପୁର ଗ୍ରାମର ସ୍ନେକ ହେଲ୍ପଲାଇନ ସଦସ୍ୟ ବ୍ରଜକିଶୋର ସାହୁଙ୍କୁ ଜଣାଇଥିଲେ। ପରେ ବ୍ରଜକିଶୋର ଗ୍ରାମରେ ପହଞ୍ଚି ଏହି ୫ ଫୁଟ ଲମ୍ବର ନାଗକୁ ଉଦ୍ଧାର କରିବା ପରେ ବାଲୁଖଣ୍ଡ ଅଭୟାରଣ୍ୟରେ ଛାଡ଼ିଥିଲେ।

# ଦୁର୍ନୀତି: ଆନ୍ଦୋଳନ କରିବ ଭାଜପା

ଭୁବନେଶ୍ୱର,୬।୯(ବ୍ୟୁରୋ)

■ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନିୟମିତତା, କୋଭିଡ୍ ତ୍ରୁଟିକୁ କରିବ ଅସ୍ତ୍ର
■ ଅକ୍ଟୋବର ୨୦ ଯାଏ ଆନ୍ଦୋଳନ

ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତିକୁ ନେଇ ରାଜ୍ୟ ଭାଜପା ପକ୍ଷରୁ ଆସନ୍ତା ୩ ମାସ ଯାଏ ବ୍ଲକଠାରୁ ଆରମ୍ଭ କରି ଜିଲା ପର୍ଯ୍ୟନ୍ତ ଆନ୍ଦୋଳନ ହେବାର ନିଷ୍ପତ୍ତି ନିଆଯାଇଥିବା ଦଳର ନେତା ଭୃଗୁ ବକ୍ସିପାତ୍ର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, କୋଭିଡ୍ ଗାଇଡଲାଇନ ପାଳନ କରି ଆନ୍ଦୋଳନ କରାଯିବ। କାର୍ଯ୍ୟକାରିଣୀ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ସମସ୍ତ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ ଅନିୟମିତତା, ସେପ୍ଟେମ୍ବର ୧୬ରୁ ୨୦ ପର୍ଯ୍ୟନ୍ତ ପ୍ରତ୍ୟେକ ଜିଲାସ୍ତରରେ ଆନ୍ଦୋଳନ, ସେପ୍ଟେମ୍ବର ୨୦ରୁ ୩୦ ପର୍ଯ୍ୟନ୍ତ ସରକାରଙ୍କ କୋଭିଡ୍ ପରିଚାଳନାଗତ ତ୍ରୁଟି ସମ୍ବନ୍ଧୀୟ ଦାବିପତ୍ର ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଓ ଅନିୟମିତତାକୁ ନେଇ ଅକ୍ଟୋବର ୧ରୁ ୨୦ ପର୍ଯ୍ୟନ୍ତ ସମସ୍ତ ବ୍ଲକ ଏବଂ ଜିଲା ସ୍ତରରେ ଆନ୍ଦୋଳନ କରାଯିବ। ଏହି ସମୟରେ ପିଡିଏସ୍ ସ୍କିମ ଜରିଆରେ ଆସିଥିବା ଚାଉଳ ଓ ଡାଲିର ବଣ୍ଟନ ଅନିୟମିତତା ନେଇ ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ଦାବିପତ୍ର ପ୍ରଦାନ କରାଯିବ ବୋଲି ଭୃଗୁ ସୂଚନା ଦେଇଛନ୍ତି।



ମଣିଷ ଯାହାକୁ ପାପ ବୋଲି କହେ- ତାକୁ ତୁମେ ପାପ ବୋଲି ଭାବନାହିଁ। କେବଳ ଭଗବାନ ଯାହାକୁ ପ୍ରତ୍ୟାଖ୍ୟାନ କରନ୍ତି- ତୁମେ ବି ତାକୁ ପ୍ରତ୍ୟାଖ୍ୟାନ କର। ପୁଣି ମଣିଷ ଯାହାକୁ ଶ୍ରେୟ ବୋଲି କହେ- ତୁମେ ତାକୁ ଶ୍ରେୟ ମନେକର ନାହିଁ। କେବଳ ଭଗବାନ ଯାହା ଗ୍ରହଣ କରନ୍ତି- ତୁମେ କେବଳ ତାକୁ ହିଁ ଗ୍ରହଣ କର। -ଶ୍ରୀଅରବିନ୍ଦ



# ନୂତନ ବିଶ୍ୱବିଦ୍ୟାଳୟ ଆଇନ:ଏକ ସମୀକ୍ଷା



ଡ. ସୁବାସ ଚନ୍ଦ୍ର ପାତ୍ର

ସେପ୍ଟେମ୍ବର ୨ତାରିଖରେ ରାଜ୍ୟ କ୍ୟାବିନେଟ ଓଡ଼ିଶାର ସରକାରୀ ବିଶ୍ୱବିଦ୍ୟାଳୟର ପରିଚାଳନା ପାଇଁ ଏକ ଅଧ୍ୟାଦେଶକୁ ମଞ୍ଜୁରୀ ଦେଇଛି, ଯାହା ପ୍ରଚଳିତ ୧୯୮୯ ବିଶ୍ୱବିଦ୍ୟାଳୟ ଆକ୍ଟକୁ ବାତିଲ ପାଇଁ ଉଦ୍ଦିଷ୍ଟ । ଅଧ୍ୟାଦେଶରେ ଉଲ୍ଲିଖିତ ବିଷୟବସ୍ତୁ ଦେଖିଲେ ଏହା ଓଡ଼ିଶାର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିମ୍ନଗାମୀ କରାଇବା ସହ ନିମ୍ନସ୍ତରକୁ ମଧ୍ୟ ନେଇଯିବ; ଯାହା ଫଳରେ ବିଶ୍ୱବିଦ୍ୟାଳୟଗୁଡ଼ିକ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭଳି ପରିଗଣିତ ହେବେ ।

ଅଧ୍ୟାଦେଶର ଛତ୍ରେ ଛତ୍ରେ ବିଶ୍ୱବିଦ୍ୟାଳୟ ଭଳି ସ୍ୱୟଂସମ୍ପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକୁ ସବୁକଥାରେ ସରକାରୀ ନିୟନ୍ତ୍ରଣକୁ ଆଣିବା ପାଇଁ ଚେଷ୍ଟା କରାଯାଇଛି । ବିଶ୍ୱବିଦ୍ୟାଳୟ ପରିଚାଳନାରେ ସିନେଟ ଓ ସିଣ୍ଡିକେଟ, ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଦିଓ ଅନ୍ତିମ ସିଦ୍ଧାନ୍ତ ସିଣ୍ଡିକେଟର ଅନୁମୋଦନ ଅନୁଯାୟୀ ନିଆଯାଏ । ତଥାପି ସିନେଟରେ ବହୁତ କଥା ଆଲୋଚିତ ହୁଏ ଏବଂ ବିଶ୍ୱବିଦ୍ୟାଳୟର ବହୁ ଦୋଷତ୍ରୁଟି ଧରାପଡ଼େ ଏବଂ ତା' ଉପରେ ସଂଶୋଧନୀ ପ୍ରସ୍ତାବମାନ ନିଆଯାଏ । ସିନେଟକୁ ଉଚ୍ଛେଦ କରିବା ଅର୍ଥ 'କୋଟେରୀ ରାଜ' ଅର୍ଥାତ୍ ମୁଷ୍ଟିମେୟ ଲୋକଙ୍କ ଦ୍ୱାରା ଯାହା ଇଚ୍ଛା ତାହା ଅନୁମୋଦନ କରିନେବା କାରଣ ସିଣ୍ଡିକେଟ ସଦସ୍ୟଙ୍କ ସଂଖ୍ୟା ହାତ ଗଣତି ଏବଂ ନୂତନ ବ୍ୟବସ୍ଥା ଅନୁଯାୟୀ ଯେହେତୁ ଏଥିରେ ସରକାରଙ୍କ ଜଣେ ମନୋନୀତ ଅଧିକାରୀ ରହିବେ, ତେଣୁ ବିଶ୍ୱବିଦ୍ୟାଳୟର ସମସ୍ତ ସିଦ୍ଧାନ୍ତ ସରକାରଙ୍କୁ ସୁହାଇଲା ଭଳି ହେବ । କିଛି ନୂତନ, ମୌଳିକ ପଦକ୍ଷେପ ନେବାକୁ ବିଶ୍ୱବିଦ୍ୟାଳୟ ସମର୍ଥ ହେବନାହିଁ । ଠିକ୍ ସେହିପରି କୁଳପତି ମନୋନୟନ ପାଇଁ ସର୍ଚ୍ଚ କମିଟିରେ ସରକାରଙ୍କ ମନୋନୀତ ଅଧିକାରୀ ସଦସ୍ୟ ରହିବା ଅର୍ଥ ତାଲିକାଭୁକ୍ତ ହେବାକୁ ଯାଉଥିବା ପ୍ରାର୍ଥୀମାନେ ପରୋକ୍ଷରେ ସରକାରଙ୍କୁ ସୁହାଉଥିବା ଆବଶ୍ୟକ । ତେଣୁ କୁଳପତି ମନୋନୟନ ଓ ସିଣ୍ଡିକେଟରେ ସରକାରୀ ଦଖଲଦାରି ରହିବାରୁ ବିଶ୍ୱବିଦ୍ୟାଳୟଗୁଡ଼ିକ ଉଚ୍ଚ ଶିକ୍ଷାବିଭାଗର ଗୋଟିଏ ଗୋଟିଏ ଉପବିଭାଗ ରୂପେ କାର୍ଯ୍ୟ କରିବ । ପ୍ରତ୍ୟେକ ଛୋଟ ଛୋଟ କଥା ପାଇଁ କୁଳପତିଙ୍କୁ ଉଚ୍ଚଶିକ୍ଷା ବିଭାଗକୁ ଦୌଡ଼ିବାକୁ ପଡ଼ିବ କାରଣ ବିଭିନ୍ନ କାରଣରୁ ତାଙ୍କୁ ଉଚ୍ଚଶିକ୍ଷା ବିଭାଗ ଉପରେ ନିର୍ଭର କରିବାକୁ ପଡ଼ିବ ବିଶେଷତଃ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି ତାଙ୍କ ହାତରୁ ଚାଲିଯାଇଥିବା ହେତୁ ।

ଏହି ପଦକ୍ଷେପ ମାଧ୍ୟମରେ ସରକାର ବିଶ୍ୱବିଦ୍ୟାଳୟ ହାତରୁ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି କ୍ଷମତା କାଢ଼ିନେଇ ଶିକ୍ଷକ ନିଯୁକ୍ତି, ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନକୁ ଦିଆଯାଇଥିବାବେଳେ ଅଣଶିକ୍ଷକ ନିଯୁକ୍ତି ସର୍ଭିସ ସିଲେକ୍ସନ ବୋର୍ଡ ମାଧ୍ୟମରେ ହେବ । ଏହା ଏକ ଭୟଙ୍କର ନିମ୍ନଗାମୀ ତଥା ପଛକୁ ଫେରିଯିବା ପଦକ୍ଷେପ । ବିଶ୍ୱବିଦ୍ୟାଳୟ ମାନ ସାଧାରଣ ଉଚ୍ଚଶିକ୍ଷାନୁଷ୍ଠାନ ନୁହେଁ । ଏହାର ବିଭାଗ ଭିତରେ ଅନେକ ଉପ-ବିଭାଗ ଥାଏ । ତା' ଛଡ଼ା ଶିକ୍ଷା ସହ ଗବେଷଣା ବିଶ୍ୱବିଦ୍ୟାଳୟର ଏକ ପ୍ରମୁଖ ଅଙ୍ଗ । ବିଭାଗୀୟ ଆବଶ୍ୟକତାକୁ ସଂପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ସାଧାରଣ କଲେଜରେ ଶିକ୍ଷକଚୟନ ପଦ୍ଧତିକୁ ଆପଣେଇ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଆବଶ୍ୟକତାକୁ ଓ ଶୈକ୍ଷିକ ବାତାବରଣକୁ ଏହି ନୂତନ ଆଇନରେ ପଦାଘାତ କରାଯାଇଛି । ତା'ଛଡ଼ା ଏ ପ୍ରକାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସିଦ୍ଧାନ୍ତ ନେଲାବେଳେ ସରକାର ଦେଶ ତଥା ଅନ୍ୟ ପ୍ରଦେଶର ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନର ବ୍ୟବସ୍ଥା ଅନୁଧ୍ୟାନ କରିବା ଆବଶ୍ୟକ । ଭାରତବର୍ଷର ଉଭୟ ପ୍ରାଦେଶିକ ତଥା କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟର ଶିକ୍ଷକ ନିଯୁକ୍ତି ବିଶ୍ୱବିଦ୍ୟାଳୟଗୁଡ଼ିକ ହିଁ କରନ୍ତି । ୟୁଜିସି ନିୟମ ଅନୁଯାୟୀ ବାହ୍ୟ ବିଶାରଦଙ୍କ ତତ୍ତ୍ୱାବଧାନରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୁଏ । ସ୍ଥଳ ବିଶେଷରେ କେଉଁଠି ଦୁର୍ନୀତି ହେଉଥିବ । ଆମେ ଆଦର୍ଶଆଡ଼କୁ ଆଗେଇବା ନା ପଛେଇବା ? ଓଡ଼ିଶାରେ ଥିବା ଆଇ.ଆଇ.ଟି. ; ଏନ.ଆଇ.ଟି. ; କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ; ଆଇ.ଆଇ.ଏମ୍., ସମ୍ବଲପୁରର ଶିକ୍ଷକ ନିଯୁକ୍ତି କ'ଣ ୟୁନିୟନ ପବ୍ଲିକ ସର୍ଭିସ କମିଶନ ଦ୍ୱାରା କରାଯାଉଛି ? ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଶିକ୍ଷକ ଚୟନ କ'ଣ ଦିଲ୍ଲୀ ସରକାର ବା କେନ୍ଦ୍ର ସରକାର କରୁଛନ୍ତି ? ତା'ଛଡ଼ା ଓଡ଼ିଶାରେ ପବ୍ଲିକ ସର୍ଭିସ କମିଶନ ଦ୍ୱାରା ହେଉଥିବା ଚୟନ ପ୍ରକ୍ରିୟା ଏତେ ବିଳମ୍ବିତ ହୁଏ ଯେ ନିୟମିତ ଶିକ୍ଷକ ମିଳିବା ସାତସପନ ପାଲଟିବ । ଫଳତଃ କାମଚଳା, ଚୁକ୍ତିଭିତ୍ତିକ ଶିକ୍ଷକ ବା ଅତିଥି ଶିକ୍ଷକ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକ ଚାଲିବ, ପିଲାମାନଙ୍କର ପାଠପଢ଼ାର ଗୁଣବତ୍ତା, ଶିକ୍ଷାଦାନର ଗୁଣବତ୍ତା ରସାତଳକୁ ଯିବ ।

ବିଶ୍ୱବିଦ୍ୟାଳୟ ଭଳି ଏକ ସ୍ୱୟଂସମ୍ପନ୍ନ ଉଚ୍ଚଶିକ୍ଷାନୁଷ୍ଠାନର କୁଳପତି ଯଦି ଶିକ୍ଷାନୁଷ୍ଠାନ ଚଳେଇବା ପାଇଁ କୌଣସି ଜଣେ କର୍ମଚାରୀ ନିଯୁକ୍ତି କରିପାରିବେ ନାହିଁ, ତା'ହେଲେ ସେ ରହିବେ କାହିଁକି ? ଖାଲି ରେଜିଷ୍ଟ୍ରାର ଓ ପରୀକ୍ଷା ନିୟନ୍ତ୍ରକଙ୍କ ଦ୍ୱାରା କାମ ଚଳିଯିବ । ସରକାର କଲେଜଗୁଡ଼ିକୁ ଚଳେଇଲା ଭଳି ପ୍ରତ୍ୟକ୍ଷ ଭାବରେ ବିଶ୍ୱବିଦ୍ୟାଳୟ ପରଚାଳନା କରିପାରିବେ । ଅଯଥା କିଛି ଖର୍ଚ୍ଚ ମଧ୍ୟ ବଞ୍ଚିଯିବ ! ପରିବର୍ତ୍ତିତ ବ୍ୟବସ୍ଥାରେ ଆତ୍ମମର୍ଯ୍ୟାଦାସଂପନ୍ନ ଜ୍ଞାନୀ, ଗୁଣୀ ଲୋକେ ଏହି ପଦବୀ ପ୍ରତି ଆକୃଷ୍ଟ ହେବେନାହିଁ । ସବୁ ପରିସ୍ଥିତିକୁ ହଜମ କରିପାରୁଥିବା କିଛି ବ୍ୟକ୍ତି ଏ ସବୁ ପଦ ଅଳଂକୃତ କରିବେ । ଫଳ ସ୍ୱରୂପ ବିଶ୍ୱବିଦ୍ୟାଳୟଗୁଡ଼ିକ ଦିନକୁ ଦିନ ଆହୁରି ତଳକୁ ଚାଲିଯିବ । ସରକାରଙ୍କ ତଥାକଥିତ ଗୁଣାତ୍ମକ ବିଶ୍ୱସ୍ତରୀୟ ଶିକ୍ଷା କେବଳ ସ୍ୱପ୍ନରେ ରହିଯିବ ।

ସରକାର ଭଲ ଭାବରେ ଜାଣନ୍ତି ଯେ ସରକାର ନିୟନ୍ତ୍ରଣରେ ଗୁଣବତ୍ତା ପ୍ରକଟିତ ହୁଏନାହିଁ । ତେଣୁ ଉଭୟ କେନ୍ଦ୍ର ସରକାର ଓ ପ୍ରାଦେଶିକ ସରକାର ଉଚ୍ଚତର ଶିକ୍ଷା ତଥା ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ଏକ ସ୍ୱତନ୍ତ୍ର ସ୍ୱୟଂସମ୍ପନ୍ନ ପରିଚାଳନା ସମିତି ଦ୍ୱାରା ନିୟନ୍ତ୍ରିତ ହେବା ପାଇଁ ବିଧିବିଧାନ କରନ୍ତି । ଭାରତର ସବୁ ଆଇ.ଆଇ.ଟି ; ସବୁ ଆଇ.ଆଇ.ଏମ୍ ; ଏମ୍ସ ; ସେହି ପ୍ରକାର ବିଧାନର ଫଳ । ପ୍ରାଦେଶିକ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟ ସେହି ଢାଞ୍ଚାରେ ଗଢ଼ା ଯାଇଥିଲା । ଏକ ବିଂଶ ଶତାବ୍ଦୀରେ ଯେତେବେଳେ ଉଦାରୀକରଣ ପ୍ରଭାବରେ ଆହୁରି ଅଧିକ ସ୍ୱାଧୀନତାର ଦାବି ଉଠୁଛି, ଠିକ୍ ସେହି ସମୟରେ ଘଣ୍ଟାକୁ ପଛକୁ ଫେରାଇ ସରକାର ନିୟନ୍ତ୍ରଣ କରିବାକୁ ପାଗ ଭିଡ଼ିଲେଣି । ପରିଣତି ଜଳଜଳ । ୮୦ ବର୍ଷ ତଳେ ସ୍ଥାପିତ ଉତ୍କଳ ବିଶ୍ୱବିଦ୍ୟାଳୟର ସର୍ବଭାରତୀୟ ର୍ୟାଙ୍କ ୯୬ ହୋଇଥିବା ବେଳେ ଗତ କେଇ ବର୍ଷ ତଳେ ସ୍ଥାପିତ ଓଡ଼ିଶାର ଘରୋଇ ବିଶ୍ୱବିଦ୍ୟାଳୟମାନ ୫୦ ଭିତରେ ସ୍ଥାନ ପାଇ ପାରୁଛନ୍ତି । ସରକାର ସେଥିରୁ କ'ଣ ବୁଝିପାରୁନାହାନ୍ତି ଯେ ନିୟନ୍ତ୍ରଣ ନା ନିୟନ୍ତ୍ରଣହୀନତା, କେଉଁଟା ଜରୁରୀ ?

ଅବଶ୍ୟ ନୂତନ ବିଶ୍ୱବିଦ୍ୟାଳୟ ଆଇନ ଗୋଟିଏ କଥା କରିବ । ସରକାରୀ ସ୍କୁଲ, କଲେଜରୁ ଲୋକେ ମୁହଁ ଫେରାଇଲା ପରି ସମ୍ପୂର୍ଣ୍ଣଭାବେ ସରକାର ନିୟନ୍ତ୍ରିତ ବିଶ୍ୱବିଦ୍ୟାଳୟରୁ ମୁହଁ ଫେରେଇ ଲୋକେ ଘରୋଇ ବିଶ୍ୱବିଦ୍ୟାଳୟ ମୁହାଁ ହେବେ । ଦିନକୁ ଦିନ ଏ ଅନୁଷ୍ଠାନଗୁଡ଼ିକ ଆହୁରି ଦୁଃସ୍ଥ, ରୁଗ୍ଣ ତଥା ଅନାକର୍ଷଣୀୟ ପାଲଟିବ । ସରକାର ଯଦି ସରକାରୀ ବିଶ୍ୱବିଦ୍ୟାଳୟର ପରିଚାଳନା ପାଇଁ ଏହି ପ୍ରକାର ନକାରାତ୍ମକ ପଦକ୍ଷେପ ନିଅନ୍ତି, ଲୋକେ ତା'ହେଲେ କାହା ଉପରେ ଭରସା ରଖିବେ ?

ପୂର୍ବତନ ଅଧ୍ୟକ୍ଷ, ଜେଲ୍‌ରୋଡ଼, ବାଲେଶ୍ୱର
ମୋ:୯୪୩୭୩୭୬୨୧୯

# ରାସ୍ତାଘାଟରେ ଗୋରୁଗୁହାଳ



ପ୍ରଫେସର ଡା. ଗୁଣସାଗର ଦାଶ

ବିଦେଶର କେଉଁଠି କେଉଁଠି ସହର ନଗର ରାଜରାସ୍ତାରେ ବଣଜଙ୍ଗଲର ପଶୁପକ୍ଷୀମାନେ ନିର୍ଭୟରେ ବିଚରଣ କରୁଥିବାର ଦେଖାଯାଉଛି। ହେଲେ ଆମ ଦେଶର ରାଜରାସ୍ତାରେ ଓ ସହରର ଗଳିକନ୍ଦିରେ ଗୋରୁ କିମ୍ବା ବୁଲା କୁକୁରମାନଙ୍କର ଅବାଧ କବ୍‌ଜା। ସେମାନଙ୍କ ମଳମୂତ୍ରରେ ପରିବେଶ ପ୍ରଦୂଷିତ। ସତେ ଯେପରି ସେମାନେ ଟ୍ରାଫିକ୍ ପୋଲିସ। ଗାଡ଼ି ଚାଳକଟି ବାଧ୍ୟହୋଇ ବେଗ କମାଇ ଷ୍ଟିୟରିଂକୁ ଅଙ୍କାବଙ୍କା ବୁଲାଇ ଯିବାକୁ ବାଧ୍ୟ ହେଉଅଛି। ତଦ୍ଦ୍ୱାରା ବେଳେ ବେଳେ ଦୁର୍ଘଟଣାମାନ ବି ଘଟୁଛି। ଦୁଇଚକିଆ ଯାନ ଆରୋହୀମାନଙ୍କ ଜୀବନ ବି ଯାଉଛି। ଖାଲି ସେତିକି ନୁହେଁ, ବୁଲା ଷଣ୍ଢ, ଗୋରୁ ମଧ୍ୟ ପ୍ରାଣବଳି ଦେଉଛନ୍ତି। ସେମାନେ ହେଲେ ପଶୁ ; ଟ୍ରାଫିକ୍ ନିୟମ କି ପରିବେଶ ପ୍ରଦୂଷଣର ଆଇନ କାହୁଁ ଜାଣିବେ। ଏସବୁ ଦେଖି ଦେଖି ଯିବା ଆସିବା ଲୋକର ଦେହ ମନ ହୃଦୟରେ ଡରଭୟ, କ୍ରୋଧ ଓ ବିଷାଦ ଜାତ ହେଉଅଛି। କ'ଣ କରାଯିବ! କିଏ ଆମ କଥା ବା ଶୁଣିବ !

ସେ ଦିନ ଲେଖକ ଜର୍ମାନୀରେ ଅତିଥି ସଜ୍ଜନ ଭାବରେ ଯାଇଥିଲା ବେଳେ ଇଟାଲୀର ଜଣେ ଡାକ୍ତର ବନ୍ଧୁ ଭାରତ ବିଷୟରେ କୌତୂହଳୀ ହୋଇ ପଚାରିଲେ- ଏକଥା କ'ଣ ସତ ଯେ ତୁମ ଦେଶର ରାସ୍ତାଘାଟରେ ଗୋରୁ ବିନା ବାଧାରେ ବୁଲୁଥାଆନ୍ତି। କହିଲି- ସତ କଥା।

ସେ ପୁନର୍ବାର ପଚାରିଲେ କେହି ସେମାନଙ୍କୁ ମାରି ଖାଇ ଦିଅନ୍ତି ନାହିଁ ? ଉତ୍ତର ଦେଲି- ନା, ଆମ ଦେଶରେ ଗାଈକୁ ଗୋମାତା ଭାବରେ ପୂଜା ଅର୍ଚ୍ଚନା କରାଯାଉଥିବାରୁ ତାକୁ ମାରି ଖାଇବାଟା ପାପ ବୋଲି ବିବେଚନା କରାଯାଏ।

ଗାଁ ଗହଳିର ଗୋରୁ ହାଟରୁ ଚଲାଇ ଚଲାଇ ହେଉ କି ଗାଡ଼ିମୋଟରରେ ବୋଝେଇ ହେଉ, ଗୋଚାଲାଣ କଲେ ଆମ୍ଭମାନଙ୍କ ମନଟା ଦୁଃଖ ଦରଦରେ ଭରିଯାଏ। ବେଳେ ବେଳେ କେଉଁଠି କେମିତି ଗଣ୍ଡଗୋଳ ବି ହୋଇଥାଏ। ତେବେ ଆଜି ସହରର ଗଳିକନ୍ଦିରେ କି ରାଜରାସ୍ତାରେ ହେଉଛି କ'ଣ ? ଅକାଳରେ ଗୋରୁଙ୍କ ଅଲୋଡ଼ା ଜୀବନ ଟ୍ରକ୍ ତଳେ ଚାଲିଯାଉଅଛି। ଏଥିପାଇଁ ଦାୟୀ କିଏ ? ଏଥିପ୍ରତି ଜନସାଧାରଣ, ଜନ ପ୍ରତିନିଧି, ମ୍ୟୁନିସିପାଲିଟି ଅଥବା ରାଜ୍ୟ ସରକାରଙ୍କ କିଛି ଦାୟିତ୍ୱ ଥିଲା ବୋଲି ମନେହୁଏ ନାହିଁ।

ପ୍ରତ୍ୟେକ ସମସ୍ୟାର ସମାଧାନ ଅବଶ୍ୟ ରହିଛି। କେବଳ ଚିନ୍ତା କରି ପଦକ୍ଷେପ ନେଲେ ଏହାର ପ୍ରତିକାର ହୋଇପାରିବ। ବୁଲା ଗୋରୁଙ୍କୁ ବାଜ୍ୟାପ୍ତ କରି ସରକାରଙ୍କ ସମ୍ପତ୍ତି ବୋଲି ଘୋଷଣା କରାଯାଉ। ସେମାନଙ୍କୁ ରଖିବା ପାଇଁ ଗୋଶାଳାମାନ ପ୍ରତିଷ୍ଠା କରାଯାଉ। ଆଜିକାଲି ଗାଁଗଣ୍ଡାରେ ଗୋରୁ ଚରାଳି ମିଳୁନାହାନ୍ତି। ଏଣୁ ପ୍ରତ୍ୟେକ ଗ୍ରାମ କି ପଞ୍ଚାୟତରେ ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରଶିପ୍ ବା ସରକାର ଓ ଜନ ସହଯୋଗ ମାଧ୍ୟମରେ ଗୋଶାଳାମାନ ପ୍ରତିଷ୍ଠା କରାଗଲେ ଗୋରୁଙ୍କ ସେବାଯତ୍ନ କରି ବେକାର ଯୁବତୀଯୁବକମାନେ ମଧ୍ୟ ନିଜର ଅନ୍ନ ସଂସ୍ଥାନ କରିପାରିବେ। ଗୋସମ୍ପଦର ସୁରକ୍ଷା ବି ହୋଇପାରିବ। ଏଥିପ୍ରତି ସରକାରଙ୍କ ସାହାଯ୍ୟ ସହଯୋଗ ଓ ପ୍ରେରଣା ରହିବା ଏକାନ୍ତ ଆବଶ୍ୟକ। ସହରରେ ଗୋରୁ ମାଲିକମାନେ ଗାଈ ରଖନ୍ତି। ଦୁଗ୍ଧବତୀ ହେଲେ ଘରକୁ ଆଣି କ୍ଷୀର ସଂଗ୍ରହ କରନ୍ତି ; ବାକି ସମୟରେ ସହରରେ ଖୋଲା ଛାଡ଼ି ଦିଅନ୍ତି। ତେଣୁ ସେମାନଙ୍କୁ ଚିହ୍ନଟ କରି ଜରିମାନା ଆଦାୟ କରାଯାଉ। ଅନ୍ୟଥା ବୁଲା ଗୋରୁଙ୍କୁ ବାଜ୍ୟାପ୍ତ କରି ଗୋଶାଳାରେ ରଖାଯାଉ। ଏପରି ହେଲେ ଜନସାଧାରଣ ମଧ୍ୟ ସୁବିଧାରେ କ୍ଷୀର, ଦହି, ଛେନା, ଘିଅ ଆଦି ଦୁଗ୍ଧଜାତ ପଦାର୍ଥ ପାଇପାରିବେ। ଗୋରୁ ହାଟଗୁଡ଼ିକରେ କେବଳ ଚାଷକାର୍ଯ୍ୟ ପାଇଁ ଗୋରୁ କିଣାବିକା କରାଯାଉ। କେହି ହଡ଼ା କି ରୁଗ୍ଣ ଗୋରୁ ବିକ୍ରି କଲେ ସେମାନଙ୍କୁ ଦଣ୍ଡ ଦିଆଯାଉ। ସେମାନଙ୍କ ସେବା କରି ନ ପାରିଲେ ଗୋଶାଳାରେ ରଖାଯାଇ ସେବାଯତ୍ନ କରାଯାଉ। ପରିଣତ ବୟସରେ ସେମାନେ କ୍ଷୀର ଦେଇ ନ ପାରିଲେ ବି ଗୋବର ଖତ ଓ ଗୋମୂତ୍ର ତ ଅବଶ୍ୟ ମିଳିପାରିବ। ତା'ର ଉପଯୁକ୍ତ ବିନିଯୋଗ କରାଯାଇ ଅର୍ଗାନିକ୍ ଚାଷ କରାଯାଇ ପାରିବ। ଜନସାଧାରଣ, ସୁନାଗରିକ, ଜନ ପ୍ରତିନିଧି, ପଞ୍ଚାୟତ, ମ୍ୟୁନିସିପାଲିଟି ଓ ସରକାରଙ୍କୁ ଅନୁରୋଧ ଏଥିପ୍ରତି ସକ୍ରିୟ ଦୃଷ୍ଟି ଦେଇ ସମସ୍ତଙ୍କୁ ଏ ଅରାଜକତାରୁ ରକ୍ଷା କରନ୍ତୁ। ଆଶା ଏ ଦିଗରେ ସମସ୍ତେ ଚିନ୍ତାକରି ପଦକ୍ଷେପ ନେବେ।

ମୁକ୍ତିବିହାର, ଅଇଁଠାପାଲି, ସମ୍ବଲପୁର
ମୋ: ୯୪୩୭୦୫୮୫୨୫

## ଏଇ ଭାରତରେ

ହରିୟାଣାର ପଞ୍ଚକୁଲା ଆଣ୍ଟି ହ୍ୟୁମ୍ୟାନ୍ ଟ୍ରାଫିକିଂ ୟୁନିଟ୍‌ର ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର (ଏଏସ୍‌ଆଇ) ରାଜୀବ କୁମାର ୫ ବର୍ଷରେ ୫୦୦ ଶିଶୁଙ୍କୁ ଉଦ୍ଧାର କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଛନ୍ତି। ରାଜୀବ ୨୦୧୫ରୁ ଏହି ଦାୟିତ୍ୱ ନିର୍ବାହ କରୁଛନ୍ତି। ଦାୟିତ୍ୱ ନେବା ପରେ ପ୍ରଥମ ବର୍ଷ ସେ ୬ ଜଣ ଶିଶୁଙ୍କୁ ଉଦ୍ଧାର କରିଥିଲେ। ସେ ପିଲାମାନଙ୍କୁ ଉଦ୍ଧାର କରିବାକୁ ଦିନ ରାତି କାମରେ ଲାଗି ପଡନ୍ତି। ୨୦୧୬ରେ ୩୩ ଜଣଙ୍କୁ ଉଦ୍ଧାର କରିବା ପରେ ପ୍ରତିବର୍ଷ ତାଙ୍କୁ ଅଧିକ ସଫଳତା ମିଳିବାରେ ଲାଗିଛି। ସେ ସହରରେ ଭିକାରିମାନଙ୍କୁ ବି ଥଇଥାନ କରୁଛନ୍ତି। ରାଜୀବ ତାଙ୍କ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ବିଭିନ୍ନ ରାଜ୍ୟର ସାମାଜିକ କର୍ମୀ, ଚାଇଲ୍ଡ କେୟାର ଇନଷ୍ଟିଟ୍ୟୁଶନ(ସିସିଆଇ) ମେମ୍ବର ଓ ବିଭିନ୍ନ ପୋଲିସ ୟୁନିଟ୍‌କୁ ସାମିଲ କରିଛନ୍ତି। ଏହାଦ୍ୱାରା ସେମାନଙ୍କ ମାଧ୍ୟମରେ ସେ ନିଖୋଜ ଶିଶୁମାନଙ୍କ ସମ୍ପର୍କରେ ତଥ୍ୟ ପାଇପାରୁଛନ୍ତି। ଥରେ ତାଙ୍କ ପାଖକୁ ତଥ୍ୟ ଆସିଗଲେ ଉଦ୍ଧାର କାର୍ଯ୍ୟରେ ଲାଗିପଡୁଛନ୍ତି। 'ମିସିଂ ଚାଇଲ୍ଡ ପଞ୍ଚକୁଲା' ଫେସ୍‌ବୁକ ପେଜ୍‌ରେ ସେ ଏ ସମ୍ପର୍କରେ ସବିଶେଷ ତଥ୍ୟ ଶେୟାର କରୁଛନ୍ତି।

## ସାପ୍ତାହିକ ପଞ୍ଜିକା

**ଅଗଷ୍ଟ ୩୧:** ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ପ୍ରଣବ ମୁଖାର୍ଜୀଙ୍କ ପରଲୋକ।
➢ନ୍ୟାୟପାଳିକା ବିରୋଧରେ ଟୁଇଟ୍ ପାଇଁ ଅଦାଲତ ଅବମାନନା ମାମଲାରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କୁ ୧ ଟଙ୍କା ଜରିମାନା।
➢ସୀମାରେ ପୁଣି ଚାଇନା-ଭାରତ ମୁହାଁମୁହିଁ।
**ସେପ୍ଟେମ୍ବର ୧:** ଉତ୍ତର ଓଡ଼ିଶାର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ୬ ଜୀବନ ଗଲା।
➢ରାଜ୍ୟରେ ୫୦୦ ଉପରେ କରୋନା ମୃତ୍ୟୁ।
➢୧୪ରୁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ।
**ସେପ୍ଟେମ୍ବର ୨:** ପବ୍‌ଜି ସହ ୧୧୮ ଚାଇନା ଆପ୍ ବ୍ୟାନ୍।
➢ଏନ୍‌ଡିଏରେ ଯୋଗଦେଲେ ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ୍ ରାମ ମାନ୍‌ଝି।
**ସେପ୍ଟେମ୍ବର ୩:** ସେପ୍ଟେମ୍ବର ୩୦ ପୂର୍ବରୁ ବିଧାନସଭା ଅଧିବେଶନ ବସିବ।
➢ସୀମାସ୍ଥିତି ଅନୁଧ୍ୟାନ କଲେ ସେନାମୁଖ୍ୟ।
➢ଦିନକରେ ଦେଶରେ ୮୩.୮୮୩ କରୋନା ସଂକ୍ରମିତ।
➢କରୋନାରେ ଦିଲୀପ୍ କୁମାରଙ୍କ ଭାଇ ଏହସାନଙ୍କ ମୃତ୍ୟୁ।
**ସେପ୍ଟେମ୍ବର ୪:** ନଭେମ୍ବର ୨୯ ପୂର୍ବରୁ ଓଡ଼ିଶାରେ ଖାଲି ରହିଥିବା ବାଲେଶ୍ୱର ସଦର ଓ ତିର୍ତ୍ତୋଲ ବିଧାନସଭା ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହେବ।
**ସେପ୍ଟେମ୍ବର ୫:** ଭାରତ-ଚାଇନା ମଧ୍ୟରେ ଯୁଦ୍ଧ ହେଲେ ଭାରତକୁ ଆମେରିକା, ଜାପାନ, ଅଷ୍ଟ୍ରେଲିଆ, ଫ୍ରାନ୍ସ ଓ ଜର୍ମାନୀ ଆଦି ଦେଶ ସମେତ ୭ ଦେଶ ସମର୍ଥନ କରିବେ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | A | 3 | | | | 4 | | 2 | | | E | |
| 1 | 4 | A | D | | | 0 | | | 3 | | 7 | | 2 | |
| | 9 | | | | 0 | | 6 | B | 5 | | | | | |
| 7 | B | | | | 1 | | | | | | | | | |
| 6 | D | C | 4 | | | | | | 8 | | A | | | 3 |
| | | | 9 | | 4 | C | 5 | A | | | | 2 | | |
| | | D | | | | | | | | C | 6 | | | 5 |
| | | | | 0 | | | 1 | 2 | | | | | | C |
| 9 | 0 | 5 | | | 3 | | | | | A | | | | |
| | A | | | | | B | 4 | 3 | 7 | 8 | | E | 6 | |
| | 5 | 2 | 8 | | | | | | | | 3 | C | | B |
| | C | | | | 9 | | | 1 | | 0 | | | | |
| E | | | | D | | 4 | C | 8 | | 5 | | 3 | | 6 |
| | 1 | | | 5 | 6 | E | | | A | 7 | | | | D |
| 0 | | | | 7 | | | D | | | | 2 | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | C | A | 8 | 9 | 5 | 1 | D | 7 | 2 | E | B | 0 | 3 | 6 |
| 1 | 8 | 5 | 3 | D | 0 | E | 6 | 9 | 7 | A | 4 | C | B | 2 |
| 9 | 0 | D | A | B | 6 | 4 | C | 2 | 8 | 1 | 3 | E | 7 | 5 |
| 3 | B | E | 2 | 7 | 1 | A | 0 | 8 | 5 | 6 | C | 9 | 4 | D |
| 7 | 2 | 6 | E | C | 4 | B | 3 | 5 | 0 | D | 9 | 1 | A | 8 |
| E | 5 | 7 | 0 | 2 | C | 8 | 9 | 3 | 4 | B | 6 | D | 1 | A |
| 8 | 6 | 0 | 4 | A | E | D | 7 | B | 1 | 3 | 5 | 2 | C | 9 |
| D | 1 | 4 | B | 8 | 3 | 6 | E | A | 9 | C | 2 | 7 | 5 | 0 |
| 2 | A | C | 9 | 5 | 7 | 0 | 1 | 4 | D | 8 | E | 3 | 6 | B |
| B | 9 | 3 | 6 | 1 | D | 2 | 5 | C | A | 0 | 7 | 4 | 8 | E |
| A | 7 | B | 1 | 6 | 8 | 3 | 2 | 0 | E | 4 | D | 5 | 9 | C |
| 6 | E | 2 | 5 | 4 | B | 7 | A | D | C | 9 | 1 | 8 | 0 | 3 |
| 5 | 3 | 8 | C | 0 | 2 | 9 | 4 | E | B | 7 | A | 6 | D | 1 |
| 0 | 4 | 1 | D | E | 9 | C | B | 6 | 3 | 5 | 8 | A | 2 | 7 |
| C | D | 9 | 7 | 3 | A | 5 | 8 | 1 | 6 | 2 | 0 | B | E | 4 |

ଗତକାଲିର ଉତ୍ତର

# ଶିଶୁ ସ୍ୱାସ୍ଥ୍ୟରେ ପୁଷ୍ଟିର ସହାୟତା



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ପ୍ରତିବର୍ଷ ସେପ୍ଟେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଥାଏ। ଚଳିତବର୍ଷର ସ୍ଲୋଗାନ ରହିଛି 'ସାଧାରଣ ଶିଶୁ ଓ କ୍ରମବର୍ଦ୍ଧମାନ ଶିଶୁମାନଙ୍କର ଖାଦ୍ୟ ଅଭ୍ୟାସ ଉନ୍ନତତର'। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁବିଭାଗ ଏହି ସପ୍ତାହରେ ବିଭିନ୍ନ ସଚେତନଧର୍ମୀ ଓ ସହାୟତାଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ବିଶେଷକରି ପିଲାମାନଙ୍କର ଅଭିଭାବକମାନେ ଏହି ପୁଷ୍ଟି ପ୍ରସଙ୍ଗକୁ ଅଣଦେଖା କରିଥାନ୍ତି। ଏକ ସୁନ୍ଦର ଶିଶୁର ସ୍ୱାସ୍ଥ୍ୟ ତା'ର ପରବର୍ତ୍ତୀ ବିକଶିତ ବୟୋବୃଦ୍ଧି ପାଇଁ ଯେ ନିତାନ୍ତ ଅପରିହାର୍ଯ୍ୟ ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ। କୁହାଯାଏ ଆଜିର ଶିଶୁଟି ହେଉଛି ଆସନ୍ତାକାଲିର ଭବିଷ୍ୟତ। ହେଲେ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଯଦି ଅବହେଳାର ଶିକାର ହୁଏ ତାହାଲେ ପିଲାଟି ଅନେକ ରୋଗର ଶିକାର ହେବା ସହ କେବଳ ତା'ର ଶାରୀରିକ ନୁହେଁ ମାନସିକ ଓ ବୌଦ୍ଧିକ ବିକାଶ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ତେବେ ଉତ୍ତମ ପୁଷ୍ଟି ପାଇଁ ଜରୁରୀ କଥା ହେଉଛି ନବଜାତ ଶିଶୁ ପାଇଁ ମାଆର ପ୍ରଥମ କ୍ଷୀର ବା କଷ କ୍ଷୀର ତା' ସ୍ୱାସ୍ଥ୍ୟ ପାଇଁ ଏକ ଦିବ୍ୟ ସଞ୍ଜୀବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ସମସ୍ତ ପ୍ରକାର ପୌଷ୍ଟିକତା ରହିବା ସହ ବିଶେଷକରି ଶିଶୁ ପାଇଁ ଏହା ଏକ ପ୍ରକାର ଈଶ୍ୱର ପ୍ରଦତ୍ତ ରୋଗ ପ୍ରତିରୋଧକ ଶକ୍ତିକାରୀ ଅମୂଲ୍ୟ ଜିନିଷଟି। ନୂଆ ଜନ୍ମ ହୋଇଥିବା ପିଲାକୁ ପ୍ରଥମ ଛଅମାସ କେବଳ ମାଆ କ୍ଷୀର ନିହାତି ଜରୁରୀ। ଶିଶୁଟି ଯେତେଥର ଚାହୁଁଛି ମାଆମାନେ ପିଲାଙ୍କୁ ସ୍ତନ୍ୟପାନ ପ୍ରଦାନ କରନ୍ତୁ। ଶିଶୁଟିର ବୟସ ଛଅମାସ ପରେ ହେଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଘରୋଇ ପ୍ରସ୍ତୁତ ଖାଦ୍ୟ ଦିଅନ୍ତୁ। ତେବେ ଏହାସହିତ ଦୁଇ ବର୍ଷ ଯାଏ ପିଲାଟି ଯେପରି ମାଆ କ୍ଷୀର ପାଏ ଏ କ୍ଷେତ୍ରରେ ମାଆମାନେ ଯତ୍ନବାନ ହେବା ଜରୁରୀ। କେହି କେହି ମାଆକ୍ଷୀର ଅପେକ୍ଷା ବଜାର ପ୍ରସ୍ତୁତ ଡବା ପାଉଡର, ପ୍ରୋଟିନଯୁକ୍ତ ଖାଦ୍ୟ ଦେବାକୁ ଚାହିଁଥାନ୍ତି କିନ୍ତୁ ମନେରଖିବା କଥା ଯେ, ମାଆ କ୍ଷୀର ପରି କୌଣସି ଖାଦ୍ୟ ପଦାର୍ଥ ତୁଳନୀୟ ନୁହେଁ। ବିଶେଷକରି ମାଆମାନେ ଯତ୍ନବାନ ହେବା କଥା ଯେ ଶିଶୁଟି ଯେଉଁ ଖାଦ୍ୟ ଖାଉଛି ସେଥିରେ ସବୁଜ ଶାଗ, ତଟକା ପନିପରିବା, ଫଳ, ତେଲ, ଚିନି, ଗୁଡ଼, ବାଦାମ ଓ ଆୟୋଡ଼ିନଯୁକ୍ତ ଲୁଣ ଯେପରି ସାମିଲ ହେବ। ଓଡ଼ିଆ ଘରର ଚଳଣିରେ ଅଧିକାଂଶ ଗାଁଗଣ୍ଡାର ମାଆମାନେ ପିଲାଟିର ସ୍ୱାସ୍ଥ୍ୟକୁ ଯତ୍ନରେ ରଖି ନିଜ ଖାଦ୍ୟ ଓ ବିଶ୍ରାମକୁ ପଛରେ ପକାଇ ଦେଇଥାନ୍ତି ଏହା କିନ୍ତୁ ଠିକ୍ ନୁହେଁ। ଶିଶୁକୁ କ୍ଷୀର ଦେଉଥିବା ମାଆମାନେ ନିର୍ଦ୍ଦିଷ୍ଟ ସମୟର ବିଶ୍ରାମ ସହିତ ସେମାନେ ଯେପରି ପୁଷ୍ଟିକର ଖାଦ୍ୟ ଖାଇବେ ସେଥିପ୍ରତି ଯତ୍ନବାନ ହେବା ନିହାତି ଜରୁରୀ କାରଣ ମାଆଟିର ସ୍ୱାସ୍ଥ୍ୟ ସୁରକ୍ଷିତ ରହିଲେ ଶିଶୁଟିର ମଧ୍ୟ ସେହିପରି ଭାବରେ ଉତ୍ତମ ଅଭିବୃଦ୍ଧି ଓ ବିକାଶ ସମ୍ଭବ ହୋଇପାରିବ।

ପିଲାମାନେ ବିଶେଷକରି ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବାବେଳେ ପାରିପାର୍ଶ୍ୱିକ କ୍ଷେତ୍ରକୁ ଦୃଷ୍ଟିଦେବା ଅତ୍ୟନ୍ତ ଅପରିହାର୍ଯ୍ୟ। କାରଣ ବିଭିନ୍ନ ରୋଗ ସଂକ୍ରମଣ ହେତୁ ଶରୀରରେ ପୁଷ୍ଟିକର ତତ୍ତ୍ୱର କ୍ଷତି ହୋଇଥାଏ, ଯାହାଦ୍ୱାରା ଶିଶୁଟି ବିଭିନ୍ନ ରୋଗର ସହଜ ଶିକାର ହୋଇଥାଏ। ସେହିପରି ବ୍ୟକ୍ତିଗତ ଓ ଭୋଜନଗତ ସ୍ୱଚ୍ଛତାକୁ ଧ୍ୟାନ ଦେଇ ନିଜ ପରିବେଶକୁ ସ୍ୱଚ୍ଛ ରଖିପାରିଲେ ରୋଗ ସଂକ୍ରମଣକୁ ରୋକାଯାଇପାରିବ। ବର୍ତ୍ତମାନ ପରି ସାଧାରଣତଃ ବର୍ଷା ଦିନିଆ ପରିବେଶରେ ମାଆମାନେ ପିଲାଙ୍କ ଯତ୍ନ ନେଲାବେଳେ କିଛି ଘଟଣାକୁ ଅଣଦେଖା କରିଦିଅନ୍ତି। ପିଇବା ପାଣି ବି ଯେପରି ନିଶ୍ଚିତ ଭାବରେ ଭଲଭାବରେ ଫୁଟା ଯାଇଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପିଲାଟିକୁ ପିନ୍ଧାଉଥିବା ପୋଷାକ ଯେପରି ଭଲ ଭାବରେ ସଫା ହୋଇ ସୂର୍ଯ୍ୟକିରଣ ଦ୍ୱାରା ଶୁଖିଥିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। କେହି କେହି ପିଲାମାନଙ୍କର ଲୁଗାପଟାକୁ ଫ୍ୟାନରେ ବା ୱାଶିଂମେଶିନର ଗରମରେ ଶୁଖାଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଏହା ଆଦୌ ଠିକ୍ ନୁହେଁ। କାରଣ ପୋଷାକରେ ଯଦି ଆର୍ଦ୍ରତା ରହିବ ପିଲାଟି ଥଣ୍ଡାଜ୍ୱରର ଶିକାର ହେବାର ସମ୍ଭାବନା ଅଛି। ସେହିପରି ଖାଦ୍ୟ ପ୍ରସ୍ତୁତି ସମୟରେ ଭଲ ଭାବରେ ଗରମ ହୋଇଥିବା ଖାଦ୍ୟକୁ ଶୀତଳ କରି ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ। ବଜାରର ପନିପରିବା ଅପେକ୍ଷା ନିଜ ବାଡ଼ିର ବା ଘରୋଇ ପ୍ରସ୍ତୁତ ପରିବା ଯଥା ଅମୃତଭଣ୍ଡା, କଦଳୀ, ସଜନା ଛୁଇଁ, ଶାଗ ଦେଇପାରନ୍ତି। ଗାଜର ବିଟ ବି ଭଲ। ସେହିପରି ପିଲାମାନଙ୍କୁ ତଟକା ଫଳ ଖୋଇବାର ଅଭ୍ୟାସ ରଖନ୍ତୁ କିମ୍ବା ନିଜେ ଘରେ ଜୁସ୍ ତିଆରି କରି ପିଇବାକୁ ଦିଅନ୍ତୁ। ଛୋଟ ପିଲାଙ୍କୁ ଖାଇବାକୁ ଦେବାବେଳେ ଖାଦ୍ୟକୁ ଭଲ ଭାବରେ ଚକଟି ଦିଅନ୍ତୁ। ପିଲାମାନଙ୍କ ପାଇଁ ଚୁଡ଼ାରେ ପ୍ରସ୍ତୁତ ପାଉଡର ଖୁବ୍ ଭଲ। ଡାଲି ଭିତରେ ହରଡ଼ ଡାଲି, ମୁଗଡାଲି ଭଲ। ତେବେ ଡାଲି ପାଣିଟି ପିଲାମାନଙ୍କ ପାଇଁ ଖୁବ୍ ଭଲ। ପିଲାବେଳୁ ଶିଶୁଟିକୁ ରକ୍ତହୀନତାର ସମସ୍ୟାରୁ ଦୂରେଇବା ପାଇଁ ଏହାର ପ୍ରତିରୋଧ ନିମନ୍ତେ ଗର୍ଭବତୀ ମହିଳାମାନେ ଓ ପ୍ରସୂତି ମାଆମାନେ ପ୍ରଚୁର ଲୌହସାରଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପିଲାଟିକୁ ମଧ୍ୟ ଦିଅନ୍ତୁ। ସରକାର ଲୌହସାର ଯୁକ୍ତ ବଟିକା ଓ ବିଭିନ୍ନ ପୁଷ୍ଟିକର ଅଭିବୃଦ୍ଧି ପାଇଁ ମାଗଣା ଔଷଧ ପ୍ରଦାନ କରୁଛନ୍ତି ଏହାର ସୁଯୋଗ ନିଅନ୍ତୁ। ପିଲାଟି ଯେପରି ଆୟୋଡ଼ିନଯୁକ୍ତ ଲୁଣ ଖାଉଥାଏ ସେ ଦିଗଟିକୁ ଦେଖନ୍ତୁ। ରୁଗ୍ଣ ଓ ଅତିଶୟ ପୁଷ୍ଟିହୀନ ଶିଶୁ ପାଇଁ ଠିକ୍ ଓ ନିର୍ଦ୍ଧାରିତ ସମୟର ପୁଷ୍ଟିକର ଖାଦ୍ୟ ଓ ଅଧିକ ଯତ୍ନ ଆବଶ୍ୟକ। ପିଲାକୁ ଯେ କୌଣସି ଖାଦ୍ୟ ବା ପାନୀୟ ଦେଉଥାନ୍ତି ଶିଶୁରୋଗ ବିଶେଷଜ୍ଞଙ୍କ ମତ ନିଅନ୍ତୁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗର୍ଭବତୀ ମାଆ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅନେକ ସଚେତନଧର୍ମୀ କାର୍ଯ୍ୟକ୍ରମ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ଓ ଔଷଧ ପ୍ରଦାନ କରୁଛନ୍ତି। ସେଥିପାଇଁ ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନବାଡ଼ିକର୍ମୀ ମାନେ ଘରେ ଘରେ ପହଞ୍ଚି ଏହି ସୁଯୋଗ ଆପଣମାନଙ୍କ ହାତ ପାଆନ୍ତାରେ ପ୍ରଦାନ କରୁଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲାସ୍ତରୀୟ ଡାକ୍ତରଖାନାଠାରୁ ଶିଶୁଭବନ ସବୁଠି ଶିଶୁମାନଙ୍କର ଉତ୍ତମ ପୁଷ୍ଟିଜନିତ ଚିକିତ୍ସା ପାଇଁ ଅଭିଜ୍ଞ ଓ ଅନୁଭବୀ ଶିଶୁରୋଗ ବିଶେଷଜ୍ଞ ରହିଛନ୍ତି। ସେମାନଙ୍କ ପରାମର୍ଶ ନିହାତି ନିଅନ୍ତୁ। ଗୁଣୀଗୁଣି ବା କାହାର କାନକୁହା କଥା ଶୁଣି ପିଲାଟିକୁ ଡଉଲଡାଉଲ ଓ ମୋଟା କରିଦେବା ପାଇଁ ନିଜେ କୌଣସି ଖାଦ୍ୟ ବା ଔଷଧ ଦେବା ପୂର୍ବରୁ ଶିଶୁ ବିଶେଷଜ୍ଞଙ୍କ ନିହାତି ପରାମର୍ଶ ନିଅନ୍ତୁ। ଚଳିତବର୍ଷର ଏହି ସପ୍ତାହ ପାଇଁ ରହିଥିବା ସ୍ଲୋଗାନଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। ସମାଜର ସାମଗ୍ରିକ ଆଗାମୀ ଭବିଷ୍ୟତର ବିକାଶ ପାଇଁ ଆଜିର ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ ଦିଗ ଓ ପୁଷ୍ଟି ସାଧନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଏହାକୁ ପାଳନ କଲେ ଏହି ଜାତୀୟ ପୁଷ୍ଟି ସପ୍ତାହର ପ୍ରାସଙ୍ଗିକତାର ଗୁରୁତ୍ୱ ବଢ଼ିପାରିବ।

ସହଯୋଗୀ ପ୍ରଫେସର,
ଶିଶୁରୋଗ ବିଭାଗ, ଶିଶୁଭବନ, କଟକ,
ମୋ:୯୪୩୭୧୨୪୦୭୪

## ପାଠକ ଶ୍ରେଷ୍ଠ ବିଚାରକ

### ବଢୁଛି କରୋନା ବିପଦ

ମହାଶୟ,

କରୋନା ମୁକାବିଲା ପାଇଁ ସ୍କୁଲ, କଲେଜ ବନ୍ଦ ପରେ ବି ଉଚ୍ଚଶିକ୍ଷା ବିଭାଗ କେଉଁ କାରଣରୁ କଲେଜ ଖୋଲି ଅଧେ ଅଧ୍ୟାପକଙ୍କୁ କଲେଜ ଆସିବାକୁ କହୁଛନ୍ତି ? କରୋନା ସମୟରେ ଅଧ୍ୟାପକମାନେ ପାଠ ପଢ଼ାଇବା ଦରକାର ନା କଲେଜ ଆସିବା ଦରକାର, ତାହା ବୁଝାପଡୁନି। କାରଣ ନିଜ ଘରେ ରହି ବି ସେହି ଅନଲାଇନ ମାଧ୍ୟମରେ ଅଧ୍ୟାପକମାନେ ପାଠ ପଢ଼ାଉଥିଲେ। ମହାମାରୀ କରୋନାରେ ବି ଅଧ୍ୟାପକମାନେ ଖାତାଦେଖା କାର୍ଯ୍ୟ ଠିକ୍‌ରେ କରିଛନ୍ତି। ଏଥିନେଇ ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି। ହେଲେ କେହି କିନ୍ତୁ ବୁଝିବାକୁ ନାରାଜ। ଗୋଟିଏ ଅଭାବନୀୟ ଘଟଣା ଏହା ଭିତରେ ଘଟିଯାଇଛି। ଯାଜପୁର ଜିଲା ଛତିଆସ୍ଥିତ ଏକ ମହାବିଦ୍ୟାଳୟର ଜଣେ ଅଧ୍ୟାପକଙ୍କ କରୋନାରେ ଅକାଳ ବିୟୋଗ ହେଲା। ଚିକିତ୍ସିତ ହେବାକୁ ଠିକଣା ସମୟରେ ସୁଯୋଗ ମିଳିଲା ନାହିଁ। ଗୋଟିଏ ମେଡିକାଲରୁ ଅନ୍ୟ ଗୋଟିଏ ମେଡିକାଲ ଯିବାରେ ସମୟ ଗଲା। କଲେଜକୁ ସମ୍ପୂର୍ଣ୍ଣ ଠିକଣା ଭାବେ ସାନିଟାଇଜ ବି କରା ନ ଯାଇ ସେଠାରେ ସଙ୍ଗରୋଧ କେନ୍ଦ୍ର ଚାଲୁଥିବା ବେଳେ କଲେଜ ଖୋଲାଗଲା। ନିଜର ପରୋପକାର ମାନସିକତା ଏବଂ ଅନୁଷ୍ଠାନ ପ୍ରୀତି ପାଇଁ ଏହି ସଙ୍ଗରୋଧ କେନ୍ଦ୍ରରେ ଥିବା ଲୋକମାନଙ୍କର ଯତ୍ନ ନେଉଥିଲେ ଅଧ୍ୟାପକ। ଯୁବକ ବୟସରେ ତାଙ୍କ ଜୀବନ ଯିବା ପାଇଁ କିଏ ଉତ୍ତରଦାୟୀ। କିଏ ଦେବ ତାଙ୍କ ଅସହାୟ ପରିବାରକୁ ସାହାରା। କୌଣସି ଭବିଷ୍ୟକାଳୀନ ସୁବିଧା ଏବଂ ପେନ୍‌ସନ ନ ଥିବା ଅଧ୍ୟାପକଟିଏ ଜୀବନ ହରାଇବା ପରେ କ'ଣ ହୁଏ ତା'ର ପରିବାରର ଭବିଷ୍ୟତ ? ତାଙ୍କ ସଂସ୍ପର୍ଶରେ ଆସିଥିବା ଶତାଧିକ କର୍ମଚାରୀ ଓ ଅଧ୍ୟାପକଙ୍କ ପରିବାର ମୁଣ୍ଡରେ ହାତ ଦେଇ ବସିଛନ୍ତି।

ସନ୍ତୋଷ ବିଶ୍ୱାଳ, ସମାଜସେବୀ, ଭୁବନପୁର, ଗଡମଧୁପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୭ ସେପ୍ଟେମ୍ବର ୧୯୯୫

- ଗ୍ୟାଙ୍ଗଟକ୍‌ର ଦେଓରାଲିଠାରେ ଏକ ଦୁଇମହଲା କୋଠା ଭୁଶୁଡ଼ି ପଡ଼ିବା ଫଳରେ ୨୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି।
- ପ୍ରଖ୍ୟାତ ହିନ୍ଦୀ ଓ ବଙ୍ଗଳା ସଙ୍ଗୀତ ନିର୍ଦ୍ଦେଶକ ତଥା ଗୀତିକାର ସଲିଲ ଚୌଧୁରୀଙ୍କ ୭୦ ବର୍ଷ ବୟସରେ ପରଲୋକ।
- ସରକାରୀ କର୍ମଚାରୀମାନଙ୍କ କ୍ଷେତ୍ରରେ ପୂର୍ବରୁ ପ୍ରଚଳିତ ଥିବା ଗେଜେଟେଡ୍ ଓ ଅଣ-ଗେଜେଟେଡ ପାହ୍ୟାକୁ ରାଜ୍ୟ ସରକାର ଉଠାଇ ଦେଇଛନ୍ତି।

## ଚିରନ୍ତନୀ

ଆଲୋଡ଼ିତ କରେ ପ୍ରାଣ
ସକଳ ଏ ଦିଶା,
ସବୁ ପଥେ ଘାଟେ ଜାଗି
ଉଠେ କୁହୁ-ନିଶା।

(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ନବବଧୂଙ୍କୁ ହତ୍ୟା, ସ୍ୱାମୀ ଗିରଫ

**ପଦ୍ମପୁର, ୬।୯(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ପୋଲିସ ବଧୂହତ୍ୟା ଅଭିଯୋଗରେ ତାଙ୍କ ସ୍ୱାମୀ ବାଲିମୁଣ୍ଡାର ଜୟଲାଲ ଗିରିଙ୍କୁ ଗିରଫ କରିଛି। ଏନେଇ ପୋଲିସ ମାମଲା(ନଂ. ୧୦୫/୨୦) ରୁଜୁ କରିବା ସହ ଜୟଲାଲ୍‌ଙ୍କୁ କୋର୍ଟଚାଲାଣ କରିଛି। ଜୟଲାଲ ବାଂଶଡ଼ା ଥାନା ବଇଁଚା ଗ୍ରାମର ଗୌରହରି ମଣ୍ଡଳଙ୍କ ଝିଅ ପୂର୍ଣ୍ଣିମାଙ୍କୁ ୨ ମାସ ତଳେ ପ୍ରେମ ବିବାହ କରିଥିଲେ। ଗୁରୁବାର ସନ୍ଧ୍ୟାରେ ପୂର୍ଣ୍ଣିମା ଦଉଡ଼ି ଦେଇ ମୃତ୍ୟୁବରଣ କରିଥିବା ଖବରପାଇ ବାପଘର ଲୋକେ ବାଲିମୁଣ୍ଡାରେ ପହଞ୍ଚିଥିଲେ। ବିବାହ ପରଠାରୁ ପୂର୍ଣ୍ଣିମାଙ୍କୁ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି।

### ଦୁର୍ଘଟଣାରେ ଅପେରା ନାୟକଙ୍କ ମୃତ୍ୟୁ

**ଜଳେଶ୍ୱର, ୬।୯ (ସ୍ୱ.ପ୍ର.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ୫୭ତମ ରାଜ୍ୟ ରାଜପଥରେ ରବିବାର ମଧ୍ୟାହ୍ନରେ ଦୁର୍ଘଟଣା ଘଟି ପୁରୁଷୋତ୍ତମ ଅପେରା ନାୟକ ସମୀର କୁମାର ନାୟକଙ୍କ ମୃତ୍ୟୁ ହୋଇଛି। ସେ ନିଜ ବାଇକ୍‌ରେ ପେଟ୍ରୋଲ ପମ୍ପରୁ ଫେରୁଥିବା ବେଳେ କୌଣସି ଏକ ଅଜଣା ଗାଡି ଧକ୍କା ଦେଇଥିଲା। ସେ ରାସ୍ତାରେ ପଡିଥିବା ବେଳେ ଏକ ୧୦୮ ଆମ୍ବୁଲାନ୍ସ ତାଙ୍କୁ ଆଣି ଜିକେ ଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ଘର ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା କଡାପଦାରେ। ତାଙ୍କ ମୃତ୍ୟୁ ପରେ ଉତ୍ତର ବାଲେଶ୍ୱର କଳାକାର ସଂଘର ସଭାପତି ଗୌର ଦାସ, ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନ୍ତି ଏବଂ ପୁରୁଷୋତ୍ତମପୁର ଅପେରାର କଳାକାର ଶଙ୍କର ଗିରି, ଶଙ୍କର ହୁଇ, ସରୋଜ ପରିଡା, ବେଙ୍ଗା ବାବୁ, ବୈକୁଣ୍ଠ ଗିରି, ମାଲିକ ଶିଶିର ଦାସ, ଶମ୍ଭୁନାଥ ଓ ପରେଶ ପ୍ରଧାନ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ନିଆଁ ଲାଗି ମହିଳା ଗୁରୁତର

**ପଦ୍ମପୁର, ୬।୯(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧିନ ବଳରାମପୁର ଗ୍ରାମର ଜଣେ ମହିଳା ନିଆଁରେ ପୋଡ଼ି ହୋଇ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ମମତା ରାଣୀ ଜେନା(୩୫)। ରବିବାର କିରୋସିନ ଢାଳି ଚୁଲିରେ ନିଆଁ ଲଗାଉଥିବା ବେଳେ ଚୁଲିରୁ ନିଆଁ ଉଠି ତାଙ୍କ ଶାଢ଼ୀରେ ଲାଗି ଯାଇଥିଲା। ପରିବାର ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

### ସାପ କାମୁଡାରେ ୨ ମୃତ

**ପାଟଣା/ଭଦ୍ରକ ଅଫିସ, ୬।୯(ସ୍ୱ.ପ୍ର.):** କେନ୍ଦୁଝର ଓ ଭଦ୍ରକ ଜିଲାରେ ସାପ କାମୁଡ଼ାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ପାଟଣା ବ୍ଲକ ଯମୁନାପଶି ପଞ୍ଚାୟତ କୋଡ଼ଖମଣ ଗ୍ରାମର ସୁନାମଣି ମୁଣ୍ଡା ରବିବାର ସାପ କାମୁଡାରେ ମୃତ୍ୟୁବରଣ କରିଛନ୍ତି। ଶନିବାର ପାହାନ୍ତାରେ ସେ ଶୌଚ ହେବା ପାଇଁ ପଦାକୁ ବାହାରିଥିବା ବେଳେ ଏକ ସାପ କାମୁଡି ଦେଇଥିଲା। ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୧/୨୦) ରୁଜୁ ହୋଇଛି। ସେହିପରି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଣିଆ ପଞ୍ଚାୟତ ଅଧୀନ ସରଗଡ଼ିଆ ଗାଁର ସନାତନ ପଲାଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ନିଜ ବିଲକୁ କାମ କରିବାକୁ ଯାଇଥିଲେ। ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ଜିଲା ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ରିଲିଫ୍ ଚାଉଳ, ଟଙ୍କା ହଡପ ଅଭିଯୋଗ

**ତିହିଡ଼ି, ୬।୯(ସ୍ୱ.ପ୍ର.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତରେ ରିଲିଫ ବଣ୍ଟନରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ସରକାରଙ୍କ ଗାଇଡ୍‌ଲାଇନକୁ ଉଲ୍ଲଂଘନ କରି ବିପନ୍ନମାନଙ୍କ ଚାଉଳ ଓ ଟଙ୍କା ହଡ଼ପ କରାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ବିପନ୍ନଙ୍କ ମଧ୍ୟରେ ପୁଞ୍ଜୀଭୂତ ଅସନ୍ତୋଷ ଶନିବାର ଉଗ୍ରରୂପ ଧାରଣ କରିଥିଲା। ବିପନ୍ନମାନେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକଜୁଟ୍ ହୋଇ ପ୍ରତିବାଦ କରିଥିଲେ। ରିଲିଫ୍ ଦାୟିତ୍ୱରେ ଥିବା କର୍ମଚାରୀ ଓ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ବ୍ଲକ ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ଭାବେ ଗ୍ରହଣ କରି ତୁରନ୍ତ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନୋଡାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବନ୍ୟା ଜଳଘେରରେ ରହିଥିବା ବିପନ୍ନଙ୍କୁ ପରିବାର ପିଛା ୫୦ କିଲୋଗ୍ରାମ ଚାଉଳ ଓ ସହାୟତା ରାଶି ବାବଦକୁ ୫ଶହ ଟଙ୍କା ପ୍ରଦାନ ଲାଗି ରାଜ୍ୟ ସରକାର ଘୋଷଣା କରିଛନ୍ତି। ବ୍ଲକ ପ୍ରଶାସନ ଜରିଆରେ ପଞ୍ଚାୟତ ମାଧ୍ୟମରେ ସେମାନଙ୍କୁ ଘରେ ଘରେ ବଣ୍ଟନ କରିବା ଲାଗି ନିର୍ଦ୍ଦେଶ ହୋଇଛି। ଏନେଇ ଚାଉଳ ସହିତ ଟଙ୍କା ମଧ୍ୟ ପଞ୍ଚାୟତକୁ ଯୋଗାଇ ଦିଆଯାଇଛି। ମାତ୍ର ମୁକୁନ୍ଦପୁର ପଞ୍ଚାୟତ ପକ୍ଷରୁ ବିପନ୍ନମାନଙ୍କୁ ୫୦ କିଲୋଗ୍ରାମ ବଦଳରେ ୪୧ କିଲୋଗ୍ରାମ ଏବଂ ୫ଶହ ଟଙ୍କା ବଦଳରେ ୪୪୦ ଟଙ୍କା ବଣ୍ଟନ କରାଯାଉଥିବା ଅଭିଯୋଗ ହୋଇଛି। ବିପନ୍ନମାନେ ଏହାର ପ୍ରତିବାଦ କରିବାରୁ ସେମାନଙ୍କୁ ସନ୍ତୋଷଜନକ ଉତ୍ତର ମିଳି ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ରିଲିଫ ଚାଉଳ ଓ ଟଙ୍କା ସେମାନଙ୍କୁ ଗାଁରେ ଦିଆ ନ ଯାଇ ମୁକୁନ୍ଦପୁର ପଞ୍ଚାୟତ ଅଫିସକୁ ଡକାଯାଉଛି। ସରକାରୀ ଖାତାରେ ୫୦ କିଗ୍ରା ଚାଉଳ ଓ ୫ଶହ ଟଙ୍କା ଦିଆଗଲା ବୋଲି ଦସ୍ତଖତ କରି ନିଆଯାଉଛି ବୋଲି ଅଭିଯୋଗ ହୋଇଛି। ଅନ୍ୟପଟେ ରିଲିଫ୍ ଚିଠାରେ ନ ଥିବା କେତେକ ପରିବାରକୁ ଉକ୍ତ ଚାଉଳ ଓ ଟଙ୍କା କାଣ୍ଟଛାଣ୍ଟ କରି ବଣ୍ଟନ କରାଯାଉଥିବା କୁହାଯାଉଛି। ରିଲିଫ ବଣ୍ଟନ କରିବା ଲାଗି ଦୁଇ ଜଣ ଶିକ୍ଷକ ନିୟୋଜିତ ହୋଇଥିବା ବେଳେ ଏଭଳି ଦୁର୍ନୀତି ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଏହି ପଞ୍ଚାୟତର ଗୁଡୁପାଳ ମୌଜାର ୪ଟି ୱାର୍ଡର ୪୦୨ ପରିବାରକୁ ରିଲିଫ୍ ପ୍ରଦାନ କରିବା ଲାଗି ପ୍ରଶାସନ ପକ୍ଷରୁ ଚିଠା ପ୍ରସ୍ତୁତ ହୋଇଛି। ଶନିବାର ଏନେଇ ବିପନ୍ନମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ। ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ତଥା ଭାଜପା ଯୁବନେତା ଉମାକାନ୍ତ ଦାସ, ପ୍ରଶାନ୍ତ କୁମାର ଦାସ, ପ୍ରଶାନ୍ତ ଦାସ, ଗଙ୍ଗାଧର ମହାଳିକ, ଭୀମ ଦାସ, କାଳନ୍ଦୀ ନାୟକ, ଅଜୟ ମହାଳିକ, ଅଶୋକ ରାଉତ ପ୍ରମୁଖ ବିଡିଓ ବସନ୍ତ କୁମାର ସାହାଣୀଙ୍କଠାରେ ଦାବି କରିଛନ୍ତି।



ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଅସନ୍ତୁଷ୍ଟ ବିପନ୍ନ।

- ଏକାଠି ହୋଇ ପ୍ରତିବାଦ କଲେ ବିପନ୍ନ
- ବିଡିଓଙ୍କ ତଦନ୍ତ ନିର୍ଦ୍ଦେଶ

# ମୌଳିକ ସୁବିଧା ପାଉନାହାନ୍ତି ଖଣି ଅଞ୍ଚଳବାସୀ

**ବଡବିଲ, ୬।୯(ସ୍ୱ.ପ୍ର.)**

**ପଦକ୍ଷେପ ନ ହେଲେ ଆନ୍ଦୋଳନ ଚେତାବନୀ**

କେନ୍ଦୁଝର ଜିଲା ବଡବିଲରେ ଭାଜପା ପକ୍ଷରୁ ଚମ୍ପୁଆ ଉପଖଣ୍ଡ ଅଞ୍ଚଳବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମାସକ ମଧ୍ୟରେ ଖଣି ପ୍ରଭାବିତ ଅଞ୍ଚଳ ଯୋଡା-ବଡବିଲରେ ମଲ୍ଟି ସ୍ପେଶାଲିଟି ହସ୍‌ପିଟାଲ, ରାସ୍ତାଘାଟର ଉନ୍ନତିକରଣ, ପାନୀୟ ଜଳ ସମସ୍ୟାର ସମାଧାନ, ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ ନ କଲେ ଭାଜପା ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ରବିବାର ପୂର୍ବାହ୍ନରେ ବଡବିଲ ଠାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୁରଲୀ ଶର୍ମା ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ଖଣିଜ ସମ୍ପଦ ପାଇଁ କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡର ଯୋଡା-ବଡବିଲ ଅନ୍ତର୍ଜାତିକ ସ୍ତରରେ ବେଶ ଖ୍ୟାତିଲାଭ କରିଛି। ଅନ୍ୟ ଜିଲାର ଆର୍ଥିକ ଓ ସାମାଜିକ ସ୍ଥିତି ଉନ୍ନତି ସହ ବେକାରୀ ସମସ୍ୟା ଦୂର ହୋଇଥିଲାବେଳେ କେନ୍ଦୁଝରରେ ଏପର୍ଯ୍ୟନ୍ତ ଏକ ବୃହତ୍ତ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା କେବଳ ନିର୍ବାଚନୀ ପ୍ରତିଶ୍ରୁତିରେ ସୀମିତ ରହିଛି। ଏହିସବୁ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ ନ କଲେ ଭାଜପା ପକ୍ଷରୁ ସମଗ୍ର ଚମ୍ପୁଆ ଉପଖଣ୍ଡରେ ଆନ୍ଦୋଳନ କରାଯିବା ସହ ଏହି ଅଞ୍ଚଳରୁ ମୁଠାଏ ହେଲେ ଖଣିଜ ସମ୍ପଦ ରପ୍ତାନୀ କରିବାକୁ ଦେବ ନାହିଁ ବୋଲି ମୁରଲୀ ଗଣମାଧ୍ୟମକୁ କହିଛନ୍ତି।

## ଅଙ୍ଗନୱାଡ଼ି କେନ୍ଦ୍ରରେ ମାଣ୍ଡିଆ ଲଡୁ ବଣ୍ଟନ

**କେନ୍ଦୁଝର, ୬।୯ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ପ୍ରାକ ପ୍ରାଥମିକ ସ୍କୁଲର ଶିଶୁ ମାନଙ୍କ ପାଇଁ ମାଣ୍ଡିଆ ଲଡୁର ପ୍ରଚଳନ ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇଛି। ଏହା ଦ୍ୱାରା ୮୭ ହଜାର ଅଙ୍ଗନୱାଡି ଶିଶୁ ଉପକୃତ ହୋଇ ପାରିବେ। ମିଶନ ଶକ୍ତି ସହାୟତା ରେ ୨୧ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଏହି ମାଣ୍ଡିଆ ଲଡୁ ମିକ୍ସ ପ୍ରସ୍ତୁତ ଓ ୩୨୫୪ ଅଙ୍ଗନୱାଡି କେନ୍ଦ୍ର କୁ ଯୋଗାଣ କରିବେ। କୋଭିଡ୧୯ କଟକଣା କାରଣରୁ ଏବେ ଅଙ୍ଗନୱାଡି କର୍ମୀ ମାନେ ଶିଶୁ ମାନଙ୍କୁ ସିଧା ସଳଖ ଘରେ ଦେବେ।

## ଅଙ୍ଗନୱାଡ଼ିରେ ଖାଦ୍ୟ ଯୋଗାଣ ଅନିୟମିତତା

**ଭଦ୍ରକ ଅଫିସ, ୬।୯**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ଅଙ୍ଗନୱାଡ଼ି ଖାଦ୍ୟ ଯୋଗାଣରେ ବ୍ୟାପକ ଅନିୟମିତତା ହେଉଥିବା ଭାଜପା ଅଭିଯୋଗ କରିଛି। ଏନେଇ ଭାଜପା ପକ୍ଷରୁ ଜିଲା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ନିର୍ଦ୍ଦିଷ୍ଟ କେତେକ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ନିମ୍ନମାନର ଅପମିଶ୍ରିତ ଓ ନିର୍ଦ୍ଧାରିତ ଓଜନଠାରୁ କମ୍ ଖାଦ୍ୟ ଦୀର୍ଘ ଦିନ ଧରି ଚାନ୍ଦବାଲି ବ୍ଲକର ବିଭିନ୍ନ ଅଞ୍ଚଳରେ ଦେଇ ଆସୁଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଗର୍ଭବତୀ ଓ ପ୍ରସୂତିଙ୍କ ନିମନ୍ତେ ୪ କିଲୋ ୪୦୦ ଗ୍ରାମ ଛତୁଆ ଦେବାର ନିୟମ ଥିଲେ ମଧ୍ୟ ଚାନ୍ଦବାଲି ବ୍ଲକରେ ୩ କିଲୋ ୫୦୦ ଗ୍ରାମ ଛତୁଆ ଦିଆଯାଉଛି। ଏନେଇ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ମନମୋହନ ସାମଲ ଚେତାବନୀ ଦେଇଛନ୍ତି।

## ପୋଖରୀରୁ ନିଖୋଜ ମୃତଦେହ ଉଦ୍ଧାର

**ଭଦ୍ରକ ଅଫିସ, ୬।୯**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଗୁଜିଦରଡ଼ା ଫାଣ୍ଡି ଅଧୀନ ପୁରୁଣାହାଟ ନିକଟ ପୋଖରୀରୁ ଦୁଇଦିନ ପୂର୍ବରୁ ନିଖୋଜ ଥିବା ଶେଖ୍ ସହୀଦ(୪୦)ଙ୍କ ମୃତଦେହ ପୋଲିସ ଜବତ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ରବିବାର ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଦୁଇ ହାତ ଓ ମୁଣ୍ଡରେ ଆଘାତ ଥିବା କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା କିମ୍ବା ଆତ୍ମହତ୍ୟା ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଆଲୋକ ଜେନା ପ୍ରକାଶ କରିଛନ୍ତି।

## ରାସ୍ତା କାମ ନିମ୍ନମାନର

**ବାଲିଆପାଳ, ୬।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ବାଲିଆପାଳରୁ କାଳିପଦା ପୂର୍ତ୍ତ ବିଭାଗର ରାସ୍ତା ନିର୍ମାଣ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗ ଦ୍ୱାରା କାଳିପଦାରେ ଦୀର୍ଘଦିନ ଧରି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ବ୍ଲକ ଛକରୁ ସିମୁଳିଆ ବଜାର ରାସ୍ତା ଖାଲଖମା ସୃଷ୍ଟି ହୋଇ ମରଣଯନ୍ତା ପାଲଟିଥିଲା। ଏ ନେଇ 'ଧରିତ୍ରୀ'ରେ ଅଗଷ୍ଟ ୨୬ରେ ଖବର ପ୍ରକାଶ ପାଇବା ପରେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାସ୍ତାରେ ନିମ୍ନମାନର କାଦୁଅ ମିଶା ମେଟାଲ ସହିତ ନିମ୍ନମାନର ବାଲି ବ୍ୟବହାର କରାଯାଉଛି। ରାସ୍ତା ନିର୍ମାଣ କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହୁ ନ ଥିବାରୁ ମନଇଚ୍ଛା କାମ କରାଯାଉଥିବା ନେଇ ବାଲିଆପାଳ ଅଞ୍ଚଳର ଜଣେ ସାମାଜିକ କର୍ମୀ ହେମନ୍ତ ଦାସ ରବିବାର ପୂର୍ତ୍ତ ବିଭାଗର ଏସ୍‌ଡିଓ ମନୋରଞ୍ଜନ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏସ୍‌ଡିଓ ମନୋରଞ୍ଜନ ବେହେରା ଏହା ଜାଣିବା ପରେ ରାସ୍ତା ନିର୍ମାଣ କାମ ବନ୍ଦ କରିଥିଲେ। ସେ ଦେଖିଲା ପରେ ରାସ୍ତା କାମ ହେବ ବୋଲି କହିଥିଲେ।

# ମେଶିନ୍‌ରେ ଖୋଳି ଦେଲେ ରାସ୍ତା

**ଯୋଡ଼ା, ୬।୯(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ବ୍ଲକ ଜଳହରି ପଞ୍ଚାୟତର କେଏମସି ଗଣେଶ ମନ୍ଦିର ଠାରେ ଗ୍ରାମ୍ୟ ରାସ୍ତାକୁ ଜେସିବି ମେସିନ୍ ଦ୍ୱାରା ଖୋଳି ଦେବାରୁ ଲୋକଙ୍କ ଯାତାୟାତ ଠପ୍ ହୋଇଯାଇଛି। ଗତ କିଛିଦିନ ତଳେ ହୋଇଥିବା ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ପାଣି ନିଷ୍କାସନ ନ ହୋଇ କେଏମସି ହଟିଂ ଠାରେ ଥିବା କେତେକ ଲୋକଙ୍କ ଘର ସମ୍ମୁଖରେ ଜମିଯାଇଥିଲା। ବର୍ଷାପାଣି ଜମା ହେବା ଫଳରେ ଲୋକମାନେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବାରୁ ଉକ୍ତ ବର୍ଷା ଜଳକୁ ନିଷ୍କାସନ କରିବା ପାଇଁ ଅନ୍ୟ କୌଣସି ଉପାୟ ନ ଥିବାରୁ ରାତି ବେଳା ଜେସିବି ମେସିନ୍ ଲଗାଇ ପଞ୍ଚାୟତକୁ ଯିବା ପାଇଁ ଥିବା ମୁଖ୍ୟ ରାସ୍ତାକୁ ଖୋଳି ଦେଇଥିଲେ। ମାତ୍ର ରାସ୍ତାଟି ଖୋଳିଦିଆଯାଇଥିବାରୁ ଏହି ରାସ୍ତା ଦେଇ ଛୋଟ ଯାନବାହାନ, ବାଇକ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଖୋଳାଯାଇଥିବା ସ୍ଥାନରେ ସ୍ଥାନୀୟ ଲୋକେ ଏକ ଛୋଟ କାଠ ପଟା ବିଛାଇ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ରାସ୍ତାର ମରାମତି କାର୍ଯ୍ୟ କରାଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଖୋଳାଯାଇଥିବା ରାସ୍ତାକୁ ମରାମତି କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏସମ୍ପର୍କରେ ଜଳହରି ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଙ୍ଗାଧର ପାତ୍ରଙ୍କୁ ପଚାରିବାରୁ ବର୍ତ୍ତମାନ ପଞ୍ଚାୟତ ପକ୍ଷରୁ ଉକ୍ତ ରାସ୍ତା ମରାମତି କରିବା ପାଇଁ କୌଣସି ଯୋଜନା ନାହିଁ ତଥାପି ସେ ସରପଞ୍ଚଙ୍କ ସହ ଆଲୋଚନା କରି ସୋମବାର ଉକ୍ତ ଖୋଳାଯାଇଥିବା ରାସ୍ତାର ମରାମତି ଦିଗରେ ଦୃଷ୍ଟି ଦେବେ ବୋଲି କହିଛନ୍ତି।


ଜେସିବି ଦ୍ୱାରା ଖୋଳାଯାଇଥିବା ରାସ୍ତା।

**ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ**

# ମେଧାବୀ ଛାତ୍ର ହିଁ ରାଷ୍ଟ୍ର ନିର୍ମାଣର କର୍ଣ୍ଣଧାର

**ରୂପ୍‌ସା, ୬।୯(ଡି.ଏନ.ଏ.)**

ମେଧାବୀ ଛାତ୍ର ହିଁ ରାଷ୍ଟ୍ର ନିର୍ମାଣର କର୍ଣ୍ଣଧାର ବୋଲି ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ମାଟ୍ରିକ ଟପ୍ପର ଓ ଯୁକ୍ତ ୨ ଟପ୍ପରଙ୍କୁ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସୀମାନ୍ତବର୍ତ୍ତୀ ବୈଶିଙ୍ଗା ଥାନା ଅଧୀନ ଭଗବାନପୁର ବୈଠକ ବଙ୍ଗଳାରେ ଆୟୋଜିତ ସଭାରେ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ବରିଷ୍ଠ ସଦସ୍ୟ କବି କାଳୀପଦ ପଣ୍ଡା, ମୁଖ୍ୟବକ୍ତା ପ୍ରାଧ୍ୟାପକ କାଳୀଚରଣ ଲେଙ୍କା ଓ ସମ୍ମାନନୀୟ ଅତିଥି ଭାବେ ମୟୂରଭଞ୍ଜ ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ହୋତାପ୍ରମୁଖ ବକ୍ତବ୍ୟ ଦେଇଥିଲେ। ମାଟ୍ରିକ ଟପ୍ପର ଜିତେନ ମହାଳିକ ଓ ଯୁକ୍ତ ୨ ଛାତ୍ର ଦୀପ୍ତେଶ ପଣ୍ଡାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।


ଟପ୍ପର ଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ଭାଗବତ ଆଶ୍ରମରେ ବୃକ୍ଷରୋପଣ

**ସିମୁଳିଆ, ୬।୯(ଡି.ଏନ୍.ଏ.)**

ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ବିଶ୍ୱହିନ୍ଦୁ ପରିଷଦ ସିମୁଳିଆ ପ୍ରଖଣ୍ଡ ଦ୍ୱାରା ରବିବାର ଖଡିଗଡିଆ ଭାଗବତ ଆଶ୍ରମ ପରିସରରେ ବୃକ୍ଷରୋପଣ କରାଯାଇଛି। ଗୁଆ, ପଣସ, ଜାମୁରୋଳ, ସପେଟା, ନଡିଆ ଆଦି ଚାରାରୋପଣ କରାଯାଇଥିଲା। ମଠାଧୀଶ ମଧୁସୂଦନ ଦାଶ ମହାରାଜଙ୍କ ଅଧ୍ୟକ୍ଷତାରେ ବିଶ୍ୱହିନ୍ଦୁ ପରିଷଦର ଭଦ୍ରକ ଜିଲା ସମ୍ପାଦକ କାହ୍ନୁଚରଣ ସିଂ, ମଇତାପୁର ଗାୟତ୍ରୀ ଆଶ୍ରମର ଅନନ୍ତ ବାବା ଓ ପ୍ରଖଣ୍ଡ ସମ୍ପାଦକ ପ୍ରଦୀପ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 13 ରେ ପ୍ଲଟ ନଂ - 13-4F/1694 ଟିକୁ ଗିରିଧାରୀ ଲାଲ, ପିତା - ୰ ଅର୍ଜ୍ଜୁନ ଲାଲ, ସା - ସାମନ୍ତ ସାହି, ପୋ - ବକ୍ସିବଜାର, ଥା - ପୁରୀଘାଟ, ଜିଲ୍ଲା - କଟକଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଗିରିଧାରୀ ଲାଲଙ୍କ ମୃତ୍ୟୁପରେ ତାଙ୍କର ନ୍ୟାୟିକ ଉତ୍ତରାଧିକାରୀ ବିଜୟଲକ୍ଷ୍ମୀ ବେହେରା (କନ୍ୟା), ସ୍ୱାମୀ - ଉମେଶ ଚନ୍ଦ୍ର ବେହେରା, ସା - ବିଡାନାସୀ ଗୋପାଳ ସାହି, ପୋ/ଥା - ବିଡାନାସୀ, ଜିଲ୍ଲା - କଟକ ଉକ୍ତ ପ୍ଲଟ ଟିକୁ ନିଜ ନାମରେ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି। ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଗିରିଧାରୀ ଲାଲଙ୍କ ନ୍ୟାୟିକ ଉତ୍ତରାଧିକାରୀ ପତ୍ନୀ ମୀନା ଲାଲ ବ୍ୟକ୍ତିଗତ ଭାବେ ହାଜର ହୋଇ ଏବଂ ସତ୍ୟପାଠ ଜରିଆରେ ତାଙ୍କର କୌଣସି ଆପତ୍ତି ନାହିଁ ବୋଲି ଜଣାଇଥିବା ବେଳେ ଅନ୍ୟତମ ନ୍ୟାୟିକ ଉତ୍ତରାଧିକାରୀ ପୁତ୍ର ମନୋଜ ଲାଲଙ୍କୁ ଅଫିସ ବରମ୍ବାର ଚିଠି କଲା ପରେ ମଧ୍ୟ ସେ ଅଫିସରେ ଉପସ୍ଥିତ ହେଉନାହାଁନ୍ତି କି ତାଙ୍କର ମତାମତ କିମ୍ବା ସତ୍ୟପାଠ ଦାଖଲ କରୁନାହାଁନ୍ତି, କିନ୍ତୁ ତାଙ୍କର ମା ଏକ ସତ୍ୟପାଠ ଜରିଆରେ ଅଫିସଙ୍କୁ ଜଣାଇ ଅଛନ୍ତି କି ତାଙ୍କର ପୁଅ ମନୋଜ ଲାଲ ଦୀର୍ଘ ଦିନ ହେବ ନିଖୋଜ ଅଛନ୍ତି ଏବଂ ଯଦି ଭବିଷ୍ୟତରେ ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ଉପରେ କୌଣସି ସମସ୍ୟା ଦେଖା ଦିଏ ସେ ସେଥିପାଇଁ ସମ୍ପୂର୍ଣ୍ଣ ଦାୟୀ ରହିବେ।

ତେଣୁ ଉକ୍ତ ନୋଟିସ ଦ୍ୱାରା ମନୋଜ ଲାଲଙ୍କୁ ସୂଚିତ କରାଯାଉଅଛି ଯେ ସେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ନିଜର ମତାମତ ରଖିବେ ଏବଂ ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି ଅନ୍ୟ କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସଚିବ

# ବନ୍ୟାଞ୍ଚଳ ବୁଲିଲେ କଂଗ୍ରେସ ନେତୃବର୍ଗ

**ବାଲେଶ୍ୱର ଅଫିସ, ୬।୯**

ବାଲେଶ୍ୱର ଜିଲା ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ ପାଇଁ ଅଲ୍ ଇଣ୍ଡିଆ କଂଗ୍ରେସ କମିଟି ଦ୍ୱାରା ଗଠିତ ବନ୍ୟା ଅନୁଧ୍ୟାନକାରୀ ଦଳ ରବିବାର ପହଞ୍ଚିଥିଲେ। ପୂର୍ବାହ୍ନରେ ସହରର ମାଣିଖମ୍ବ ସମେତ ଭୋଗରାଇ, ବାଲିଆପାଳ, ବସ୍ତା, ଜଳେଶ୍ୱର ବ୍ଲକର ବନ୍ୟା ଅଞ୍ଚଳ ପରିଦର୍ଶନ କରି ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ପଲିଥିନ୍ ବଣ୍ଟନ କରିଥିଲେ।

ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ଲୋକମାନଙ୍କୁ ସହାୟତା ଯୋଗାଇବାରେ ରାଜ୍ୟ ସରକାର ବିଫଳ ହୋଇଥିବା ବେଳେ କରୋନା ଓ କୋଭିଡ୍ ହସ୍ପିଟାଲ ନାଁରେ କୋଟି କୋଟି ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ କରାଯାଇଛି। ସହରର ଜନବହୁଳ ସ୍ଲମ୍ ଏରିଆରେ ସ୍କୁଲ, କଲେଜ ଭଳି ଥିବା ସ୍ଥାନରେ ମଇଳା ପକାଇ ବିଶୋଧନ ପ୍ରକଳ୍ପ (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର)କୁ ବିରୋଧ କରି ଏହାକୁ ସ୍ଥାନାନ୍ତର କରିବା ପାଇଁ ଦାବି କରିଛନ୍ତି। ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ଲୋକମାନଙ୍କୁ ରାଜ୍ୟ ସରକରଙ୍କ ପକ୍ଷରୁ ମିଳୁଥିବା ୫୦୦ ଟଙ୍କା ଓ ୫୦କିଲୋ ଚାଉଳ ଠିକ୍ ଭାବେ ନ ମିଳିଥିବା କହିଛନ୍ତି। ଅନ୍ୟପକ୍ଷରେ ମାସ୍କ ଦୁର୍ନୀତି, ଔଷଧ କିଣାରେ ଦୁର୍ନୀତି, ଲକ୍‌ଡାଉନ୍‌ରେ ଦୁର୍ନୀତି, ବଡ଼ ବଡ଼ ବ୍ୟବସାୟୀମାନଙ୍କୁ ହାତରେ ରଖି କେଉଁ ଦୋକାନ ଖୋଲାଯିବ ଓ କେଉଁ ଦୋକାନ ବନ୍ଦ ରହିବ ସେଥିରେ ଦୁର୍ନୀତି, କୋଭିଡ୍-୧୯ ହସ୍‌ପିଟାଲରେ ତକିଆ ଓ ବେଡ୍‌ଶିଟ୍ କିଣାରେ ଦୁର୍ନୀତି ବିଷୟରେ ଆସନ୍ତା ବିଧାନସଭାରେ ପ୍ରଶ୍ନ କରାଯିବ। ଆବଶ୍ୟକ ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ ବୋଲି ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ତାରାବାହିନୀ ପତି ଚେତାବନୀ ଦେଇଛନ୍ତି। ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ କହିବା ଅନୁସାରେ ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ସାକ୍ଷାତ୍ କରିବା ସହ ସବିଶେଷ ଆଲୋଚନା କରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ରିପୋର୍ଟ ଦେବେ ବୋଲି ଜେନା ପ୍ରକାଶ କରିଛନ୍ତି। ବନ୍ୟା ଅନୁଧ୍ୟାନକାରୀ ଦଳରେ ବାଲେଶ୍ୱର କଂଗ୍ରେସ ଏମ୍‌ପି ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ସଦର ବିଧାୟକ ପ୍ରାର୍ଥୀ ମାନସ ଦାସପଟ୍ଟନାୟକ, ପିସିସିର ରାଜ୍ୟ ପ୍ରବକ୍ତା ତଥା ରାଜବୀ ଗାନ୍ଧୀ ପଞ୍ଚାୟତରାଜ ଗଠନ ଅଧ୍ୟକ୍ଷ ସୁଦର୍ଶନ ଦାସ, ଟାଉନ କଂଗ୍ରେସ ସଭାପତି ପଦ୍ମଲୋଚନ ଲେଙ୍କାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।


ମାଣିଖମ୍ବର ତଳିଆ ଅଞ୍ଚଳରେ କଂଗ୍ରେସ ନେତୃମଣ୍ଡଳୀ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Indus Infra Network Company**
ଦ୍ୱାରା ଓଡିଶାରେ ନିଜ ଛାତ,ଜମି,କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ (ପ୍ରଥମ ଆସନ୍ତୁ ପ୍ରଥମ ଲଗାନ୍ତୁ)
ADVANCE-60LAKH
ଭଡା-୪୫୦୦୦/-ମାସିକ
ଚାକିରି-୨୦୦୦୦/-(ବେତନ)
ଏକ ବୋଲର ଗାଡି।
ତିନି ଦିନରେ ଫଳାଫଳ ପାଆନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ।
8765265284
9473603205

**VINAYAK Finance**
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
8595662905

**BDFC Finance**
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୬୯ ହଜାର ପେଟ୍ରୋଲ ପମ୍ପରେ ମିଳିବ ଇ-ଯାନ ଚାର୍ଜିଂ ସୁବିଧା

ଦେଶର ପ୍ରାୟ ୬୯ ହଜାର ପେଟ୍ରୋଲ ପମ୍ପରେ ଇ-ଯାନ ଚାର୍ଜିଂ କରାଇବା ନେଇ ସୁବିଧା ଉପଲବ୍ଧ କରାଯିବ। ଏହି ଷ୍ଟେଶନଗୁଡ଼ିକରେ ଚାର୍ଜିଂ କିୟସ୍କ ଲଗାଇବା ନେଇ ସରକାର ବର୍ତ୍ତମାନ ବିଚାର ବିମର୍ଶ କରୁଛନ୍ତି। ଦେଶ ମଧ୍ୟରେ ବିଦ୍ୟୁତ ଚାଳିତ ଯାନ ବ୍ୟବହାରକୁ ତ୍ୱରାନ୍ୱିତ କରିବା ଲାଗି ସରକାର ଏଭଳି ବ୍ୟବସ୍ଥା ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଛି। ଏ ନେଇ ନିକଟରେ କେନ୍ଦ୍ର ଶକ୍ତି ମନ୍ତ୍ରୀ ଆର୍.କେ. ସିଂ ଏକ ସମୀକ୍ଷା ବୈଠକ ଡାକିଥିଲେ। ପେଟ୍ରୋଲିୟମ ମନ୍ତ୍ରଣାଳୟ ଏ ଦିଗରେ କାର୍ଯ୍ୟକ୍ରମ ଜାରି କରିବା ଲାଗି ଶକ୍ତିମନ୍ତ୍ରୀ ମନ୍ତ୍ରଣାଳୟକୁ ପରାମର୍ଶ ଦେଇଛନ୍ତି।

**ସଂକ୍ଷେପରେ**

### ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ସର ନୂଆ ଉତ୍ପାଦ

**ଭୁବନେଶ୍ୱର,୬।୯:** ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ସ ଲିମିଟେଡ ପକ୍ଷରୁ ନୂଆ-୧.୩ ଏଚ୍‌ପି ବିଶିଷ୍ଟ ୪-ଷ୍ଟ୍ରୋକ ବ୍ୟାକ୍ ପ୍ୟାକ୍ ବ୍ରୁଶ କଟରର ମଡେଲ ୟୁଏମ୍‌ଆର୍-୪୩୫ଟିର ବଜାର ପ୍ରବେଶ ସମ୍ପର୍କରେ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏହାର ଅତୁଳନୀୟ ଫ୍ୟୁଏଲ୍ ଏଫିସିଏନ୍ସି ତଥା ପରିବେଶ ଉପଯୋଗୀ ଇଞ୍ଜିନ ଏବଂ ଆର୍ଗୋନୋମିକ ମେଶିନ ଡିଜାଇନିଂ ଗ୍ରାହକଙ୍କୁ ବେଶ ପସନ୍ଦ ଆସିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ମେଶିନର ବିଭିନ୍ନ ମଡେଲ ସହ ୧ଏଚପିରୁ ଆରମ୍ଭ କରି ୨ଏଚପି ପର୍ଯ୍ୟନ୍ତ ସବୁ ବର୍ଗର ବ୍ରୁଶ କଟର ବଜାରରେ ଉପଲବ୍ଧ ବୋଲି କମ୍ପାନୀ ସୂଚନା ଦେଇଛି। ଏ ସମ୍ପର୍କରେ ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ସ ଲିମିଟେଡର ସେଲସ ଏବଂ ମାର୍କେଟିଂ ବିଭାଗର ବରିଷ୍ଠ ଉପସଭାପତି ବିଜୟ ଉପ୍ରେତ କହିଛନ୍ତି ଯେ, ବର୍ତ୍ତମାନ ସମୟରେ କୃଷି କ୍ଷେତ୍ର ସହ ଅନ୍ୟାନ୍ୟ କ୍ଷେତ୍ର ପାଇଁ ମାନବ ସମ୍ବଳ ଅଭାବ ପୂରଣ କରିବା ପାଇଁ ଏହା ବେଶ ସହାୟକ ହେବ।

### ଆକାଶ ଇନ୍‌ଷ୍ଟିଚ୍ୟୁଟର ସଫଳତା

**ଭୁବନେଶ୍ୱର,୬।୯:** ଆକାଶ ଏଡୁକେଶନାଲ ସର୍ଭିସେସ ଲିମିଟେଡ୍ (ଏଇ୍‌ଏସ୍‌ଏଲ୍) ଟେଷ୍ଟ ପ୍ରସ୍ତୁତିରେ ଶ୍ରେଷ୍ଠ ୩୦ଟି ସର୍ବୋତ୍ତମ କୋଚିଂ ଇନଷ୍ଟିଚ୍ୟୁଟ ମଧ୍ୟରେ ଟପ୍ କୋଚିଂ ଇନଷ୍ଟିଚ୍ୟୁଟର ର୍ୟାଙ୍କ ହାସଲ କରିଛି। ଏହି ର୍ୟାଙ୍କ ଇଣ୍ଡିଆ ଟୁଡେ ମାଗାଜିନ ପକ୍ଷରୁ ପ୍ରଦାନ କରାଯାଇଛି। ନିଟ୍‌ର ଟପ୍ କୋଚିଂ ଇନଷ୍ଟିଚ୍ୟୁଟ ତାଲିକାରେ ଆକାଶର ଏହା ହେଉଛି କ୍ରମାଗତ ୨ୟ ବର୍ଷ । ଯେଉଁଥିରେ ଆକାଶ ଇନଷ୍ଟିଚ୍ୟୁଟ ୧ ନମ୍ବର ସ୍ଥାନ ହାସଲ କରି ପାରିଛି। ସେହିଭଳି ଦେଶର ଇଞ୍ଜିନିୟରିଂ ପରୀକ୍ଷା ପ୍ରସ୍ତୁତି ପାଇଁ କୋଚିଂ ସେଣ୍ଟରମାନଙ୍କ ମଧ୍ୟରେ କରାଯାଇଥିବା ଏକ ସର୍ଭେରେ ଆକାଶର ଜେଇଇ ଡିଭିଜନ ଅର୍ଥାତ ଆକାଶ ଆଇଆଇଟି ଜେଇଇକୁ ଶ୍ରେଷ୍ଠ ୫ ନମ୍ବର ର୍ୟାଙ୍କ ମିଳିଛି। ଏହି ନମ୍ବର ଓ ସଫଳତା ଇନଷ୍ଟିଚ୍ୟୁଟ ପାଇଁ ବଡ ଗୌରବ ଆଣି ଦେଇଛି। ଏ ସମ୍ପର୍କରେ ଏଇଏସ୍‌ଏଲ୍‌ର ସିଇଓ ତଥା ଡାଇରେକ୍ଟର ଆକାଶ ଚୌଧୁରୀ ସୂଚନା ଦେଇ କହିଛନ୍ତି ଯେ ଦେଶର ଏକ ଶ୍ରେଷ୍ଠ ଇନଷ୍ଟିଚ୍ୟୁଟ ଭାବରେ ସଫଳତା ପାଇଥିବାରୁ ଆମେ ସମସ୍ତେ ଗର୍ବିତ।

# ଲାଗିପାରେ ୨୦ ଲକ୍ଷ କୋଟିର ଝଟକା




- ଭୁଲ ଲକଡାଉନ ରଣନୀତି ଯୋଗୁ ଅର୍ଥ ବ୍ୟବସ୍ଥା ଉପରେ ମାଡ: ପୂର୍ବତନ ଅର୍ଥ ସଚିବ
- ଆତ୍ମ ନିର୍ଭର ପ୍ୟାକେଜରେ ସୁଧାର ଆଣିବାକୁ କହିଲେ
- ଏମ୍‌ଏସ୍‌ଏମ୍‌ଇ, ଢାଞ୍ଚାଗତ କ୍ଷେତ୍ରରେ ନିବେଶ ଲାଗି ପରାମର୍ଶ

**ନୂଆଦିଲ୍ଲୀ,୬।୯**

ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଦେଶର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ୪ ଦଶନ୍ଧିର ସର୍ବନିମ୍ନ ସ୍ତର -୨୩.୯% ଖସିଛି। ଲକ୍‌ଡାଉନ ରଣନୀତି ଠିକ୍ ନ ହେବା ଯୋଗୁ ଏହାର ପରିଣାମ ଅର୍ଥ ବ୍ୟବସ୍ଥାକୁ ଭୋଗିବାକୁ ପଡିଥିବା ଦେଶର ପୂର୍ବତନ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ ରବିବାର କହିଛନ୍ତି। ବର୍ତ୍ତମାନ ବଜାର ଗଭୀର ଭାବେ ପ୍ରଭାବିତ ଥିବାରୁ ଚଳିତ ଆର୍ଥିକ ବର୍ଷରେ ଜିଡିପିକୁ ୨୦ ଲକ୍ଷ କୋଟି ଟଙ୍କାର ଝଟକା ଲାଗିବା ନେଇ ସେ ଆଶଙ୍କା ପ୍ରକଟ କରିଛନ୍ତି। ଲକ୍‌ଡାଉନ କରୋନା ସଂକ୍ରମଣକୁ କମାଇବା ଦିଗରେ ଯୋଗଦାନ ରଖିଛି। ମାତ୍ର ଏଥି ଯୋଗୁ ଅର୍ଥ ବ୍ୟବସ୍ଥା କେଇ ଗୁଣା ଅଧିକ କ୍ଷତି ସହିଛି। ଚଳିତ ଆର୍ଥିକ ବର୍ଷ ଚତୁର୍ଥ ତ୍ରୈମାସ ଯାଏ ମଧ୍ୟ ଅର୍ଥ ବ୍ୟବସ୍ଥା ଟ୍ରାକକୁ ଫେରି ପାରିବ ନାହିଁ। ସେହି ସମୟ ପର୍ଯ୍ୟନ୍ତ ଦେଶର ଜିଡିପିକୁ ୧୦ରୁ ୧୧% ବା ପ୍ରାୟ ୨୦ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିବ ବୋଲି ସେ ବୋଲି ସେ ମତ ପ୍ରକାଶ କରିଛନ୍ତି।

ସେ ପୁଣି କହିଛନ୍ତି ଯେ, ସରକାର ଆତ୍ମନିର୍ଭର ଭାରତ ପ୍ୟାକେଜରେ ସୁଧାର ଆଣିବାର ଆବଶ୍ୟକତା ରହିଛି। ଏହାର ଲାଭ ଦେଶର ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡିକ ଯେଭଳି ଉଠାଇ ପାରିବେ ତାକୁ ଧ୍ୟାନରେ ରଖିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିଭଳି ନିଯୁକ୍ତି ହରାଇଥିବା ଶ୍ରମିକଙ୍କୁ ସହାୟତା ଯୋଗାଇ ଦେବା ଲାଗି ସେ ସରକାରଙ୍କୁ ନିବେଦନ କରିଛନ୍ତି। ଦେଶର ବିଭିନ୍ନ ଢାଞ୍ଚାଗତ କ୍ଷେତ୍ରଗୁଡିକରେ ନିବେଶ ବଢାଇବା ଉପରେ କାମ କରିବା ଉପରେ ସରକାର ଫୋକସ କରିବାକୁ ସେ ମତ ରଖିଛନ୍ତି। ଏସ୍‌ଏସ୍‌ଏମ୍‌ଇଗୁଡିକୁ ସିଧାସଳଖ ସହାୟତା ଦେଲେ ଏହା ନିଯୁକ୍ତି ସୃଷ୍ଟିରେ ସହାୟକ ହେବ ବୋଲି ସେ କହିଛନ୍ତି। ସୂଚନା ଯୋଗ୍ୟ ଦେଶର ଜିଡିପି କରୋନା ଯୋଗୁ ବିଗିଡିଯାଇଛି। ଗତ ଆର୍ଥିକ ବର୍ଷରେ ଦେଶର ଜିଡିପି ୪.୫% ସ୍ତରରେ ରହିଥିଲା। ଚଳିତ ଆର୍ଥିକ ବର୍ଷ ଜିଡିପି ଋଣାତ୍ମକ ହେବ ବୋଲି କୁହାଯାଇଛି। କାରଣ ବଜାରରେ ଚାହିଦା ନ ଥିବା ଯୋଗୁ ଏହା ନିବେଶ ଏବଂ ନିଯୁକ୍ତି ଉପରେ ପଡିଛି। ଜି-୨୦ ଦେଶଗୁଡିକ ମଧ୍ୟରେ ଭାରତର ଜିଡିପି ହ୍ରାସ ସବୁଠାରୁ ଅଧିକ ରହିଛି।

# ୩୦ ହଜାର କର୍ମଚାରୀଙ୍କୁ ଭିଆର୍‌ଏସ୍ ଦେବ ଏସ୍‌ବିଆଇ




**ନୂଆଦିଲ୍ଲୀ,୬।୯**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଏହାର ପ୍ରାୟ ୩୦,୧୯୦ କର୍ମଚାରୀଙ୍କୁ ସ୍ୱେଚ୍ଛାକୃତ ଅବସର ଯୋଜନା(ଭିଆର୍‌ଏସ୍)ରେ ଅବସର ଦେବାକୁ ଯୋଜନା କରୁଛି। ଦେଶର ସବୁଠାରୁ ବଡ ଏହି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ବର୍ତ୍ତମାନ ୨.୪୯ ଲକ୍ଷ କର୍ମଚାରୀ କାମ କରୁଛନ୍ତି। ଏହା ଗୋଟିଏ ବର୍ଷ ତଳେ ୨.୫୭ ଲକ୍ଷ ରହିଥିଲା। ବ୍ୟାଙ୍କର ଖର୍ଚ୍ଚ କାଟ ଯୋଜନା ଅନ୍ତର୍ଗତ ଏଭଳି ଯୋଜନା ହାତକୁ ନିଆଯାଉଥିବା ଶୁଣାଯାଉଛି। ଯୋଜନାର ଡ୍ରାଫ୍ଟ ବର୍ତ୍ତମାନ ପ୍ରସ୍ତୁତ ହୋଇ ସାରିଛି। ଏହା ବୋର୍ଡର ମଞ୍ଜୁରୀ ଅପେକ୍ଷାରେ ରହିଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ବ୍ୟାଙ୍କର ସମସ୍ତ ସ୍ଥାୟୀ କର୍ମଚାରୀ ଏବଂ ଅଧିକାରୀଙ୍କ କ୍ଷେତ୍ରରେ ଏହା ଲାଗୁ ହେବ। କର୍ମଚାରୀ ଅନ୍ତତଃ ପକ୍ଷେ ୨୫ ବର୍ଷ ଚାକିରି କରିଥିବେ ଏବଂ କଟ୍ ଅଫ୍ ତାରିଖ ଅନୁଯାୟୀ ସେମାନଙ୍କୁ ୫୫ ବର୍ଷ ହୋଇଥିବା ଆବଶ୍ୟକ ବୋଲି ପ୍ରାରମ୍ଭିକ ସୂଚନାରୁ ଏହା ଜଣାପଡିଛି।

# ୨୬ କମ୍ପାନୀର ଘରୋଇକରଣ ହେବ

**ଆର୍‌ଟିଆଇରେ ମିଳିଲା ତାଲିକା**

**ନୂଆଦିଲ୍ଲୀ,୬।୯**

ପ୍ରାୟ ୨୩ ରାଷ୍ଟ୍ରାୟତ୍ତ କମ୍ପାନୀର ଘରୋଇକରଣ କରିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଜୁଲାଇ ୨୭ରେ ଘୋଷଣା କରିଥିଲେ। ଏ ନେଇ ସରକାର ବର୍ତ୍ତମାନ ପ୍ରସ୍ତୁତି କରୁଛନ୍ତି। ଏ ସଂକ୍ରାନ୍ତ ପ୍ରସ୍ତାବକୁ ବର୍ତ୍ତମାନ ମଞ୍ଜୁରୀ ମିଳିଥିବା ଜଣାପଡିଛି। କେଉଁ କେଉଁ କମ୍ପାନୀଗୁଡିକର ଘରୋଇକରଣ କରାଯିବ ସେ ନେଇ ଚୂଡାନ୍ତ ମଧ୍ୟ କରାଯାଇଛି। ଏ ସଂକ୍ରାନ୍ତରେ ସରକାରଙ୍କୁ ଆର୍‌ଟିଆଇରେ ତଥ୍ୟ ମଗାଯାଇଥିଲା। ସରକାର ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୨୩ କମ୍ପାନୀର ଘରୋଇକରଣ ନେଇ ଯୋଜନା ରଖିଥିବା ବେଳେ ମିଳିଥିବା ତାଲିକାରେ ପ୍ରାୟ ୨୬ କମ୍ପାନୀଙ୍କ ନାମ ରହିଛି। ଏହି କମ୍ପାନୀଗୁଡିକ ମଧ୍ୟରୁ ପ୍ରାୟ ୨୩ଟି ଆଗ ଘରୋଇକରଣ ହେବ ବୋଲି ସରକାର ଘୋଷଣା କରିସାରିଛନ୍ତି।




କମ୍ପାନୀଗୁଡିକ ମଧ୍ୟରେ ପ୍ରୋଜେକ୍ଟ ଆଣ୍ଡ ଡେଭଲପମେଣ୍ଟ ଇଣ୍ଡିଆ ଲିମିଟେଡ, ଇଞ୍ଜିନିୟରିଂ ପ୍ରୋଜେକ୍ଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ, ପୱନ ହଂସ, ବିଆର୍ ଆଣ୍ଡ କମ୍ପାନୀ, ଏୟାର ଇଣ୍ଡିଆ, ସେଣ୍ଟ୍ରାଲ ଇଲେକଟ୍ରୋନିକ୍ସ, ସିମେଣ୍ଟ କର୍ପୋରେଶନ ଇଣ୍ଡିଆ, ଇଣ୍ଡିଆନ ମେଡିସିନ ଆଣ୍ଡ ଫାର୍ମାସ୍ୟୁଟିକାଲ କର୍ପୋରେଶନ, ସାଲେମ, ଦୁର୍ଗାପୁର ଏବଂ ଭଦ୍ରାବତୀ ଷ୍ଟିଲ ପ୍ଲାଣ୍ଟ, ଫେରୋସ୍କ୍ରାପ ନିଗମ ଲିମିଟେଡ, ନଗରନାର ଷ୍ଟିଲ ପ୍ଲାଣ୍ଟ ଏବଂ ବିଇଏମ୍‌ଏଲ୍ ରହିଛି। ସେହିଭଳି ଏଚ୍‌ଏଲ୍‌ଏଲ୍, ବିପିସିଏଲ୍, ଶିପିଂ କର୍ପୋରେଶନ, କନକର, ନୀଳାଚଳ ଇସ୍ପାତ, ହିନ୍ଦୁସ୍ତାନ ପ୍ରିଫାବ, ଭାରତ ପମ୍ପ ଏବଂ କମ୍ପ୍ରେସର, ସ୍କୁଟର ଇଣ୍ଡିଆ, ହିନ୍ଦୁସ୍ତାନ ନ୍ୟୁଜ ପ୍ରିଣ୍ଟ, କର୍ଣ୍ଣାଟକ ଆଣ୍ଟିବାୟୋଟିକ ଫାର୍ମାସ୍ୟୁଟିକାଲ, ବେଙ୍ଗଲ ଫାର୍ମାସ୍ୟୁଟିକାଲ, ହିନ୍ଦୁସ୍ଥାନ ଆଣ୍ଟି ବାୟୋଟିକ୍ସ, ହିନ୍ଦୁସ୍ଥାନ ଟୁରିଜିମ ଡେଭଲପମେଣ୍ଟ କର୍ପୋରେଶନ ଏବଂ ହିନ୍ଦୁସ୍ତାନ ଫ୍ଲୋରା କାର୍ବନ ଲିମିଟେଡ ଭଳି କମ୍ପାନୀ ଏଥିରେ ସାମିଲ ରହିଛି।

### ଯୁକ୍ତ ଦୁଇ କଳାରେ କିସ୍ ଛାତ୍ରୀଛାତ୍ରଙ୍କ ସଫଳତା

**ଭୁବନେଶ୍ୱର, ୬।୯ :** ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଳା ପରୀକ୍ଷା ଫଳ ଗତ ଶନିବାର ପ୍ରକାଶ ପାଇଛି। ଏଥିରେ କିସ୍‌ର ପ୍ରାୟ ୯୯.୯୦% ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ ରାଜ୍ୟର ପାସହାର ପ୍ରାୟ ୬୭.୫୬% ରହିଥିବା ବେଳେ କିସ୍‌ର ପାସ ହାର ବେଶ ଉତ୍ସାହଜନକ ରହିଛି। ଚଳିତ ବର୍ଷ କିସ୍‌ରୁ ମୋଟ ୫୨୦ ଜଣ ଛାତ୍ର ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ପ୍ରାୟ ୧୦୫ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷର ଫଳାଫଳ ଅନୁସାରେ କୌଣସି ଏକ ସ୍କୁଲରୁ ଏତେ ସଂଖ୍ୟକ ପିଲା +୨ କଳାରେ ସଫଳତା ହାସଲ କରିବାରେ କିସ୍ ରାଜ୍ୟର ପ୍ରଥମ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ କିସ୍‌ରୁ ୩୪ଜଣ ଆଦିମ ଜନଜାତିର ପିଲା ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୫ଜଣ ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି। କିସ୍‌ର ଛାତ୍ରୀ ଧମାମତି ପରଜା ସର୍ବାଧିକ ୭୭% ନମ୍ବର ରଖି ସ୍କୁଲ ଟପର ହୋଇଛନ୍ତି।

### ୧୦ ଲକ୍ଷ କୋଟିର ଋଣ ପୁନର୍ଗଠନ ହୋଇପାରେ

**ନୂଆଦିଲ୍ଲୀ,୬।୯**

ବ୍ୟାଙ୍କଗୁଡିକ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର ଋଣକୁ ପୁନର୍ଗଠନ କରିପାରନ୍ତି। କୋଭିଡ ଦ୍ୱାରା ବେଶି କ୍ଷତିଗ୍ରସ୍ତ ହୋଇଥିବା ପ୍ରାୟ ୫ରୁ ୬ କ୍ଷେତ୍ର ସହିତ ଏହି ଋଣଗୁଡିକର ସମ୍ପର୍କ ରହିଛି ବୋଲି ଜଣାପଡିଛି। ବେସାମରିକ ବିମାନ ଚଳାଚଳ, ବାଣିଜ୍ୟିକ ରିୟଲ ଇଷ୍ଟେଟ, ହସ୍ପିଟାଲିଟି ଏବଂ ଟୁରିଜିମ ଭଳି ଅନ୍ୟ କ୍ଷେତ୍ର ଏଥିରେ ସାମିଲ ରହିବ ବୋଲି ବ୍ୟାଙ୍କିଙ୍ଗ ଶିଳ୍ପର ଜଣେ ଅଧିକାରୀ କହିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଋଣ ପୁନର୍ଗଠନ ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ଚଳିତ ମାସ ୧୫ ସୁଦ୍ଧା ଏହି ଯୋଜନାକୁ ଲାଗୁ କରିବା ଲାଗି ସେ ବ୍ୟାଙ୍କର ସିଇଓ ତଥା ଏନ୍‌ବିଏଫ୍‌ସିର ପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଋଣ ପୁନର୍ଗଠନ ୱାନଟାଇମ ହେବ ବୋଲି ଜଣାପଡିଛି। ଏହା ଉଭୟ ବ୍ୟାଙ୍କ ଏବଂ ଋଣ ଗ୍ରହୀତାଙ୍କ ଲାଗି ଲାଭଦାୟକ ହେବ ବୋଲି ଅଧିକାରୀ ଜଣକ କହିଛନ୍ତି। କରୋନା ମହାମାରୀ ପ୍ରଭାବ ବର୍ତ୍ତମାନ ବଜାର ଉପରେ ରହିଥିବାରୁ ଋଣ କିସ୍ତି ପଇଠ କରିବାରେ ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଏହାକୁ ଧ୍ୟାନରେ ରଖି ସରକାର ଋଣ ପୁନର୍ଗଠନ ସୁବିଧା ସମ୍ପର୍କରେ ଘୋଷଣା କରିଥିବା ଜଣାପଡିଛି।

### ପିଏନ୍‌ବି ପକ୍ଷରୁ ଗୁରୁଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୬।୯ :** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ସର୍ବଭାରତୀୟ ସ୍ତରରେ ୧୦ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଚଳିତ ବର୍ଷର ଗୁରୁଦିବସକୁ ନିଆରା ଢଙ୍ଗରେ ବ୍ୟାଙ୍କ ପକ୍ଷରୁ ସାରା ଦେଶରେ ପାଳନ କରାଯାଇଛି। ଏହି ଅବସରରେ ୧୦ହଜାରରୁ ଉର୍ଦ୍ଧ ଗୁରୁଙ୍କୁ ପିଏନ୍‌ବିର ୧୩ ହଜାରରୁ ଉର୍ଦ୍ଧ୍ୱ ଶାଖା ଜରିଆରେ ବିଭିନ୍ନ ଅଞ୍ଚଳର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଶାଲ୍ ଓ ବିଭିନ୍ନ ପାଠ୍ୟ ଉପକରଣ ଆଦି ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ସେହିଭଳି ଓଡିଶାର କଟକ ଓ ବାଲେଶ୍ୱରର ବିଭିନ୍ନ ଶାଖାରେ ମଧ୍ୟ ଗୁରୁମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

**ରାଜ୍ୟ ଖବର**

# ଡିସିପିଙ୍କୁ ରାଜ୍ୟ ମହିଳା କମିଶନଙ୍କ ରିପୋର୍ଟ ତଲବ

**ନାବାଳିକାଙ୍କୁ ଗଣବଳାତ୍କାର ମାମଲା**

- ସନ୍ଦେହ ଘେରରେ ମହିଳା ଥାନା ପୋଲିସର ଭୂମିକା
- ପୋଲିସ, ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ପୃକ୍ତି ଥିବାରୁ ଚାପି ଦେବାକୁ ହୋଇଥିଲା ଯୋଜନା

**ଭୁବନେଶ୍ୱର,୬।୯ (ବ୍ୟୁରୋ)**

ଇନ୍‌ଫୋସିଟି ଥାନା ଅଞ୍ଚଳରେ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ରାଜ୍ୟ ମହିଳା କମିଶନ ନିଜଆଡୁ ହସ୍ତକ୍ଷେପ କରିଛନ୍ତି। ମାମଲାର ଗୁରୁତ୍ୱକୁ ଦେଖି କମିଶନ ଅଧ୍ୟକ୍ଷା ମିନତି ବେହେରା ଭୁବନେଶ୍ୱର ଡିସିପି ଡା. ଉମାଶଙ୍କର ଦାଶଙ୍କୁ ରିପୋର୍ଟ ଦଲବ କରିଛନ୍ତି। କ'ଣ ତଦନ୍ତ ହୋଇଛି ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କି ନାହିଁ ତାହା ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ଡିସିପିଙ୍କୁ ମଧ୍ୟ ମହିଳା କମିଶନ ତାଗିଦ କରିଛନ୍ତି। ମାମଲା ଉପରେ କମିଶନ ନଜର ରଖିଛି ଓ ତଦନ୍ତରେ ଅବହେଳା ଅନୁଭବ ହେଲେ ଡିଜିପିଙ୍କୁ ଅବଗତ କରାଯିବ ବୋଲି ଅଧ୍ୟକ୍ଷା ବେହେରା କହିଛନ୍ତି।

ଅନ୍ୟପକ୍ଷରେ ଏହି ସ୍ପର୍ଶକାତର ମାମଲାରେ ମହିଳା ଥାନା ପୋଲିସର ଭୂମିକା ଏବେ ସନ୍ଦେହ ଘେରକୁ ଆସିଛି। ଅଭିଯୋଗ ପରେ ପୋଲିସ ତୁରନ୍ତ ପଦକ୍ଷେପ ଆରମ୍ଭ ନ କରି ୩ଦିନ ଧରି ଚାପି ରଖିଥିଲା। ଲୁଚାଛପାରେ ମାମଲା ରୁଜୁ କରି ଚୁପ୍ ବସିଥିଲା। ପୋଲିସ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସଂପୃକ୍ତି ରହୁଥିବାରୁ ଥାନାରେ ମାମଲାକୁ ଚପାଇବାକୁ ଉଦ୍ୟମ ହୋଇଥିଲା। ହେଲେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମହିଳା ଥାନା ପୋଲିସର ସବୁ ଯୋଜନା ଫସର ଫାଟିଥିଲା। ଶେଷରେ ଡିସିପି ଖବରଦାତା ସମ୍ମିଳନୀ ଡାକି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ହେଲେ ଏବେ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ନାବାଳିକାଙ୍କ ମେଡିକାଲ ରିପୋର୍ଟ। କାରଣ ୩ମାସ ତଳେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିଲେ ତାହା ମେଡିକାଲ ରିପୋର୍ଟରେ ଆସିବ ନାହିଁ। ତେଣୁ କିଭଳି ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ପୋଲିସ କୋର୍ଟରେ ପ୍ରମାଣ କରିବ ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ଅନ୍ୟପକ୍ଷରେ ଏଯାଏ ପୋଲିସ ଅଭିଯୁକ୍ତଙ୍କ ଧରୁ ନ ଥିବାରୁ ନାନା ସନ୍ଦେହ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ପୀଡିତା ନାବାଳିକା ଜଣକ ଇନ୍‌ଫୋସିଟି ଥାନା ଅଞ୍ଚଳରେ ପରିବାର ସହ ରହୁଥିବାବେଳେ ନିକଟ ଇଂଲିଶ ମିଡିୟମ ସ୍କୁଲ୍‌ରେ ପଢ଼ନ୍ତି। ଲକ୍‌ଡାଉନ୍ ସମୟରେ ଘରର ସଦସ୍ୟମାନେ ଅନୁପସ୍ଥିତ ଥିବାବେଳେ ୨ଜଣ ପୋଲିସ ଓ ୨ଜଣ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଜବରଦସ୍ତ ଘରେ ପଶି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ବଳାତ୍କାର କରିଥିଲେ। ଭୟରେ ପୀଡ଼ିତା ଜଣକ କାହାକୁ ଜଣାଇ ନ ଥିଲେ। ବାରମ୍ବାର ବଳାତ୍କାର କରାଯିବାରୁ ଶେଷରେ ସେ ଘଟଣା ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ମହିଳା ଥାନାରେ ଅଭିଯୋଗ କରିଥିଲେ।

# ଭାସ୍କର୍ଯ୍ୟ ଶିଳ୍ପୀ ଫକୀର ମୋହନ ମଲ୍ଲିକଙ୍କ ଦେହାନ୍ତ

**କଟକ ଅଫିସ, ୬।୯**

ଓଡ଼ିଶାର ପ୍ରତିଭାସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ଫକୀର ମୋହନ ମଲ୍ଲିକଙ୍କର ରବିବାର ଭୋର ୪ଟାରେ ହୃଦ୍‌ଘାତରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ଖଲ୍ଲିକୋଟ ସରକାରୀ କଳା ମହାବିଦ୍ୟାଳୟରୁ ୧୯୬୫ରେ ଡିପ୍ଲୋମା ହାସଲ ପରେ ପ୍ରାକ୍ଟିସିଙ୍ଗ ଗର୍ଲସ୍ ହାଇସ୍କୁଲ କଟକରେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ। ତାଙ୍କର କୃତୀ ଓଡ଼ିଶା ତଥା ଅନ୍ୟ ରାଜ୍ୟରେ ଆଦୃତ ହୋଇପାରିଛି। କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି, ହାଇକୋର୍ଟ ସାମ୍ନାରେ ସ୍ଥାପନ ହୋଇଥିବା ଆମ୍ବେଡକର ପ୍ରତିମୂର୍ତ୍ତି,



ଶ୍ରୀରାମଚନ୍ଦ୍ର ଭବନ ପରିସରରେ ଥିବା ପ୍ରତିମୂର୍ତ୍ତିଙ୍କ ମଧ୍ୟରେ ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ରାଧାନାଥ ରାୟ, ଗୌରୀଶଙ୍କର ରାୟ, ମଧୁସୂଦନ ଦାସ, ନୀଳକଣ୍ଠ ଦାସ ପ୍ରମୁଖଙ୍କ ପ୍ରତିମୂର୍ତ୍ତି ଓ କଟକ ଗୋପବନ୍ଧୁ ପାର୍କରେ ଥିବା ଗୋପବନ୍ଧୁଙ୍କ ମୂର୍ତ୍ତି ଅନ୍ୟତମ। ଓଡ଼ିଶାର ବିଭିନ୍ନ ଜିଲାରେ ତାଙ୍କର ପ୍ରତିମୂର୍ତ୍ତିମାନ ଦେଖିବାକୁ ମିଳେ। ସେ କେବଳ ମୂର୍ତ୍ତିକଳାରେ ଦକ୍ଷ ନ ଥିଲେ, ତାଙ୍କର ବିଭିନ୍ନ ବହିର ମଲାଟ ପୃଷ୍ଠା ସହ ବହୁ ସ୍ଥାନରେ ପେଣ୍ଟିଂ ସଂରକ୍ଷିତ ହୋଇଛି। କଟକରେ କୁନିକୁନି ପିଲାଙ୍କୁ ଚିତ୍ରକଳା ଶିକ୍ଷାଦେଇ ସେ ଦେଶବିଦେଶରେ ପରିଚିତ । ଓଡ଼ିଶା ଲଳିତକଳା ଏକାଡେମୀରୁ ମଧ୍ୟ ସେ ସମ୍ମାନିତ ହୋଇଥିଲେ । ବିଭିନ୍ନ କଳା ଅନୁଷ୍ଠାନରେ ଦୀର୍ଘବର୍ଷଧରି ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଦିବଂଗତ ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ୩ ସାଙ୍ଗ ବିଷ ପିଇବା ଘଟଣା: ଆଉ ଜଣଙ୍କ ମୃତ୍ୟୁ

**ବ୍ରହ୍ମଗିରି,୬।୯(ଡି.ଏନ୍.ଏ.)**

ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ନାଣ୍ଡିପୁର ଗ୍ରାମରେ ବୁଧବାର ୩ଜଣ ସାଙ୍ଗ ଏକା ସମୟରେ ବିଷ ପିଇଥିଲେ। ସେମାନଙ୍କ ମଧ୍ୟରୁ ଗୁରୁବାର ଜଣଙ୍କର ମୃତ୍ୟୁ ହୋଇଯାଇ ଥିବାବେଳେ ଶନିବାର ରାତିରେ ଆଉ ଜଣଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲେ ଏହି ଗ୍ରାମର ବର୍ଷା ସାହୁ। ଇତି ମଧ୍ୟରେ ୨ଜଣଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ୩ଜଣ ସାଙ୍ଗ କେଉଁ ପରିସ୍ଥିତିରେ କାହିଁକି ବିଷ ପିଇଲେ ତାହା ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଏଯାବତ୍ ଘଟଣାର ରହସ୍ୟ ଜଣାପଡୁ ନାହିଁ। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଡଲି ନାୟକ, ରଶ୍ମିତା ପେଣ୍ଟଇ ଓ ବର୍ଷା ସାହୁ ଘନିଷ୍ଠ ସାଙ୍ଗ ଥିଲେ। ୨ମାସ ତଳେ ଡଲି ଓ ରଶ୍ମିତା ବିବାହ କରିଥିଲେ। କିଛି ଦିନ ତଳେ ଏହି ଦୁଇଜଣ ବାପଘରକୁ ବୁଲିବାକୁ ଆସିଥିଲେ। ଗାଁକୁ ଫେରିଥିବାରୁ ୩ ବନ୍ଧୁ ମିଶି ବୁଧବାର ଗ୍ରାମ ନିକଟରେ ଥିବା ଏକ କଦଳୀ ବାଡିରେ କଥାବାର୍ତ୍ତା ହେଉଥିଲେ। ତେବେ ହଠାତ୍ କୌଣସି କାରଣକୁ ନେଇ ୩ଜଣ ଏକା ସାଙ୍ଗରେ ବିଷ ପିଇ ଦେଇଥିଲେ। ଖବରପାଇ ତାଙ୍କ ପରିବାର ଲୋକେ ପହଞ୍ଚି ସେମାନଙ୍କୁ ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୁରୀ ମୁଖ୍ୟ ଚିକିତ୍ସାଳୟ ପରେ ଗୁରୁତର ହେବାରୁ ପୁଣି ଏକ ଘରୋଇ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଯାଉଥିଲା। କିନ୍ତୁ ଡଲିଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ଶନିବାର ରାତିରେ ବର୍ଷା ସାହୁଙ୍କ ମୃତ୍ୟୁ ହୋଇଯାଇଥିବା ଗ୍ରାମବାସୀ କହିଛନ୍ତି। ବର୍ତ୍ତମାନ ରଶ୍ମିତା ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ତେବେ ବିଷ ପିଇବା ଘଟଣା ନେଇ ରଶ୍ମିତା ସ୍ୱୀକାର କରିଥିବାବେଳେ କେଉଁ କାରଣକୁ ନେଇ ପିଇଥିଲେ ସ୍ପଷ୍ଟ କରି ନାହାନ୍ତି। ଅନ୍ୟପଟେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପୋଲିସ ଡ଼ଲିଙ୍କ ମୃତ୍ୟୁ ହୋଇଥିବା ନେଇ ଏକ ଅପମୃତ୍ୟୁ ମାମଲା(ନଂ.୧୭/୨୦) ରୁଜୁ କରିଛି।

### ଶିଶୁଭବନ: ୫ ଜଣଙ୍କ ରିପୋର୍ଟ ପଜିଟିଭ

**କଟକ ଅଫିସ,୬।୯:** କଟକ ଶିଶୁଭବନ ପାଇଁ ସଙ୍କଟ ବଢାଉଛି ରୋଗୀ ସମ୍ପର୍କୀୟଙ୍କ ସଂକ୍ରମଣ। ରବିବାର ୫ ଜଣ, ଶନିବାର ୫ଜଣ, ଶୁକ୍ରବାର ୨ ଜଣ ଓ ଗୁରୁବାର ଜଣେ ରୋଗୀ ସମ୍ପର୍କୀୟ ଏଠାରେ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ବହୁ ଦିନ ବ୍ୟବଧାନ ପରେ ସଂକ୍ରମଣ ୱାର୍ଡରୁ ଜଣେ ରୋଗୀ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସମସ୍ତ ଆକ୍ରାନ୍ତଙ୍କୁ କୋଭିଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସେହିପରି ଏସ୍‌ସିବି ଆଇସୋଲେଶନ ୱାର୍ଡରେ ୨୫ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡିଛି।

# ଷ୍ଟ୍ରେଚର୍‌ରେ ଖୋଲାଖୋଲି ନିଆଯାଉଛି ମୃତଦେହ

**ରୋଗୀଙ୍କ ସମ୍ପର୍କୀୟ ଅସନ୍ତୁଷ୍ଟ**

**କଟକ ଅଫିସ,୬।୯**

ଏସ୍‌ସିବି ମେଡିକାଲରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଖୋଲାଖୋଲି ଭାବେ ସର୍ବ ସମ୍ମୁଖରେ ଷ୍ଟ୍ରେଚର୍‌ରେ ରଖି ନିଆଯାଉଛି। ଏହାକୁ ଦେଖି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମନୋବଳ ଭାଙ୍ଗିବା ସହ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ନୂଆ ରୋଗୀଟିଏ ହସ୍ପିଟାଲରେ ପ୍ରବେଶ କରିବାବେଳେ ଏପରି ଦୃଶ୍ୟ ଦେଖିଲେ ମନରେ ନକାରାତ୍ମକ ଚିନ୍ତା ପ୍ରବେଶ କରିବା ସ୍ୱାଭାବିକ। ସେହିପରି ନିଦାନ ପାଇଁ ନେବା ଆଣିବା କରିବାବେଳେ କିମ୍ବା ଅନ୍ୟ କିଛି ଉଦ୍ଦେଶ୍ୟରେ ଯିବାଆସିବା ସମୟରେ ଷ୍ଟ୍ରେଚରରେ ଖୋଲାଖୋଲି ଭାବେ ମୃତଦେହ ନିଆଯାଉଥିବା ଦୃଶ୍ୟ ଦେଖିଲେ ମନରେ ଭୟ ସୃଷ୍ଟି ହୋଇଥାଏ ବୋଲି ଅନେକ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି।

ଗଞ୍ଜାମ କବିସୂର୍ଯ୍ୟନଗରରୁ ସମ୍ପର୍କୀୟଙ୍କ ରକ୍ତକର୍କଟ ରୋଗର ଚିକିତ୍ସା ନିମନ୍ତେ ଏସ୍‌ସିବି ଆସିଥିବା ଦିବାକର ପଲାଇ କହିଛନ୍ତି, ଆମେ ଏଠାକୁ ପ୍ରାୟ ୧୩ ଦିନ ହେଲା ଆସିଛୁ । ସବୁଦିନ ସର୍ବ ସମ୍ମୁଖରେ ମୃତଦେହକୁ ଖୋଲାଖୋଲି ଭାବେ ନିଆଯାଉଛି। ଏମିତି ତ ଆମେ ଏକ ଜଟିଳ ରୋଗର ଚିକିତ୍ସା ପାଇଁ ଏଠାକୁ ଆସିଛୁ। ତା' ସହିତ ଏପରି ଦୃଶ୍ୟ ବାରମ୍ବାର ଦେଖିଲେ, ଆମ ମନୋବଳ ଭାଙ୍ଗିବା ସ୍ୱାଭାବିକ କଥା। ତେଣୁ ହସ୍ପିଟାଲ କର୍ତ୍ତୃପକ୍ଷ ମୃତଦେହ ସ୍ଥାନାନ୍ତର ପାଇଁ ଘୋଡଣି ଯୁକ୍ତ ସ୍ୱତନ୍ତ୍ର ଯାନ ବ୍ୟବସ୍ଥା କରାଇଲେ ଭଲ ହୁଅନ୍ତା। ସେହିପରି ପିଇସାଙ୍କ ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସା କରାଇବା ପାଇଁ ଭବାନୀପାଟଣାରୁ ଆସିଥିବା ରଘୁବୀର ଶର୍ମା କହିଛନ୍ତି, ଏଠାକୁ ଅନେକ ଆଶା ନେଇ ୨୧ ଦିନ ହେବ ଆସି ଅଛୁ । କିନ୍ତୁ ରୋଗୀର ନିଦାନ ବେଳେ ହେଉକି ଅନ୍ୟ କିଛି ଜିନିଷ ପାଇଁ ଆବଶ୍ୟକ ପଡିଲେ ବାହାରକୁ ଗଲେ ଏଭଳି ଦୃଶ୍ୟ ଦେଖୁଛୁ। ତେଣୁ କିଛି ଗୋଟେ ବ୍ୟବସ୍ଥାରେ ପରିବର୍ତ୍ତନ କରାଗଲେ ଭଲ ହୁଅନ୍ତା। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ଭାରପ୍ରାପ୍ତ ଅଧିକ୍ଷକ ଡା. ପ୍ରଶାନ୍ତ କୁମାର ନନ୍ଦ କହିଛନ୍ତି, ଏହା ଏକ ଭଲ ପ୍ରସ୍ତାବ । ଆମେ ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇ ତୁରନ୍ତ କିଛି ବ୍ୟବସ୍ଥା କରିବାକୁ ଚେଷ୍ଟା କରିବୁ ।

## ୧୨ ପ୍ଲାଜମା ଡୋନରଙ୍କ ରକ୍ତ ନମୂନା ସଂଗ୍ରହ

ରାୟଗଡା ଅଫିସ- ରାୟଗଡାରୁ ୧୨ଜଣ ପ୍ଲାଜମା ଡୋନରଙ୍କୁ ପ୍ଲାଜମା ଦାନ ପାଇଁ ଇଚ୍ଛୁକ ଥିବାରୁ ସେମାନଙ୍କ ରକ୍ତ ନମୂନା ରବିବାର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜକୁ ପଠାଯାଇଛି। ଏମାନଙ୍କ ମଧ୍ୟରୁ ୭ଜଣ କୋଭିଡ ଯୋଦ୍ଧା ରହିଛନ୍ତି।

# ଗଞ୍ଜାମରେ ପ୍ରତ୍ୟେକଙ୍କ ଅକ୍ସିଜେନସ୍ତର ଯାଞ୍ଚ ହେବ

■୮ରୁ ୧୪ ତାରିଖ ପର୍ଯ୍ୟନ୍ତ ଯାଞ୍ଚ କରିବ ଟିମ୍
■ଭେଷଜ ବିଶେଷଜ୍ଞ ଲାଇଭ୍‌ରେ ଆସିବେ ଆଜି

ଛତ୍ରପୁର, ୬।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଆସନ୍ତା ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ଲୋକଙ୍କ ଅକ୍ସିଜେନ ଯାଞ୍ଚ କ୍ୟାମ୍ପେନ ଚାଲିବ। ଏ ସମ୍ପର୍କରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ଟୁଇଟ କରି ସୂଚନା ଦେଇଛନ୍ତି । ଜିଲ୍ଲାର ସମସ୍ତ ଘରକୁ ଟିମ୍ ଯାଇ ସମସ୍ତ ପରିବାର ସଦସ୍ୟଙ୍କ ଅକ୍ସିଜେନସ୍ତର କ'ଣ ରହିଛି ଯାଞ୍ଚ କରିବ। ଏହାଦ୍ୱାରା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ଶୀଘ୍ର ଚିହ୍ନଟ ସହ ଠିକ୍ ସମୟରେ ଚିକିତ୍ସା କରାଯାଇପାରିବ ବୋଲି ଜିଲାପାଳ କହିଛନ୍ତି। ଏଥିସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ରୋଗୀଙ୍କୁ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା ରହିବ ଏବଂ ତାଙ୍କର ଚିକିତ୍ସା କରାଯିବ। ଜିଲାପାଳ ଆହୁରି ସୂଚନା ଦେଇଛନ୍ତି ଯେ, ଭେଷଜ ବିଶେଷଜ୍ଞ ଡାକ୍ତର ସୁନୀଲ କୁମାର କୋଟା ସୋମବାର ସନ୍ଧ୍ୟା ୭ଟାରେ ଫେସବୁକ ଓ ଟୁଇଟର ଲାଇଭ୍‌ରେ ଆସିବେ। ଡାଇବେଟିସ ଓ ହାଇପର ଟେନଶନ ରୋଗୀଙ୍କୁ ପ୍ରତିଷେଧମୂଳକ ପଦକ୍ଷେପ ସମ୍ପର୍କରେ ଡାକ୍ତର କୋଟା ପରାମର୍ଶ ଦେବେ। ଗଞ୍ଜାମରେ ବର୍ତ୍ତମାନ ସୁଦ୍ଧା ୧୮,୬୫୨ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେଥିମଧ୍ୟରୁ ୧୭,୫୨୨ ଜଣ ସୁସ୍ଥ ହୋଇଛନ୍ତି। ସୁସ୍ଥତା ହାର ୯୩.୯ ପ୍ରତିଶତ ରହିଛି । ଏବେ ଜିଲାରେ ୯୧୮ ସକ୍ରିୟ ଆକ୍ରାନ୍ତ ଅଛନ୍ତି। ୨୦୪ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଅଣ କୋଭିଡ୍‌ରେ ୮ ଜଣଙ୍କ ମୃତ୍ୟୁ ହୋଇଛି। ଗଞ୍ଜାମରେ ନୂଆ ୧୦୮ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ ୧୬ ଜଣ କରୋନା ଯୋଦ୍ଧା ଅଛନ୍ତି। ଅନ୍ୟପକ୍ଷରେ ୧୪୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଆସିକା ବ୍ଲକର ପିଇଟି ଶିକ୍ଷକ ଶତ୍ରୁଘନ ସ୍ୱାଇଁ ପ୍ଲାଜ୍‌ମା ଦାନ କରିଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଆବଶ୍ୟକ ହେଲେ ସେ ପୁଣି ପ୍ଲାଜ୍‌ମା ଦାନ କରିବେ ବୋଲି କହିଥିବା ଜିଲାପାଳ ସୂଚନା ଦେଇଛନ୍ତି।

# ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ପାଟପୁର, ୬।୯

ପାଟପୁର ଥାନା ରାମଚନ୍ଦ୍ରପୁର ପଞ୍ଚାୟତ ରଷିକୁଲ୍ୟା କେନାଲ ନିକଟ ତୋଟାରୁ ରବିବାର ପୋଲିସ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି । ସେ ହେଲେ ରାମଚନ୍ଦ୍ରପୁର ଗ୍ରାମର ରାହୁଲ ବିଷୋୟୀ (୧୬) । ଏ ନେଇ ରାହୁଲଙ୍କ ମାମୁ ନରସିଂହ ଦାସଙ୍କ ଏତଲାକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୧୯/୨୦ ରୁଜୁ କରି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି।

ରାହୁଲ ତାଙ୍କ ମାମୁଘର ହିଞ୍ଜିଳି ଥାନା ପଥରପୁଞ୍ଜି ଗ୍ରାମରେ ରହି ଯୁକ୍ତ ୨ ପଢୁଥିଲେ। ଶନିବାର ସେ ନିଜ ଗ୍ରାମକୁ ଆସି ପୁଣି ମାମୁଘରକୁ ଯିବେ ବୋଲି କହି ଘରୁ ବାହାରିଥିଲେ। ହେଲେ ସେଠାରେ ପହଞ୍ଚି ନ ଥିଲେ। ପରିବାର ଲୋକେ ରାହୁଲଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ରବିବାର କେନାଲ ନିକଟ ତୋଟାରେ ରାହୁଲଙ୍କ ମୃତଦେହ ଝୁଲୁଥିବା ଦେଖି ପରିବାର ଲୋକେ ପୋଲିସକୁ ଜଣାଇଥିଲେ।। ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ପୁଅକୁ କେହି ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ରାହୁଲଙ୍କ ବାପା କହିଛନ୍ତି।

## ସଂକ୍ଷେପରେ

### ଖବରଦାତାଙ୍କ ପିତୃ ବିୟୋଗ



ଦାରିଙ୍ଗବାଡି, ୬।୯(ଡି.ଏନ୍.ଏ.)- କନ୍ଧମାଳ ଜିଲା ସିମନବାଡ଼ିର ବିଶିଷ୍ଟ ବ୍ୟବସାୟୀ ତଥା ସାମାଜିକ କର୍ମୀ ପ୍ରଫୁଲ୍ଲ ସାହୁ (୮୨)ଙ୍କ ରବିବାର ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ କାରଣରୁ ସେ ଗତ କିଛିଦିନ ହେଲା ଶଯ୍ୟାଶାୟୀ ଥିଲେ। ସିମନବାଡ଼ିସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଦେବଯାନୀ ସାହୁ, ବଡପୁଅ ଅଶୋକ, ବଡ଼ବୋହୂ ସୁଦେଷ୍ଣା, ସାନପୁଅ ତଥା ଦାରିଙ୍ଗବାଡିର ଧରିତ୍ରୀ ଖବରଦାତା ଅରୁଣ ସାହୁ, ବୋହୂ ବୈଜୟନ୍ତୀ, ୩ ଝିଅ, ନାତି ନାତୁଣୀମାନେ ଉପସ୍ଥିତ ଥିଲେ।

### କାର୍ ଧକ୍କାରେ ବୃଦ୍ଧା ମୃତ

ଦିଗପହଣ୍ଡି, ୬।୯(ଡି.ଏନ.ଏ.)-ଦିଗପହଣ୍ଡି ନୂଆ ବସଷ୍ଟାଣ୍ଡ ନିକଟ ମୁଖ୍ୟରାସ୍ତାରେ ରବିବାର ଭୋରରେ କାର ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡି ଗଜାନନ ନଗରର କାଞ୍ଚନ ବେହେରା। କାଞ୍ଚନ ଶୌଚ ପାଇଁ ରାସ୍ତା ପାର ହେଉଥିବା ବେଳେ ବ୍ରହ୍ମପୁରରୁ ମୋହନା ଅଭିମୁଖେ ଦ୍ରୁତଗତିରେ ଯାଉଥିବା କାରଟି ତାଙ୍କ ଉପରେ ମାଡ଼ିଯିବା ସହ ରାସ୍ତାକଡ଼ରେ ଥିବା ଅନ୍ୟ ଏକ ମିନିବସ୍‌କୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ କାଞ୍ଚନଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନଂ. ୧୯୩/୨୦ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରିଥିବା ବେଳେ ଚାଳକ ଫେରାର ଅଛନ୍ତି।

### ଚୋରା ଦେଶୀମଦ କାରବାରରେ ୫ ଗିରଫ

ରାୟଗଡା ଅଫିସ, ୬।୯-ରାୟଗଡ଼ା ଜିଲାରେ ବୃଦ୍ଧି ପାଉଥିବା ଚୋରା ମଦ କାରବାରକୁ ରୋକିବାକୁ ଅବକାରୀ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ବହୁ ପରିମାଣର ଦେଶୀମଦ, ପୋଚ ଓ ମଦ ତିଆରି ସାମଗ୍ରୀ ଜବତ କରିବା ସହ ନଷ୍ଟ କରିଛି। ପୋଲିସ ୨ରୁ ୬ତାରିଖ ମଧ୍ୟରେ ବିଭିନ୍ନ ସ୍ଥାନରେ ଚଢାଉ କରି ଚୋର ମଦ କାରବାରରେ ୫ଜଣଙ୍କୁ ଗିରଫ କରିଛି। ରବିବାର ଦିନ ଅବକାରୀ ପୋଲିସର ଏକ ଟିମ୍ ଆଞ୍ଜେପେଟା ଷ୍ଟ୍ରୀଟ ଅଞ୍ଚଳରେ ଚଢ଼ାଉ କରି ୫୦ଲିଟର ଦେଶୀମଦ ଜବତ କରିଥିଲା। ଏହି ଘଟଣାରେ ଥବିର ତାଙ୍କରି ନାମକ ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ସେହିପରି ଗୁରୁମଗୁଡା ଅଞ୍ଚଳରେ ଚଢ଼ାଉ କରି ୪୦୦ଲିଟର ପୋଚ ଓ ଅନ୍ୟ ମଦରନ୍ଧା ସାମଗ୍ରୀ ପୋଲିସ ନଷ୍ଟ କରିଥିବା ଜିଲା ଅବକାରୀ ଅଧକ୍ଷ ଦଣ୍ଡପାଣି ବେହେରା ଜଣାଇଥିଲେ।

### ନଳକୂପ ପାଣିରୁ ବାହାରୁଛି ସାପ

ଚନ୍ଦାହାଣ୍ଡି, ୬।୯(ଡି.ଏନ୍.ଏ )- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ଝରିଆ ସାହିର ଏକ ନଳକୂଅରୁ ସାପ ପରି ୧ ମିଟର ଲମ୍ବର କୀଟ ବାହାରୁଥିବା ଅଭିଯୋଗ ହୋଇଛି। ସାହିବାସୀ ଭୟରେ ଉକ୍ତ ନଳକୂଅ ପାଣି ବ୍ୟବହାର କରୁନାହାନ୍ତି। ଏହାକୁ ବିଶୋଧନ କରିବାକୁ ସାହି ବାସିନ୍ଦା ଦାବି କରିଛନ୍ତି। ପ୍ରକାଶ ଯେ, ଜଣେ ମହିଳା ରବିବାର ନଳକୂଅରୁ ପାଣି କାଢିବାବେଳେ ସେଥିରୁ ଏ ଭଳି ସାପ ବାହାରିଥିଲା। ଏହାକୁ ଦେଖି ମହିଳା ଜଣଙ୍କ ଚିତ୍କାର କରିବାରୁ ସେଠାରେ ସାହିବାସୀ ଜମା ହୋଇଯାଇଥିଲେ। ପୁଣିଥରେ ଉକ୍ତ ନଳକୂପରୁ ପାଣି ବାହାର କରିବାରୁ ସେଥିରୁ ଆଉ ଦୁଇଟି ସାପ ବାହାରିଥିଲା। ଦୀର୍ଘଦିନ ହେବ ପ୍ରଶାସନ ନଳକୂପ ବିଶୋଧନ କରି ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ଅନିତା ପ୍ରଧାନଙ୍କୁ ପଚାରିବାରୁ ଝରିଆ ସାହିକୁ ଯାଇ ନଳକୂପ ପାଣି ଚେକ କରିବା ସହ ବିଶୋଧନ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

### ପୋଖରୀରେ ବୁଡି ଜଣେ ମୃତ

ପାରଳାଖେମୁଣ୍ଡି,୬।୯ (ସ୍ୱ.ପ୍ର.)- ଗୋଷାଣୀ ବ୍ଲକ ଆର୍.ସୀତାପୁର ଗ୍ରାମରେ ପୋଖରୀ ବୁଡି ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆର୍.ସୀତାପୁର ଗ୍ରାମର ଚିତ୍ରସେନ ପାଲକା (୫୨)। ଗୁରାଣ୍ଡି ଥାନା ପୋଲିସ ମୃତଦେହକୁ ଜବତ କରି ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଗୁରାଣ୍ଡି ଥାନାରେ ନଂ.୭/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବଜ୍ରପାତରେ ମହିଳା ମୃତ

ଦଶମନ୍ତପୁର, ୬।୯(ଡି.ଏନ୍.ଏ.)-କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡ଼ା ପଞ୍ଚାୟତ ପଦାବାଗ୍ରୀ ଗାଁର ନାୟକୁ ପରଜାଙ୍କ ସ୍ତ୍ରୀ ଦ୍ରୈମତି(୫୦) ବଜ୍ରପାତରେ ପ୍ରାଣ ହରାଇଛନ୍ତି। ଦ୍ରୈମତି କୌଣସି କାମରେ ଘର ବାହରକୁ ଯାଇଥିଲେ। ଫେରିବା ବେଳେ ବଜ୍ରପାତ ଘଟିବାରୁ ତାଙ୍କର ମୃତ୍ୟୁ ହୋଇଟାଇଥିଲା। ପରିବାର ଲୋକେ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲାକୁ ଭିତ୍ତି କରି ଘଟଣାର ତଦନ୍ତ ଚାଲିଥିବା ବି.କେ.ପଣ୍ଡା କହିଛନ୍ତି।

# ଶ୍ରମିକ ମୃତ୍ୟୁ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କଲା କଂଗ୍ରେସ

ବ୍ରହ୍ମପୁର ଅଫିସ, ୬।୯




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କଂଗ୍ରେସ କାର୍ଯ୍ୟକର୍ତ୍ତା।

■ସୁରଟ ଯାଉଥିବା ବସ୍ ଦୁର୍ଘଟଣା ପ୍ରସଙ୍ଗ
■ମୃତ ଶ୍ରମିକଙ୍କୁ ୨୦ ଲକ୍ଷ ଲେଖାଏ କ୍ଷତିପୂରଣ ଦାବି

ଗଞ୍ଜାମରୁ ଶ୍ରମିକଙ୍କୁ ନେଇ ସୁରଟ ଯାଉଥିବା ବସ୍ ଛତିଶଗଡ଼ର ରାୟପୁର ନିକଟରେ ଶନିବାର ଦୁର୍ଘଟଣାଗ୍ରସ୍ତ ହେବାରୁ ୮ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିପାଇଁ ଜିଲା କଂଗ୍ରେସ କମିଟି ରାଜ୍ୟ ସରକାରଙ୍କୁ ଦାୟୀ କରିଛି। କରୋନା ଭୟରେ ଲକ୍ଷ ଲକ୍ଷ ପ୍ରବାସୀ ଓଡ଼ିଆ ବିଭିନ୍ନ ଉପାୟରେ ଓଡିଶାକୁ ଫେରିଥିବା ବେଳେ ରାଜ୍ୟ ସରକାର ସେମାନଙ୍କ କର୍ମନିଯୁକ୍ତି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେଣୁ ସେମାନେ ବାଧ ହୋଇ ପୁଣି ବାହାର ରାଜ୍ୟକୁ ଫେରୁଛନ୍ତି। ରବିବାର ବାପୁଜୀ ଆଶ୍ରମ ତଥା କଂଗ୍ରେସ ଜିଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ଏହି ଅଭିଯୋଗ କରିଛି। ଶନିବାର ବସ୍ ଦୁର୍ଘଟଣାରେ ମୃତ ସମସ୍ତ ଓଡ଼ିଆ ଶ୍ରମିକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ସହ ପ୍ରବାସୀଙ୍କୁ କାର୍ଯ୍ୟ ଯୋଗାଇବା, ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣକୁ ବାଧତାମୂଳକ କରିବାକୁ କଂଗ୍ରେସ ଦାବି କରିଛି । ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡାଙ୍କ ସମେତ ଭୋକାଲି ସେଠୀ, ଭୀମରାଜୁ ରେଡ୍ଡୀ, ଉଦୟ ପାଣିଗ୍ରାହୀ, ଆରତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଡ଼ାମାରୀ କଲେଜ ଟପ୍ପର ହେଲେ ଗଣେଶ

ପାଟପୁର, ୬।୯

ସାନଖେମୁଣ୍ଡି ବ୍ଲକ ପୋଡାମାରୀ କଲେଜର ଛାତ୍ର ଗଣେଶ ପଣ୍ଡା ଯୁକ୍ତ ୨ କଳାରେ ୪୯୩ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି । ଚଳିତ ବର୍ଷ କଲେଜରୁ ୨୨୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୪ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । କଲେଜର ମୋଟ ପାସ୍ ହାର ୭୭ ପ୍ରତିଶତ ରହିଛି ।

## ମାଣିତରା କଲେଜର ଲିଜା ବ୍ଲକ ଟପ୍ପର

ଯୁକ୍ତ ୨ କଳା ପରୀକ୍ଷା ଫଳ

ବୁଗୁଡ଼ା, ୬।୯(ଡି.ଏନ.ଏ.)

ଯୁକ୍ତ ୨ କଳା ବିଭାଗର ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। ମାଣିତରା ଆଞ୍ଚଳିକ ବିଜ୍ଞାନ କଲେଜର ଛାତ୍ରୀ ଲିଜା ପ୍ରଧାନ ୫୦୮ ନମ୍ବର ରଖି ବୁଗୁଡ଼ା ବ୍ଲକ ଟପ୍ପର ହୋଇଥିବା ବେଳେ ସେହି କଲେଜର ବବିତା ବେହେରା ୪୬୩ ନମ୍ବର ରଖି ଦ୍ୱିତୀୟ ଏବଂ ବଳଦେବ ସ୍ୱାମୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ସ୍ନେହଲତା ରାଉତ ୪୫୧ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବ୍ଲକର ୪ କଲେଜ ମଧ୍ୟରୁ ପିପୁଲ୍‌ସ କଲେଜର ୨୫୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬୯ ଜଣ ପାସ୍ କରିଛନ୍ତି। ୮୧ ଜଣ ଫେଲ୍ ହୋଇଛନ୍ତି। ସେହିପରି ବାଲିପଦର କଲେଜର ୨୯୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୫୦ ଜଣ ପାସ୍ ଏବଂ ୪୬ ଜଣ ଫେଲ୍, ମାଣିତରା ବିଜ୍ଞାନ କଲେଜରେ ୧୯୮ ଜଣଙ୍କ ମଧ୍ୟରୁ ୧୬୪ ଜଣ ପାସ୍ ଓ ୩୪ ଜଣ ଫେଲ୍ ଏବଂ ବଳଦେବ ମହିଳା ମହାବିଦ୍ୟାଳୟର ୨୧୨ ଜଣଙ୍କ ମଧ୍ୟରୁ ୧୮୧ ଜଣ ପାସ୍ ଓ ୩୧ ଜଣ ଫେଲ୍ ହୋଇଥିବା ଜଣାପଡ଼ିଛି।

## ମହେନ୍ଦ୍ରଗିରି କଲେଜରେ ପାସ୍ ହାର ୬୭%

ପାରଳାଖେମୁଣ୍ଡି/ରାମଗିରି, ୬।୯(ସ୍ୱ.ପ୍ର./ଡି.ଏନ୍.ଏ.)

ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରିସ୍ଥିତ ମହେନ୍ଦ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ କଳାରେ ପାସ୍ ହାର ୬୭ ପ୍ରତିଶତ ରହିଛି। କୃତୀ ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷା, ଅଧ୍ୟାପିକା, ଅଧ୍ୟାପକମାନେ ଶୁଭେଚ୍ଛା ଜଣାଇଛନ୍ତି। କଲେଜ +୨ କଳା ବିଭାଗରେ ମୋଟ ୨୩୮ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୧୬୦ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରଥମ ଶ୍ରେଣୀରେ ୩ଜଣ, ଦ୍ୱିତୀୟ ଶ୍ରେଣୀରେ ୧୯ ଓ ତୃତୀୟ ଶ୍ରେଣୀରେ ୧୩୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଏକ୍ସ ରେଗୁଲାରରେ ୨୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୧୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୩, ଦ୍ୱିତୀୟ ଶ୍ରେଣୀରେ ଓ ତୃତୀୟ ଶ୍ରେଣୀରେ ୧୨ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଅଧ୍ୟକ୍ଷା ପ୍ରିୟଦର୍ଶନୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଭାଇଙ୍କୁ ମାରଣାସ୍ତ୍ର ଦେଖାଇ ଭଉଣୀଙ୍କୁ ଅପହରଣ, ବଳାତ୍କାର ଉଦ୍ୟମ

ଦୁଇ ଅଭିଯୁକ୍ତ ଅଟକ

ଜୟପୁର, ୬।୯(ନି.ପ୍ର./ଡି.ଏନ. ଏ.)

ଭାଇଙ୍କୁ ମାରଣାସ୍ତ୍ର ଦେଖାଇ ଭଉଣୀଙ୍କୁ ଅପହରଣ, ଆଉ ତା'ପରେ ନିଛାଟିଆ ଜଙ୍ଗଲକୁ ନେଇ ବଳାତ୍କାର ଉଦ୍ୟମ। କିନ୍ତୁ ଉପସ୍ଥିତ ବୁଦ୍ଧି ଖଟାଇ ଦୁର୍ବୃତ୍ତଙ୍କୁ ଚକ୍‌ମା ଦେଇ ଯୁବତୀଜଣଙ୍କ ଖସି ଆସିଛନ୍ତି। ଭାଇଙ୍କ ଅଭିଯୋଗ ପରେ ଯୁବତୀଙ୍କୁ ଉଦ୍ଧାର କରିବା ସହ ୨ ଦୁର୍ବୃତ୍ତଙ୍କୁ ଅଟକ ରଖି ଅଧିକ ପଚରା ଉଚୁରା କରୁଛି ଜୟପୁର ଟାଉନ ପୋଲିସ। ସେମାନେ ହେଲେ ଶିବ ସୁନା ଓ ଈଶ୍ୱର ଚିତି ପୀଡିତାଙ୍କ ଘର ପଡୋଶୀ ଛତିଶଗଡ଼ ରାଜ୍ୟରେ ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ଶନିବାର ରାତିରେ ଛତିଶଗଡ଼ରୁ ଭାଇ ଭଉଣୀ ଏକ ଅଟୋରେ ଜଗଦଲପୁରରୁ ଜୟପୁର ଆସିଥିଲେ। ଜୟପୁରରୁ ଉଭୟ ବିଶାଖାପାଟଣା ଯିବାର ଥିଲା। କିନ୍ତୁ ସେମାନଙ୍କୁ ବସ୍ ନ ମିଳିବାରୁ ଉଭୟ ରାତିରେ ରହିବାକୁ ଏକ ହୋଟେଲ ଖୋଜିଥିଲେ। କିନ୍ତୁ ପାଖରେ ଆଧାର କାର୍ଡ ନ ଥିବାରୁ କୌଣସି ହୋଟେଲ ଏମାନଙ୍କୁ ରୁମ ଦେଇ ନ ଥିଲା। ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ହୋଟେଲ ଯୋଗାଡ କରାଇ ଦେବା ବାହାନାରେ ଏମାନଙ୍କୁ ନିଜ ଜାଲରେ ଫସାଇଥିଲେ। ଦୁର୍ବୃତ୍ତ ଦୁଇଜଣ ଉଭୟ ଭାଇ ଭଉଣୀଙ୍କୁ ଏକ କାରରେ ବସାଇ ଜଙ୍ଗଲ ଆଡକୁ ନେଉଥିଲେ। ଏହାର ବିରୋଧ କରିବାରୁ ଦୁର୍ବୃତ୍ତମାନେ ଯୁବକଙ୍କୁ ମାଡ଼ମାରିବା ସହ ମାରଣାସ୍ତ୍ର ଦେଖାଇ ତାଙ୍କ ଭଉଣୀଙ୍କୁ ଅପହରଣ କରି ନେଇଥିଲେ। ସେମାନେ ଯୁବତୀଙ୍କୁ ଜୟନଗର ନିକଟସ୍ଥ ଏକ ନିଛାଟିଆ ଜଙ୍ଗଲକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଯୁବତୀ ଜଣକ ତାଙ୍କ କବଳରୁ ଖସି ଯାଇଥିଲେ। ଏହା ମଧ୍ୟରେ ଯୁବକ ଜଣକ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୋଲିସ ସେଠାରେ ପହଞ୍ଚି ତନାଘନା କରିବା ସହ ଜଙ୍ଗଲରେ ଥିବା ଯୁବତୀଙ୍କୁ ଉଦ୍ଧାର କରିଥିଲା। ପରେ ୨ ଦୁର୍ବୃତ୍ତ ଓ ଅପହରଣରେ ବ୍ୟବହାର କରାଯାଇଥିବା କାରକୁ ପୋଲିସ ଜବତ କରିଛି ବୋଲି ଜୟପୁର ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି ପ୍ରକାଶ କରିଛନ୍ତି।

## ଗଜପତିରେ ୨୦ ଆକ୍ରାନ୍ତ ଚିହ୍ନଟ

ପାରଳାଖେମୁଣ୍ଡି,୬।୯ (ସ୍ୱ.ପ୍ର.)

ଗଜପତିରେ ରବିବାର ପୁଣି ୨୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଫଳରେ ମୋଟ ସଂଖ୍ୟା ୨୯୭୭ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ମଧ୍ୟରେ ଗୋଷାଣୀ ବ୍ଲକରୁ ୪, କାଶୀନଗରରୁ ୨, ମୋହନାରୁ ୬, ପାରଳାଖେମୁଣ୍ଡି ପୌରାଞ୍ଚଳରୁ ୩, ରାୟଗଡରୁ ୩, ଆର୍.ଉଦୟଗିରି ବ୍ଲକରୁ ଜଣେ ଏବଂ ବାହାର ରାଜ୍ୟ ତଥା ଆନ୍ଧ୍ର ପ୍ରଦେଶରୁ ଜଣେ ଅଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କ ଯାଞ୍ଚ ବେଳେ ୧୭ଜଣ, ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୩ ପଜିଟିଭ୍ ଚିହ୍ନଟ ହୋଇଥିବା ସୂଚନା ମିଳିଛି ।

## ଦୋକାନକୁ ବୋମାମାଡ଼ କରି ମୂଷା ଗିରଫ

ବ୍ରହ୍ମପୁର ଅଫିସ, ୬।୯



ଅଭିଯୁକ୍ତ ମୂଷା।

ସଦର ଥାନା ଅନ୍ତର୍ଗତ ସିଦ୍ଧାର୍ଥ ନଗର ବ୍ୟାଙ୍କ କଲୋନୀ ମୁଖ୍ୟ ରାସ୍ତାକଡ଼ରେ ଥିବା ଏକ ଗ୍ରସେରି ଦୋକାନ ଉପରକୁ ବୋମାମାଡ଼ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କାଳିଆ ସାହୁ (୩୦) ଓରଫ ମୂଷା। ତାଙ୍କ ନିକଟରୁ ଦୁଇଟି ବୋମା ଓ ଘଟଣା ଦିନ ବ୍ୟବହୃତ ହୋଇଥିବା ଏକ ବାଇକ ଜବତ ହୋଇଛି। ମାମଲା ନଂ.୨୩୬/୨୦ ଅନୁସାରେ ମୂଷାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ସନ୍ତୋଷିନୀ ଓରାମ କହିଛନ୍ତି। ଗତ ୧୯ ତାରିଖ ରାତିରେ ୨ ଜଣ ବାଇକରେ ଆସି ଗ୍ରସେରି ଦୋକାନ ଉପରେ ବୋମାମାଡ଼ କରିଥିଲେ। ଗୋଟିଏ ବୋମା ଫୁଟିଥିବା ବେଳେ ଆଉ ଗୋଟିଏ ଫୁଟି ନ ଥିଲା। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଅଫୁଟା ବୋମା ଜବତ କରିଥିଲା। ଏହି ଘଟଣାକୁ ନେଇ ଦୋକାନ ମାଲିକ ରାଜେନ୍ଦ୍ର ସାହୁ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୨୩୬/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗରର ମୂଷା ରାଜେନ୍ଦ୍ରଙ୍କଠାରୁ ବଟି ଦାବି କରିଥିଲେ। ରାଜେନ୍ଦ୍ର ଦେବାକୁ ମନା କରିବାରୁ ଦୋକାନ ଉପରେ ମୂଷା ବୋମାମାଡ଼ କରିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ସୂଚନାଯୋଗ୍ୟ, ମୂଷାଙ୍କ ନାଁରେ ୧୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି।

# ମାଓବାଦୀଙ୍କ ବିରୋଧରେ ଗର୍ଜିଲେ ଆଦିବାସୀ

ଚିତ୍ରକୋଣ୍ଡା, ୬।୯(ଡି.ଏନ୍.ଏ.)



ପ୍ରଜାମେଳିରେ ସାମିଲ ହୋଇଥିବା ଆଦିବାସୀମାନେ ।

ଦାରଲାବେଢାରେ ପ୍ରଜାମେଳି

ମାଓବାଦୀଙ୍କ କାର୍ଯ୍ୟ କଳାପରେ ଅତିଷ୍ଠ ହୋଇ ରବିବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଦାରାଲବେଢାରେ ଅଞ୍ଚଳବାସୀ ଆଦିବାସୀ ମେଳି ରାଲି କରିଛନ୍ତି। ହିଂସା ନୁହେଁ ଶାନ୍ତି ଚାହୁଁଛୁ ବୋଲି ସେମାନେ ନାରା ଦେଇଥିଲେ। ମାଓବାଦୀ ମାନେ ବିକାଶ କରାଇ ଦେଉ ନାହାନ୍ତି, ସେମାନେ ଆଦିବାସୀ ପାଇଁ ଲଢୁଥିବ କହି ନିରୀହ ଆଦିବାସୀଙ୍କ ପ୍ରତି ଅତ୍ୟାଚାର କରୁଛନ୍ତି ବୋଲି ପ୍ରଜାମେଳିର ସାମିଲ ହୋଇଥିବା ଆଦିବାସୀମାନେ କହିଛନ୍ତି। ଯୋଡ଼ାମ୍ବ ପଣସପୁଟ, ଯନ୍ତ୍ରୀ ଓ ଅଣ୍ଡିରାପାଲି ଅଞ୍ଚଳବାସୀ ଏକାଠି ହୋଇ ଅଞ୍ଚଳକୁ ବିକାଶ ପଥରେ ଆଗେଇ ନେବାରେ ସରକାରଙ୍କୁ ସହଯୋଗ କରିବାକୁ ସ୍ୱାଭିମାନ ଅଞ୍ଚଳ ଆଦିବାସୀ ବିକାଶ ଶାନ୍ତି ପରିଷଦ ତରଫରୁ କୁହାଯାଇଛି।

## କରୋନାକୁ ହରାଇଲେ ୭୫ ବର୍ଷୀୟ ବୃଦ୍ଧା

ମାଲକାନଗିରି, ୬।୯(ଡି.ଏନ୍.ଏ.)

ମନୋବଳ ଆଗରେ ହାର ମାନିଲା କରୋନା। ମାଲକାନଗିରି ସହରର ୭୫ ବର୍ଷୀୟା ବୃଦ୍ଧା ମହାଲକ୍ଷ୍ମୀ ପଣ୍ଡା କରୋନାକୁ ମାତ୍ ଦେଇ ସୁସ୍ଥ ହୋଇଛନ୍ତି। ମହାଲକ୍ଷ୍ମୀ ଉଚ୍ଚ ରକ୍ତ ଚାପ, ପକ୍ଷାଘାତରେ ସେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲେ। କିଛି ଦିନ ତଳେ ତାଙ୍କୁ ଜ୍ୱର ହୋଇଥିଲା। ଟେଷ୍ଟ କରିବାରୁ ସେ କରୋନା ପଜିଟିଭ୍ ବୋଲି ଜଣାପଡିଥିଲା। ତାଙ୍କୁ କୋଭିଡ୍ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏହି ସମୟରେ ସେ ଦୃଢତାର ସହ ଯେ, କରୋନା ମୋର କିଛି କରିପାରିବ ନାହିଁ, ମୁଁ ନିଶ୍ଚିତ ଭଲ ହେବି ବୋଲି କହିଥିଲେ। ତାଙ୍କର ଏହି ମନୋବଳ ପାଇଁ ସେ ଏବେ କରୋନାକୁ ହରାଇ ରୋଗମୁକ୍ତ ହୋଇଛନ୍ତି। ଏବେ ସେ ଠିକ୍ ଭାବେ ଚାଲି ମଧ୍ୟ ପାରୁଛନ୍ତି।

## ଡମ୍ଫର ଧକ୍କାରେ ଜଣେ ମୃତ

କ.ନୂଆଗାଁ, ୬।୯(ଡି.ଏନ.ଏ)

କନ୍ଧମାଳ ଜିଲା କ. ନୂଆଗାଁରେ ଡମ୍ଫର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୁଣା ନୂଆଗାଁର ଦିଲ୍ଲୀପ ବିଷୋୟୀ। ଶ୍ରମିକ କାମ କରୁଥିବା ଦିଲ୍ଲୀପ କାଳିପେନୁ ନଦୀରେ ଗାଧୋଇ ଘରକୁ ସାଇକେଲରେ ଫେରୁଥିବା ବେଳେ ଡମ୍ଫର ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ପ୍ରାୟ ୫ ଘଣ୍ଟା ପରେ ବିଧାୟକ ଚକ୍ରମଣି କହଁର, ବାଲିଗୁଡା ଏସଡିପିଓ ମାନସ ରଞ୍ଜନ ବାରିକ୍, ବିଡିଓ ମନୋଜ କୁମାର ତ୍ରିପାଠୀ, ତହସିଲଦାର ଶଶାଙ୍କ ଶେଖର ପାତ୍ର ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଲୋକେ ବୁଝି ନ ଥିଲେ। ପରେ ଡମ୍ଫର ମାଲିକ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବେ ବୋଲି ପ୍ରତିଶ୍ରୁତି ଦେବାରେ ରାସ୍ତାରୋକ ହଟିଥିଲା।

## କୋରାପୁଟରେ ୪ହଜାର ଟପିଲା ସଂକ୍ରମିତଙ୍କ ସଂଖ୍ୟା

କୋରାପୁଟ,୬।୯(ସ୍ୱ.ପ୍ର.)

କୋରାପୁଟ ଜିଲାରେ ରବିବାର ୮୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪ ହଜାର ୪୪ରେ ପହଞ୍ଚିଛି । ରବିବାର ଚିହ୍ନଟ ପଜିଟିଭଙ୍କ ମଧ୍ୟରେ ଟିଏମ୍‌ସିରୁ ୫, ପୂର୍ବରୁ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୧୮ ଓ ୬୧ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଆଉ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## କରେଣ୍ଟ ଲାଗି ଯୁବକ ମୃତ

କାଳିମେଳା,୬।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଳିମେଳା ବ୍ଲକ ବେଜାଙ୍ଗିୱାଡା ଉପରସାହି ଅଞ୍ଚଳର ଜଣେ ଯୁବକଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଯାଇଛି। ସେ ହେଲେ ବିନୋଦ ନାଗାଲଙ୍କ ପୁଅ କୃଷ୍ଣଚନ୍ଦ୍ର। ତାଙ୍କ ମାନସିକସ୍ଥିତି ଠିକ୍ ନ ଥିବା ପରିବାର ଲୋକେ କହିଛନ୍ତି। ସୂଚନା ଅନୁଯାୟୀ, ଶନିବାର ରାତିରେ ଘର ଲୋକ ସମସ୍ତେ ଖାଇ ସାରି ଶୋଇଥିଲେ। କିନ୍ତୁ ରବିବାର ସକାଳେ ଘର ଠାରୁ ୨ ଶହ ମିଟର ଦୂରରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ନିକଟରେ ତାଙ୍କ ମୃତଦେହ ପଡିଥିବା କେହି ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। କୃଷ୍ଣଙ୍କ ଶରୀରର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଆଘାତ ଲାଗି ପୋଡି ଯାଇଛି। କୃଷ୍ଣ ଅଧରାତିରେ ଟ୍ରାନ୍ସଫରର୍ମର ପାଖକୁ ଯାଇ ଅଜାଣତରେ ବିଦ୍ୟୁତ ତାରରେ ହାତ ମାରିଦେଥାଇ ପାରନ୍ତି ବୋଲି ପରିବାର ଲୋକ ଅନୁମାନ କରୁଛନ୍ତି। ପରିବାର ଲୋକ ଏ ସମ୍ପର୍କରେ କାଳିମେଳା ଥାନାରେ ଜଣାଇବା ପରେ ଥାନା ଏସ୍‌ଆଇ ସିଏଚ୍ ବେନିଆ ଏବଂ ବି.କେ. ତାଣ୍ଡି ଉକ୍ତ ଗ୍ରାମକୁ ଯାଇ ମୃତଦେହ ବ୍ୟବଚ୍ଛେଦ କରି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ୩୫/୨୦ରେ ଏକ ଅପମୃତ୍ୟୁ ମାମଲା ରଜୁ କରାଯାଇଛି।

# ବୁଧବାରରୁ ଧାରଣା ଦେବ ଟ୍ରାକ୍ଟର ମାଲିକ ସଂଘ

ଜୟପୁର,୬।୯(ଡି.ଏନ.ଏ)



ଖବରଦାତା ସମ୍ମିଳନୀରେ ଟ୍ରାକ୍ଟର ମାଲିକ ସଂଘ ସଦସ୍ୟମାନେ।

କୋରାପୁଟ ଜିଲା ଜୟପୁର ଟ୍ରାକ୍ଟର ମାଲିକ ସଂଘ ବୁଧବାରରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବ। ଏ ନେଇ ରବିବାର ସଂଘ ରବିବାର ଏକ ଖବରଦାତା ସମ୍ମିଳନୀ କରି ଘୋଷଣା କରିଛି। ରାଜସ୍ୱ ବିଭାଗ ବାଲି, ମାଟି, ଚିପ୍ସ, ପଥର ବୋଝେଇ ଟ୍ରାକ୍ଟର ଉପରେ ଚଢାଉ କରି ରୟାଲଟି ନାମରେ ମନମୁତାବିକ ଜରିମାନା ଆଦାୟ କରୁଥିବା ସଂଘ ଅଭିଯୋଗ କରିଛି। ଏହିପରି ବାଲିଘାଟ, ପଥର କୁଆଁରି ଲିଜ୍‌ଧାରୀମାନେ ରାଜସ୍ୱ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ୱାଇ ଫର୍ମ ଟ୍ରାକ୍ଟରଗୁଡିକୁ ଦେଉନାହାନ୍ତି। ପରେ ସାମଗ୍ରୀ ପରିବହନ ବେଳେ ରାଜସ୍ୱ ବିଭାଗ ଅଧିକାରୀ ଓ କର୍ମଚାରୀ ଚଢାଉ କରି ଜରିମାନା କରୁଛନ୍ତି। ଟ୍ରାକ୍ଟର ମାଲିକଙ୍କ ପକ୍ଷରୁ କାର୍ଯ୍ୟାଳୟରେ ଏହି ସାମଗ୍ରୀ ପରିବହନ ପାଇଁ ଅନୁମତି ଆବେଦନ କରାଗଲେ ସୁଦ୍ଧା କୌଣସି ନିୟମ ନ ଥିବା ଦର୍ଶାଇ ଅଗ୍ରାହ୍ୟ କରୁଛନ୍ତି। ପଡୋଶୀ ଜିଲାରୁ ବାଲି ଓ ଚିପ୍ସ ସହରକୁ ଅଣାଯାଇ ନିର୍ମାଣ ସ୍ଥଳୀକୁ ପରିବହନ କଲାବେଳେ ମଧ୍ୟ ବିଭାଗ ପକ୍ଷରୁ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ସହରରେ ନିର୍ମାଣ ସ୍ଥଳିକୁ ସାମଗ୍ରୀ ପହଞ୍ଚାଇବା ସମସ୍ୟା ଦେଖାଦେଇଛି। ଏହିପରି ଟ୍ରାକ୍ଟର ମାଲିକଙ୍କ ସମେତ ଡ୍ରାଇଭର ଏବଂ ଶ୍ରମିକ ମାନଙ୍କ ଦୈନିକ ଜୀବିକା ହରାଇବାର ଆଶଙ୍କା ବୃଦ୍ଧି ପାଇଛି। ଏ ସବୁ ସମସ୍ୟା ସମ୍ପର୍କରେ ଗତ ବୁଧବାର ସଂଘ ପକ୍ଷରୁ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ସମାଧାନ ପାଇଁ ଉଚିତ ପଦକ୍ଷପ ନେବାକୁ କହିଥିଲେ। କିନ୍ତୁ ଉପଜିଲାପାଳଙ୍କ ପକ୍ଷରୁ କୌଣସି ଉଚିତ ପଦକ୍ଷପ ଗ୍ରହଣ କରାଯାଉନଥିବାରୁ ସଂଘ ପକ୍ଷରୁ ବୁଧବାରଠାରୁ ଦାବି ପୂରଣ ନ ହେବା ଯାଏ ଧାରଣା ଦିଆଯିବ ବୋଲି କୁହାଯାଇଛି। ଖବରଦାତା ସମ୍ମିଳନୀରେ ସଂଘ ସଭାପତି ସୁକାନ୍ତ ତ୍ରିପାଠୀ, ସମ୍ପାଦକ ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଅମିୟ ନାୟକ, ଆଇନ ପରାମର୍ଶଦାତା ତାରିଣି ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜଳଭଣ୍ଡାରରେ ବୁଡ଼ି ଯୁବକ ମୃତ

**ରାସୋଳ,୬।୯(ଡି.ଏନ.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରସୋଳ ଥାନାସ୍ଥିତ ସାପୁଆ ଜଳ ଭଣ୍ଡାରରେ ରବିବାର ଜଣେ ଯୁବକ ବୁଡ଼ି ପ୍ରାଣ ହରାଇଛନ୍ତି। ଢେଙ୍କାନାଳ ଦକ୍ଷିଣକାଳୀ ଅଞ୍ଚଳର କେତେଜଣ ଯୁବକ ବଣଭୋଜି ପାଇଁ ସାପୁଆ ଡ୍ୟାମ୍ ଆସିଥିଲେ। ଯୁବକମାନେ ଗାଧୋଉଥିବା ବେଳେ ବିଶ୍ୱଜିତ ବେହେରା (୨୪) ପାଣିରେ ଭାସି ନିଖୋଜ ହୋଇଯାଇଥିଲେ। ଖବରପାଇ ରାସୋଳ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କ ମୃତଦେହ ଉଦ୍ଧାର କରି ଉପଖଣ୍ଡ ଡାକ୍ତରଖାନା ପଠାଇଥିଲା।

### ଅନୁଗୋଳରୁ ୮୩ ପଜିଟିଭ୍

**ଅନୁଗୋଳ ଅଫିସ୍, ୬।୯:** ଅନୁଗୋଳ ଜିଲାରୁ ରବିବାର ୮୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍‌ଙ୍କ ସଂଖ୍ୟା ୧୨୯୪ରେ ପହଞ୍ଚିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ତାଳଚେର ବ୍ଲକରୁ ୨୮, ଅନୁଗୋଳ ବ୍ଲକରୁ ୧୪, କିଶୋରନଗର ବ୍ଲକରୁ ୧୧, ଛେଣ୍ଡିପଦା ବ୍ଲକରୁ ୧୦, ଅନୁଗୋଳ ପୌରାଞ୍ଚଳରୁ ୭, ବଁଅରପାଳ ବ୍ଲକରୁ ୫, ତାଳଚେର ପୌରାଞ୍ଚଳରୁ ୫, ପାଲଲହଡ଼ା ବ୍ଲକରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରୁ ସୁସ୍ଥ ହୋଇଥିବା ୧୨ ଜଣଙ୍କୁ ମିଶାଇ ମୋଟ୍ ସୁସ୍ଥ ସଂଖ୍ୟା ୫୨୮ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୩୨୦ କର୍ମଚାରୀ ନେଗେଟିଭ୍

**ଢେଙ୍କାନାଳ ଅଫିସ,୬।୯:** ଢେଙ୍କାନାଳ ଜିଲାରେ ରବିବାର ୫୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୧୬୧ ଜଣ ସୁସ୍ଥ ହୋଇ ଫେରିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ କଟକ, ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ୮ଜଣ, ସଦର ବ୍ଲକର ଭାପୁରରେ ୩, ଖଲିଆବନ୍ଧରେ ୫, ସାଙ୍କୁଲେଇରେ ୧, ଗୋବିନ୍ଦପୁର ୧, ଦାମୋଦରନାଳି ୨, ଖଣ୍ଡବନ୍ଧ ୧, ଦୁଦୁକାଟେଣୀରୁ ୧, ହିନ୍ଦୋଳ ବ୍ଲକର ଚିତ୍ତଳପୁର, ଗଇଲୋ ଓ ନୂଆପାଟଣାରୁ ୨ଜଣ ଲେଖାଏ, ମାଗୁବେରେଣୀ, ନାଉକିଆରୀ ଓ ପାଣ୍ଡୁବେରେଣୀରୁ ଜଣେ ଲେଖାଏ, ଢେଙ୍କାନାଳ ପୌରାଞ୍ଚଳର ଅମଲାପଡା, ରତନ ବଜାର, ଲକ୍ଷ୍ମୀବଜାର, ଜୁବୁଲି ଟାଉନ ଓ ଟାଉନପ୍ଲାନିଂରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। କାମାକ୍ଷାନଗର ଏନ୍ଏସିରୁ ୨ଜଣ, ଭୁବନ ବ୍ଲକର ଜିନେଇଲରୁ ୨, ମାର୍ଥାପୁରରୁ ୫ ଓ ଗୋପିନୈବଦ୍ୟପୁରରୁ ଜଣେ, ଓଡାପଡା ବ୍ଲକର କୁସୁପଙ୍ଗା, ନରେନ୍ଦ୍ରପୁର, ବେଶାଳିଆ, ନିମିଧା ଓ କଣ୍ଟାବଣିଆରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ଗତ ୪ ତାରିଖ ଦିନ ଜିଲା କାର୍ଯ୍ୟାଳୟ ସମେତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ସେସବୁ କର୍ମଚାରୀଙ୍କର ସ୍ଥାନୀୟ ଗୋପବନ୍ଧୁ ଟାଉନହଲଠାରେ ସ୍ୱାବ୍ ଟେଷ୍ଟ ହୋଇଥିଲା। ରବିବାର ଏସବୁ କାର୍ଯ୍ୟାଳୟର ୩୨୦ଜଣଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୧୯୯୦ ହୋଇଥିବା ବେଳେ ୧୫୫୮ ଜଣ ସୁସ୍ଥ ହୋଇଛନ୍ତି।

### ପ୍ରୀତିକ୍ରିଷ୍ଣା ମହିଳା ମହାବିଦ୍ୟାଳୟ ଟପ୍ପର

**ଅନୁଗୋଳ ଅଫିସ୍, ୬।୯-** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ ଯୁକ୍ତ ୨ ପରୀକ୍ଷାଫଳ ଅନୁଯାୟୀ ଅନୁଗୋଳ ମହିଳା ମହାବିଦ୍ୟାଳୟର ପାସ୍ ହାର ୮୬.୬୩ ପ୍ରତିଶତ ରହିଛି। ପ୍ରୀତିକ୍ରିଷ୍ଣା ସେନାପତି ୪୭୬ ନମ୍ବର ରଖି କଲେଜର ଟପ୍ପର ହୋଇଛନ୍ତି। ମହାବିଦ୍ୟାଳୟରେ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୭ ଜଣ ପ୍ରଥମ ଶ୍ରେଣୀ ଅଧିକାର କରିଥିବାବେଳେ ୪୨ ଜଣ ଦ୍ୱିତୀୟ ଶ୍ରେଣୀ ଓ ୮୯ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

### ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ ସରକାର

**ଢେଙ୍କାନାଳ ଅଫିସ,୬।୯:** ରାଜ୍ୟ ସରକାର ସମିତି ପଞ୍ଜୀକରଣ ଆଇନ ୧୮୬୦ରେ ସଂଶୋଧନ ଆଣି ପ୍ରତି ୫ ବର୍ଷରେ ଥରେ ପଞ୍ଜୀକରଣକୁ ନବୀକରଣ କରିବା ପାଇଁ ଗତ ମେ ୨୦ ତାରିଖ କ୍ୟାବିନେଟରେ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଉପରେ ଶୁକ୍ରବାର ସହରସ୍ଥିତ ପିପାର ସଭାଗୃହରେ ଆୟୋଜିତ ଏକ ବୈଠକରେ ସିଭିଲ ସୋସାଇଟି ସଙ୍ଗଠନ ପ୍ରତିନିଧିମାନେ ପ୍ରତିବାଦ କରିଛନ୍ତି। ୫ ବର୍ଷରେ ଥରେ ସମିତି ପଞ୍ଜୀକରଣକୁ ନବୀକରଣ କରିବା ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଏହାଦ୍ୱାରା ବିକାଶ ବାଧାପ୍ରାପ୍ତ ହେବ। ଲାଞ୍ଚ କାରବାର ବଢ଼ିବ। ତେଣୁ ଆସନ୍ତା ବିଧାନସଭା ଅଧିବେଶନ ପୂର୍ବରୁ ଏହାର ପୁନଃବିଚାର କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ଶିଶିର ଶତପଥୀଙ୍କ ଆବାହକତ୍ୱରେ ଇମାନୁଏଲ ପାଥିଲ, ସୁରେଶ ପଣ୍ଡା, ଉଦେୟନ୍ଦୁ ମିଶ୍ର, ପ୍ରଦୀପ ସାହୁ, ପୁଷ୍ପାଞ୍ଜଳି ଜେନା, ଶେଷଦେବ ରାଉତ, ଟଙ୍କଧର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ଏକ ସ୍ମାରକପତ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦେବା ପାଇଁ ମତପ୍ରକାଶ ପାଇଥିଲା।



ବଲାଙ୍ଗୀର ଜିଲା ତୁଷୁରା ନୂଆ ମାର୍କେଟ ଛକରେ ୟୁରିଆ ସାର ବଣ୍ଟନରେ ଅବହେଳା ପ୍ରତିବାଦ କରି ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

# ୟୁରିଆ ପାଇଁ ରାସ୍ତାରୋକୋ

**ଦେଓଗାଁ/ଗୁଡଭେଲା,୬।୯(ଡି.ଏନ.ଏ)**

## ଦେଓଗାଁ ବ୍ଲକରେ କଳାବଜାର ଅଭିଯୋଗ

ବଲାଙ୍ଗୀର ଜିଲା ଦେଓଗାଁ ଓ ଗୁଡଭେଲା ବ୍ଲକରେ ବର୍ତ୍ତମାନ ୟୁରିଆ ସାରର ନିଅଣ୍ଟ ଦେଖାଦେଇଛି। ତୁଷୁରାର ସମଲେଶ୍ୱରୀ ଫର୍ଟିଲାଇଜର ଷ୍ଟୋରକୁ ଶନିବାର ସନ୍ଧ୍ୟାରେ ୟୁରିଆ ସାର ପହଞ୍ଚିବା ପରେ ରବିବାର ସକାଳୁ ଗୁଡଭେଲା, ସଇଁନ୍ତଳା ଓ ଦେଓଗାଁ ବ୍ଲକର ଶତାଧିକ ଚାଷୀ ସାର ପାଇବା ଆଶାରେ ଧାଡିବାନ୍ଧି ଅପେକ୍ଷା କରିଥିଲେ। ହେଲେ ସମ୍ପୃକ୍ତ ବିକ୍ରେତା ଅନ୍‌ଲାଇନ ହେଲା ପରେ ଯାହାଙ୍କ ନାମ ଆସିବ ତାଙ୍କୁ ସାର ଦିଆଯିବ ବୋଲି କହିବାରୁ ପୂର୍ବରୁ ଅପେକ୍ଷାରେ ରହିଥିବା ଚାଷୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଉକ୍ତ ଚାଷୀମାନେ ଏହାର ପ୍ରତିବାଦ କରି ତୁଷୁରା ନୂଆ ମାର୍କେଟ ଛକରେ ଘଣ୍ଟାଏ ଧରି ରାସ୍ତାରୋକୋ କରି ପ୍ରତିବାଦ କରିଥିଲେ। ସ୍ଥାନୀୟ ପୋଲିସ ଓ ବିକ୍ରେତା ଘଟଣାସ୍ଥଳକୁ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାସୁଝା କରିବା ସହ ସାର ମିଳିବାର ନିର୍ଭର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ, ଦେଓଗାଁ ବ୍ଲକରେ ରହିଥିବା କିଛି ପଞ୍ଜୀକୃତ ଫର୍ଟିଲାଇଜର ବିକ୍ରେତା ଆସୁଥିବା ସାରକୁ ଚଢ଼ା ଦରରେ ବାହାରେ ବିକ୍ରି କରୁଥିବାରୁ ବର୍ତ୍ତମାନ ଦେଓଗାଁ ବ୍ଲକରେ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି। ଫଳରେ ଏଠାକାର ଚାଷୀ ଅନ୍ୟ ବ୍ଲକ ଉପରେ ନିର୍ଭର କରୁଥିବା ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଚାଷୀଙ୍କୁ ନିଜ କୃଷି ସେବା ସମବାୟ ସମିତି କିମ୍ୱା ପଞ୍ଚାୟତସ୍ତରରେ କିପରି ଉଚିତ ସମୟରେ ସରକାରୀ ଧାର୍ଯ୍ୟମୂଲ୍ୟରେ ସାର ମିଳିବ ସେ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ସମଲେଶ୍ୱରୀ ଫର୍ଟିଲାଇଜର ଷ୍ଟୋରର ବିକ୍ରେତା ଅନିଲ ଜୈନଙ୍କ ମତାମତ ଲୋଡ଼ିବାରୁ ସେ କହିଲେ, ବିଭାଗ ତରଫରୁ ଲାଇସେନ୍ସପ୍ରାପ୍ତ ସମସ୍ତ ଡିଲର ସାର ଉଠାଇ ଧାର୍ଯ୍ୟଦରରେ ଚାଷୀଙ୍କୁ ସାର ଯୋଗାଇଲେ ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା। ଅନେକ ବିକ୍ରେତା ସରକାରୀ ନିୟମାନୁସାରେ କାର୍ଯ୍ୟ କରୁ ନ ଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି ବୋଲି କହିବା ସହ ଅଞ୍ଚଳରେ ୟୁରିଆ ସାରର ଅଭାବ ହେତୁ ଆମ ପାଖକୁ ଗୁଡଭେଲା, ଦେଓଗାଁ, ସଇଁନ୍ତଳା ତଥା ଆଖପାଖ ଅଞ୍ଚଳର ଚାଷୀମାନେ ଆସୁଥିବା ସେ କହିଛନ୍ତି। ଏ ନେଇ ଦେଓଗାଁ ବ୍ଲକ କୃଷି ଅଧିକାରୀ ବିପିନ ଉଦ୍‌ଗାତାଙ୍କୁ ପଚାରିବାରୁ ସେ କହିଲେ, ବ୍ଲକରେ ପାଖାପାଖି ୬୦ରୁ ଊର୍ଦ୍ଧ୍ୱ ଲାଇସେନ୍ସପ୍ରାପ୍ତ ସାର ବିକ୍ରେତା ରହିଛନ୍ତି। ଜିଲାରେ ୟୁରିଆ ସାରର ଅଭାବ ଥିବାରୁ କେବଳ ହୋଲସେଲର ସାର ପାଉଥିବା ବେଳେ ରିଟେଲରମାନେ ଠିକ୍ ସମୟରେ ସାର ଉଠାଇ ପାରୁ ନ ଥିବାରୁ ଅଞ୍ଚଳରେ ସାରର ଅଭାବ ପରିଲକ୍ଷିତ ହେଉଛି ବୋଲି ସେ କହିଥିଲେ।

### ବରଗଡ଼ ସ୍ଥିତି ସଙ୍ଗିନ

**ବରଗଡ଼ ଅଫିସ୍,୬।୯**

ବରଗଡ଼ ଜିଲାରେ କରୋନା ସଂକ୍ରମଣ ଥମିବା ନାଁ ନେଉନାହିଁ। ଅପରପକ୍ଷେ ଦିନକୁ ଦିନ ଜିଲାରେ ସଂକ୍ରମଣ ସ୍ଥିତି ସଙ୍ଗିନ ହୋଇ ପଡ଼ିଛି। ଜିଲାରେ ରାପିଡ୍ ଆଣ୍ଟିଜେନ ପରୀକ୍ଷା ଆରମ୍ଭ କରାଯିବା ପରେ ସଂକ୍ରମିତଙ୍କ ସଂଖ୍ୟା ବହୁଗୁଣିତ ହେବାରେ ଲାଗିଛି। ରବିବାର ଜିଲାରେ ୩୯୬ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛି। ସେମାନଙ୍କ ମଧ୍ୟରେ ବରଗଡ଼ ସବ୍‌ଜେଲ, ଜେଲ୍ କଲୋନୀ ସମେତ ଜିଲାର ବିଭିନ୍ନ ଗ୍ରାମ, ସହରର ଆକ୍ରାନ୍ତମାନେ ଅଛନ୍ତି। ଏହାପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୪୨୪ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୭୨୧ଜଣ ସୁସ୍ଥ ହୋଇ ଥିବାବେଳେ ୯ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟମାନେ ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ ହୋମ୍ ଆଇସୋଲେଶନରେ ଚିକିତ୍ସାଧୀନ ଅଛନ୍ତି।

### ଦୁର୍ଘଟଣାରେ ରେଲୱେ ଡ୍ରାଇଭରଙ୍କ ମୃତ୍ୟୁ

**ଟିଟିଲାଗଡ଼, ୬।୯ (ଡି.ଏନ.ଏ)**

ଟିଟିଲାଗଡ ବେଲଗାଁ ଜାତୀୟ ରାଜପଥ ନଂ.୫୯ରେ ଏକ ସଡକ ଦୁର୍ଘଟଣାରେ ଜଣେ ରେଲୱେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୈଳାସ ମହନ୍ତ (୫୦) ଏବଂ ସେ ସପରିବାର ଏଠାରେ ରହୁଥିଲେ ବୋଲି ଜଣାପଡିଛି। ରବିବାର ଅପରାହ୍ଣ ପ୍ରାୟ ସାଢେ ୪ଟା ସମୟରେ କୈଳାସ ଟିଟିଲାଗଡ ପଟକୁ ଏକ ବାଇକରେ ଆସୁଥିବା ବେଳେ ଜାତୀୟ ରାଜପଥର ଖାରଦେବନ୍ଧ ପାଖ ଏକ ବୁଲାଣିରେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ତାଙ୍କୁ ତୁରନ୍ତ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଟିଟିଲାଗଡ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।




ନବମ ଜନ୍ମଦିନ ଶୁଭେଚ୍ଛା

ଧାନୀ ସାହୁ
ସୁଦପଡା, ବଲାଙ୍ଗିର
ଆଜି ତୋର ଜନ୍ମଦିନରେ ଭଗବାନ ସୁଖ ଶାନ୍ତି ଓ ଦୀର୍ଘାୟୁ ଦିଅନ୍ତୁ। ମାଁ ସମଲେଶ୍ୱରୀଙ୍କଠାରେ ଏତିକି ଆମ ପ୍ରାର୍ଥନା। ଭବିଷ୍ୟତ ମଙ୍ଗଳମୟ ହେଉ।
-: ଶୁଭେଚ୍ଛା ସହ :-
ବାପା- ଜିନୁ ସାହୁ, ମାତା- ସଙ୍ଗିତା ସାହୁ, ମାମା ଓ ଶ୍ରୀ, ଦାଦା- ମେଘନାଦ ସାହୁ
ଧ-୬୯୮୦୬

ଜନ୍ମବାର୍ଷିକ ଶୁଭେଚ୍ଛା



(ସାଇ)
ଦେବାଂଶ
ପାଟପୁର ଶାସନ, ଖୋର୍ଦ୍ଧା
ତୋର ସ୍ୱନକ୍ଷେତ୍ରରେ ଦୀର୍ଘାୟୁ କାମନା କରି ଆମ୍ଭେମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୁଭେଚ୍ଛା ସହ:-
ନନା, ମାମା, ବାପା, ମା', ଅଜା, ଆଈ, ମାମୁ, ଦୀପୁ, ଇତୁ, ପାପୁ, ସ୍ୱାଗତ, କୁନମୁନ, ବନ୍ଧୁ ଓ ମିଶ୍ର ପରିବାରବର୍ଗ।
ଧ-୫୩୬୫୬

21th Birthday Wish
Barsharani Behera (Micky)
Kakatpur, Puri
May Goddess Maa Mangala bless you with much happiness, a long life, good health and fulfil all your dreams. We would like to wish you a very Happy Birthday.
-:Wishes By:-
Family and Relatives.
D-




ସିଲ୍ ହୋଇଥିବା କିଶୋରନଗର ବ୍ଲକର ଇଚ୍ଛାପୁର ଗ୍ରାମ।

### ଇଚ୍ଛାପୁର ଗ୍ରାମ ସିଲ୍

**ବଇଣ୍ଡା,୬।୯(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ କଣ୍ଟେଇକୁଲିଆ ପଞ୍ଚାୟତ ଇଚ୍ଛାପୁର ଗ୍ରାମକୁ ରବିବାର ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ସିଲ୍ କରାଯାଇଛି। କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇ ନ ଥିବା ବେଳେ ଗ୍ରାମକୁ ସଂଯୋଗ କରୁଥିବା ୪ଟି ରାସ୍ତାକୁ ପ୍ରଶାସନ ପକ୍ଷରୁ ବାଡ୍ ଦିଆଯାଇ ବନ୍ଦ କରାଯାଇଛି। ରବିବାର ଗ୍ରାମର କେତେଜଣଙ୍କଠାରେ କରୋନା ସଂକ୍ରମଣ ଚିହ୍ନଟ ହେବା ପରେ ଏହି ପଦକ୍ଷେପ ନିଆଯାଇଛି। ହିମିତିରା ରାଜସ୍ୱ ନିରୀକ୍ଷକ ଶିରିଶ କୁମାର ଧଳସାମନ୍ତ, ବଇଣ୍ଡା ରାଜସ୍ୱ ନିରୀକ୍ଷକ ବାମଦେବ ସାହୁ, କଣ୍ଟେଇକୁଲିଆ ପଞ୍ଚାୟତ ନିର୍ବାହୀ ଅଧିକାରୀ ମନ୍ତ୍ରରାମ ପ୍ରଧାନ, ଜିଆର୍ଏସ୍ ଜୟନ୍ତ କୁମାର ପ୍ରଧାନ, ହଣ୍ଡପା ଥାନା ସେକେଣ୍ଡ ଅଫିସର ସରୋଜ କୁମାର ଦାସ ପ୍ରମୁଖ ଗ୍ରାମକୁ ସିଲ୍ କରିଛନ୍ତି।

### ଜିରା ନଦୀରୁ ମୃତଦେହ ଉଦ୍ଧାର

**ବରଗଡ଼ ଅଫିସ୍,୬।୯**

ବରଗଡ଼ ସହର ଉପକଣ୍ଠ ଜୀରାନଦୀରୁ ରବିବାର ଏକ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ବରଗଡ଼ କେଶବନଗରର ସାର୍ତ୍ତିକ ପ୍ରଧାନ। ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି।

## ଗ୍ୟାସ୍ ନିଆଁରେ ପୋଡ଼ି ଗର୍ଭବତୀଙ୍କ ମୃତ୍ୟୁ

**ଢେଙ୍କାନାଳ ଅଫିସ,୬।୯**

### ଅଭିଯୋଗ ପରେ ହତ୍ୟା ମାମଲା

ଢେଙ୍କାନାଳ ସହରସ୍ଥିତ ଜୟଗୋପାଳ ସାହିରେ ରବିବାର ଘଟିଛି ଦୁର୍ଘଟଣା। ମଧ୍ୟାହ୍ନ ପ୍ରାୟ ୧୨ଟାରେ ରନ୍ଧନ ଗ୍ୟାସ୍ ଲିକ୍ ଯୋଗୁ ନିଆଁ ଲାଗି ଗର୍ଭବତୀ ବିଦୁଲତା ଦେହୁରୀ(୨୨)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଗଁଦିଆ ଥାନା ସନ୍ଥପୁର ଗ୍ରାମର ମଙ୍ଗୁଲୁ ଦେହୁରୀଙ୍କ ଝିଅ ବିଦୁଲତା ଗତ ଡିସେମ୍ବରରେ ଜୟଗୋପାଳ ସାହିର ମୁକେଶ ଦଳେଇଙ୍କୁ ବିବାହ କରିଥିଲେ। ସେ ୫ ମାସର ଗର୍ଭବତୀ ଥିଲେ ବୋଲି ତାଙ୍କ ପରିବାର ସୂତ୍ରରୁ ଜଣାପଡିଛି। ଖବରପାଇ ଅଗ୍ନିଶମ ସେବା ସଂସ୍ଥା ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ କରିଥିଲେ। ଟାଉନ ଥାନା ପୋଲିସ ସାଇଣ୍ଟିଫିକ ଦଳ ସହ ପହଞ୍ଚି ତଦନ୍ତ କରିଛି। ତେବେ ମୃତ ବିଦୁଲତାଙ୍କ ବାପା ମଙ୍ଗୁଲୁ ତାଙ୍କ ଝିଅଙ୍କୁ ଶାଶୁଘର ଲୋକେ କିରୋସିନ ଓ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି ବୋଲି ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୩୬୨/୨୦ରେ ଏକ ହତ୍ୟା ମାମଲା ରୁଜୁ କରିଛି।




ଘର ସମ୍ମୁଖରେ ଲୋକଙ୍କ ଗହଳି।

## ନନ୍ଦିନୀ ଦେବୀଙ୍କ ନାମରେ ନାମିତ ହେବ ବିଦ୍ୟାଳୟ

**ଢେଙ୍କାନାଳ ଅଫିସ,୫।୯**

### କାର୍ଯ୍ୟନିର୍ବାହୀ ବୈଠକରେ ନିଷ୍ପତ୍ତି

ଢେଙ୍କାନାଳ ସହର କଣ୍ଟାନାଳୀ ବାଇପାସ୍ ଛକ ନିକଟରେ ଥିବା ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀଙ୍କ ନାମରେ ନାମିତ କରାଯିବା ପାଇଁ ରବିବାର ଅକ୍ଷମ କଲ୍ୟାଣ ସମିତିର ପ୍ରଥମ କାର୍ଯ୍ୟନିର୍ବାହୀ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିନିମନ୍ତେ ଆବଶ୍ୟକ ସରକାରୀ ଅନୁମୋଦନ ପରେ ବିଦ୍ୟାଳୟ ସମ୍ମୁଖ ଫାଟକରେ ଏକ ତୋରଣ ନିର୍ମାଣ କରାଯାଇ ସେଥିରେ ନନ୍ଦିନୀ ଦେବୀ ଦୃଷ୍ଟି ବାଧିତ ଓ ବଧିର ବିଦ୍ୟାଳୟ ବୋଲି ଉଲ୍ଲେଖ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ସେହିପରି ବିଦ୍ୟାଳୟ ପରିସରରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଅକ୍ଷମ କଲ୍ୟାଣ ସମିତି କାର୍ଯ୍ୟାଳୟକୁ ନବୀକରଣ କରାଯିବ। ପରିସରରେ ଥିବା ପୁଷ୍କରଣୀରେ ମାଛଚାଷ କରାଯିବା ସହ ବିଦ୍ୟାଳୟରେ ଏକ ପରିବେଶ କ୍ଲବ ଖୋଲିବା ପାଇଁ ପ୍ରସ୍ତାବ ବୈଠକରେ ଅନୁମୋଦିତ ହୋଇଥିଲା। ବିଦ୍ୟାଳୟରେ ୫୩ ଜଣ ଦୃଷ୍ଟିହୀନ ଏବଂ ୭୩ ଜଣ ବଧିର ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସମିତି ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବିଶ୍ୱନାଥ ବେହେରା, ଉପସଭାପତି ପୂର୍ଣ୍ଣିମାଚାନ୍ଦ ସାହୁ, ସହ ସମ୍ପାଦକ ମଳୟ ପଟ୍ଟନାୟକ, କୋଷାଧ୍ୟକ୍ଷ ମଳୟ ପାଣିଗ୍ରାହୀ, କାର୍ଯ୍ୟକାରିଣୀ ସଭ୍ୟ ଶରତ ସାହୁ, ପଦ୍ମଲୋଚନ ମହାପାତ୍ର, କୃଷ୍ଣଚନ୍ଦ୍ର ଦ୍ୱିବେଦୀ ଓ ଦୃଷ୍ଟିହୀନ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ ବେହେରା, ବଧିର ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ କୁମାର ନାଥ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବନ୍ୟା ସ୍ଥିତି ପରଖିଲେ ନରସିଂହ



ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ ପରେ ବିଧାୟକ ନରସିଂହ ମିଶ୍ର ସୂଚନା ଦେଉଛନ୍ତି।

**ସୋନପୁର,୬।୯(ନି.ପ୍ର.)**

କଂଗ୍ରେସ ବିଧାୟକ ଦଳ ନେତା ତଥା ପିସିସି ବନ୍ୟାଞ୍ଚଳ ଅନୁଧ୍ୟାନ କମିଟି ଅଧ୍ୟକ୍ଷ ନରସିଂହ ମିଶ୍ର ରବିବାର ସୁବର୍ଣ୍ଣପୁର ଜିଲାର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ସେ କଂଗ୍ରେସ ଦଳର ଜିଲାସ୍ତରୀୟ ନେତୃବୃନ୍ଦଙ୍କ ସହିତ ବୀରମହାରାଜପୁର ଉପଖଣ୍ଡର ହିକୁଡି, ମୁଣ୍ଡୋଘାଟ, ବିଜେପୁର, ବଡ଼ିଲା, ଦଶରାଜପୁର, ନିମ୍ନା, ତେଲଣ୍ଡା ଓ ମାନମାଲ ଗାଁର ରାସ୍ତାଘାଟ, ଘରଦ୍ୱାର ଓ ଚାଷଜମି ବୁଲି ଦେଖିଥିଲେ। ଏହି ଅବସରରେ କ୍ଷତିଗ୍ରସ୍ତ ଚାଷୀ ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଲଘୁଚାପ ଜନିତ ଲଗାଣ ବର୍ଷା ଓ ହୀରାକୁଦ ଜଳଭଣ୍ଡାରର ଗେଟ୍ ଖୋଲିବା ଦ୍ୱାରା ମହାନଦୀ କୂଳରେ ଥିବା ଏହି ଗାଁ ଗୁଡିକର ବହୁ କ୍ଷତି ହୋଇଛି। ବ୍ୟାପକ ଚାଷଜମିର ଫସଲ ନଷ୍ଟ ହୋଇଥିବା ବେଳେ କଚ୍ଚା ଘର ସବୁ ଭାଙ୍ଗିଛି। ଅପରାହ୍ନରେ ବିଧାୟକ ମିଶ୍ର ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀଙ୍କ ସହିତ ଆଲୋଚନା କରି ବନ୍ୟା ସ୍ଥିତି, କ୍ଷୟକ୍ଷତି ଓ ବିପନ୍ନଙ୍କୁ ସରକାରୀ ସହାୟତା ମିଳିଛି କି ନାହିଁ ପଚାରି ବୁଝିଥିଲେ। ସନ୍ଧ୍ୟାରେ ସୋନପୁର ସର୍କିଟ୍ ହାଉସଠାରେ ଏକ ଖବରଦାତା ସମ୍ମିଳନୀରେ ମିଶ୍ର ବନ୍ୟା ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମୟରେ ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ବରିଷ୍ଠ ନେତା ଗୌରୀଶ୍ୟାମ ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, ପ୍ରିୟବ୍ରତ ସାହୁ, ପ୍ରତାପ ଦେହୁରୀ ଓ ରାଜେଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଉପଜିଲାପାଳଙ୍କୁ ନୋଟିସ

**ବଲାଙ୍ଗୀର ଅଫିସ, ୬।୯**

### ଅଫିସ ଭିତରେ ମହିଳାଙ୍କୁ ଅସଦାଚରଣ ଘଟଣା

ଅଫିସ ଭିତରେ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ ପରେ ରାଜ୍ୟ ସରକାର ଶୁକ୍ରବାର ବଲାଙ୍ଗୀର ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କୁ ନିଲମ୍ବିତ କରିଥିଲେ। ଶନିବାର ଜିଲାସ୍ତରୀୟ ଲୋକାଲ କମ୍ପ୍ଲେନ କମିଟି ତରଫରୁ ଉପଜିଲାପାଳ ମିଶ୍ରଙ୍କୁ ନୋଟିସ ଜାରି କରାଯାଇଛି। ଉକ୍ତ ନୋଟିସକୁ ଉପଜିଲାପାଳ ଗ୍ରହଣ ମଧ୍ୟ କରିଛନ୍ତି। ନୋଟିସ ଗ୍ରହଣ କରିବାର ୭ ଦିନ ମଧ୍ୟରେ ଉପଜିଲାପାଳ ମିଶ୍ର ଓ ପୀଡିତା ମହିଳା କର୍ମଚାରୀ ଲୋକାଲ କମ୍ପ୍ଲେନ କମିଟି ସମ୍ମୁଖରେ ସେମାନଙ୍କ ପକ୍ଷ ରଖିବେ ବୋଲି କମିଟି ସଦସ୍ୟା ତଥା ଡେପୁଟି କଲେକ୍ଟର ସୁଚିତା ପୁଷ୍ପା ସୂଚନା ଦେଇଛନ୍ତି। ଗତ ଅଗଷ୍ଟ ୧୪ ତାରିଖ ଦିନ ଉପଜିଲାପାଳଙ୍କ ଅଫିସ ଭିତରେ ଜଣେ ମହିଳା କର୍ମଚାରୀଙ୍କୁ ଉପଜିଲାପାଳ ମିଶ୍ର ଅସଦାଚରଣ କରିଥିବା ନେଇ ସମ୍ପୃକ୍ତା ମହିଳା କର୍ମଚାରୀ ଜଣକ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ସେହି ଅଫିସରୁ ଅନ୍ୟ ଏକ ଅଫିସକୁ ବଦଳି କରାଯାଇଥିଲା। ଜିଲାପାଳ ଡାକୁଆ ପୀଡିତା ମହିଳା କର୍ମଚାରୀଙ୍କ ଅଭିଯୋଗର ତଦନ୍ତ କରିବା ପାଇଁ ତିନିଜଣିଆ ଜିଲାସ୍ତରୀୟ ଲୋକାଲ କମ୍ପ୍ଲେନ୍ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଶନିବାର ଉପଜିଲାପାଳଙ୍କ ସର୍କିଟ ହାଉସ ପରିସରସ୍ଥ ବାସଭବନକୁ କିଛି ମହିଳା କର୍ମଚାରୀ ଓ ଜିଲାପାଳ ଅଫିସର କିଛି କର୍ମଚାରୀ ଯାଇଥିବା ଜଣାପଡିଥିଲା। ଏହି ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ ସେଠାରେ ପହଞ୍ଚିବା ପରେ କର୍ମଚାରୀଙ୍କ ମଧ୍ୟରୁ କେତେଜଣ ସର୍କିଟ ହାଉସ ପଛପଟ ବାଡ ଡେଇଁ ଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପଟେ ଉପଜିଲାପାଳଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଅଭିଯୋଗ ଅଣାଯାଇଛି। ତାଙ୍କ ନିଲମ୍ବନର ପୁନର୍ବିଚାର କରିବାକୁ କିଛି ଲୋକ ଦାବି କରିଛନ୍ତି।


ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ



ଁ ଭବାନୀ ବନିକ
ଆବିର୍ଭାବ: ୨୦.୦୧.୧୯୩୩
ତିରୋଧାନ: ୨୬.୮.୨୦୨୦
ଡେର୍ଲି ମାର୍କେଟ, ବୁର୍ଲା
ଜିଲ୍ଲା- ସମ୍ବଲପୁର
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁଁ।
-:ଶୋକସନ୍ତପ୍ତ:-
ସୁନିତା ବନିକ, ସୁଜିତ ବନିକ, ନିପା ବନିକ, ତୁମକି, ଅଜିତ, ଅଙ୍କନ, ପୁକୁ, ଭିକି, ରଶ୍ମିତା, ଟିଙ୍କି, ରବି, ଜୟ, ରିଷଭ, ସମସ୍ତ ବନ୍ଧୁ ଓ ପରିବାର ବର୍ଗ
ଧ-୬୯୮୦୫

# ଅଜୀର୍ଣ୍ଣ ସମସ୍ୟାର ଘରୋଇ ଉପଚାର

**ବିଭିନ୍ନ ପ୍ରକାର ଖାଦ୍ୟ ଆବଶ୍ୟକତା ଠାରୁ ଅଧିକ ପରିମାଣରେ ଖାଇଲେ, ଖାଇବା ଅନୁସାରେ ପାଣି ନ ପିଇଲେ, ଅଜୀର୍ଣ୍ଣ ସମସ୍ୟା ଦେଖାଦେଇଥାଏ। ଏପରି କେତେକ ଘରୋଇ ଉପଚାର ରହିଛି ଯାହାକୁ ଆପଣ ଅନୁସରଣ କରିପାରନ୍ତି...**



- ଏପରି କେତେକ ଖାଦ୍ୟ ରହିଛି ଯାହା ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି କରିଥାଏ। ତେବେ ସେପରି ଖାଦ୍ୟଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ବିଶେଷଭାବରେ ଗୁରୁପାକ ଖାଦ୍ୟ, ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଖାଦ୍ୟପେୟର ଟାଇମଟେବୁଲ ପ୍ରସ୍ତୁତ କରନ୍ତୁ। ଏକାଥରେ ପୁଳାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।
- ଅଧିକ ସମୟ ଖାଲି ପେଟରେ ରୁହନ୍ତୁ ନାହିଁ। ଠିକ୍ ସମୟରେ ଯେତିକି ଖାଇବା କଥା ସେତିକି ଖାଆନ୍ତୁ।
- ବିଳମ୍ବିତ ସମୟରେ ରାତ୍ରଭୋଜନ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ଖାଦ୍ୟ ସଠିକ ଭାବରେ ହଜମ ହୋଇ ନ ଥାଏ।
- ରାତିରେ ଶୋଇବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କରନ୍ତୁ। ଏଥିରେ ଏପରି ଖାଦ୍ୟ ଖାଆନ୍ତୁ, ଯାହା ସହଜରେ ହଜମ ହୋଇ ପାରୁଥିବ।
- ତରତର ହୋଇ ଖାଆନ୍ତୁ ନାହିଁ। ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଆନ୍ତୁ।
- ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜର ଓଜନକୁ ସବୁବେଳେ ସନ୍ତୁଳିତ ରଖନ୍ତୁ।

# ହସ୍ତାକ୍ଷରକୁ ଅନୁକରଣ କରିବ ସଫ୍ଟୱେର



**କୌ**ଣସି ବ୍ୟକ୍ତିଙ୍କର ହସ୍ତାକ୍ଷରକୁ ଅନୁକରଣ କରି ତାହାର ଅବିକଳ ନକଲ କରିହେବ। ନିକଟରେ ଏପରି ଏକ ସଫ୍ଟୱେର ବିକଶିତ ହୋଇଛି। ୟୁନିଭର୍ସିଟି କଲେଜ ଅଫ ଲଣ୍ଡନର ବିଶେଷଜ୍ଞମାନେ ଏଭଳି ପ୍ରୟାସ କରି ସଫଳ ହୋଇଛନ୍ତି। ପ୍ରତ୍ୟେକ ବ୍ୟକ୍ତିର ହାତଲେଖାରେ ଭିନ୍ନତା ରହିଛି। ସେଥିପାଇଁ ଜଣେ ବ୍ୟକ୍ତିର ହସ୍ତାକ୍ଷର ହିଁ ତାକୁ ଚିହ୍ନାଇବାରେ ସାହାଯ୍ୟ କରିଥାଏ। ତେବେ ନୂତନ ଭାବରେ ବିକଶିତ ହୋଇଥିବା ସଫ୍ଟୱେର ଜଣେ ବ୍ୟକ୍ତିର ଅକ୍ଷର ଶୈଳୀକୁ ଅନୁଧ୍ୟାନ କରି ପୁଣି ଥରେ ଅବିକଳ ଭାବରେ ସେହିପରି ଲେଖିପାରିବ। କେବଳ ସେତିକି ନୁହେଁ, ଏଭଳି ପ୍ରଣାଳୀ ଦ୍ୱାରା ଐତିହାସିକ ଲେଖାର ନମୁନାକୁ ଅବିକଳ ନକଲ କରାଯାଇପାରିବ ବୋଲି ଏହି ସଫ୍ଟୱେରର ପ୍ରସ୍ତୁତକାରୀ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# କରୋନାଜନିତ ଜଳ ପରିଚାଳନା



ଡ. ମାନସ ରଞ୍ଜନ ସେନାପତି

**"୨୦୫୦ ମସିହା ସୁଦ୍ଧା ପୃଥିବୀର ଜନସଂଖ୍ୟା ପ୍ରାୟ ୯୦୦ କୋଟିକୁ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଏ। ପୃଥିବୀରେ ଗଚ୍ଛିତ ଥିବା ଜଳର ୯୭ ପ୍ରତିଶତ ଜଳ ଲୁଣି ଜଳ ଏବଂ କେବଳ ୩ ପ୍ରତିଶତ ଜଳ ମଧୁର ଜଳ। ମଧୁର ଜଳ ମୁଖ୍ୟତଃ ଭୂତଳ ଜଳ ଭାବରେ ମିଳିଥାଏ। ଭୂମି ଉପରେ କିମ୍ବା ବାୟୁମଣ୍ଡଳରେ ଏକ ଛୋଟ ଭଗ୍ନାଂଶ ଉପସ୍ଥିତ ଥାଏ। କୋଭିଡ୍-୧୯ ମହାମାରୀ ଜଳର ମୂଲ୍ୟ ଏବଂ ମାନବ ସ୍ୱାସ୍ଥ୍ୟ ସହିତ ଏହାର ସଂଯୋଗକୁ ସୂଚିତ କରିଚି, କିନ୍ତୁ ସମସ୍ତଙ୍କ ପାଇଁ ଆଗାମୀ ଦିନରେ ନିରାପଦ ତଥା ସୁଲଭ ଜଳ ଏବଂ ପରିମଳର ଆହ୍ୱାନ ସୃଷ୍ଟି କରିଛି।"**



ପ୍ରାୟ ପଚାଶ ବର୍ଷ ପୂର୍ବେ ଏହା ଏକ ସାଧାରଣ ଧାରଣା ଥିଲା ଯେ ଜଳ ଏକ ଅସୀମ ଉତ୍ସ। ସେତେବେଳେ ପୃଥିବୀରେ ବର୍ତ୍ତମାନର ଜନସଂଖ୍ୟାର ଅଧାରୁ କମ୍ ଲୋକ ଥିଲେ। ଲୋକମାନେ ଆଜି ପରି ଧନୀ ନ ଥିଲେ ଏବଂ ଅଳ୍ପ ପରିମାଣର ମାଂସ ଖାଉଥିଲେ। ତେଣୁ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଅପେକ୍ଷାକୃତ କମ୍ ଜଳ ଆବଶ୍ୟକତା ହେଉଥିଲା। ଭବିଷ୍ୟତରେ ଖାଦ୍ୟ ପ୍ରସ୍ତୁତି ପାଇଁ ଆହୁରି ଅଧିକ ଜଳ ଆବଶ୍ୟକ ହେବ କାରଣ ୨୦୫୦ ମସିହା ସୁଦ୍ଧା ପୃଥିବୀର ଜନସଂଖ୍ୟା ପ୍ରାୟ ୯୦୦ କୋଟିକୁ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଏ। ପୃଥିବୀରେ ଗଚ୍ଛିତ ଥିବା ଜଳର ୯୭ ପ୍ରତିଶତ ଜଳ ଲୁଣି ଜଳ ଏବଂ କେବଳ ୩ ପ୍ରତିଶତ ଜଳ ମଧୁର ଜଳ। ମଧୁର ଜଳ ମୁଖ୍ୟତଃ ଭୂତଳ ଜଳ ଭାବରେ ମିଳିଥାଏ। ଭୂମି ଉପରେ କିମ୍ବା ବାୟୁମଣ୍ଡଳରେ ଏକ ଛୋଟ ଭଗ୍ନାଂଶ ଉପସ୍ଥିତ ଥାଏ। କୋଭିଡ୍-୧୯ ମହାମାରୀ ଜଳର ମୂଲ୍ୟ ଏବଂ ମାନବ ସ୍ୱାସ୍ଥ୍ୟ ସହିତ ଏହାର ସଂଯୋଗକୁ ସୂଚିତ କରିଚି, କିନ୍ତୁ ସମସ୍ତଙ୍କ ପାଇଁ ଆଗାମୀ ଦିନରେ ନିରାପଦ ତଥା ସୁଲଭ ଜଳ ଏବଂ ପରିମଳର ଆହ୍ୱାନ ସୃଷ୍ଟି କରିଛି।

କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ ପ୍ରତିକାର ସ୍ୱରୂପ ସାବୁନ, ହ୍ୟାଣ୍ଡୱାଶ ଏବଂ ପାଣିରେ ବାରମ୍ବାର ହାତ ଧୋଇବାକୁ ପରାମର୍ଶ ଦିଆଯାଇଛି, ଯାହା ଆମର ଜଳର ଆବଶ୍ୟକତାକୁ ବହୁଗୁଣିତ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ୱାର୍ଲ୍ଡ ହେଲ୍ଥ ଅର୍ଗାନାଇଜେଶନ) ଅନୁସାରେ ଏକ ଠିକ ହାତ ଧୋଇବାରେ ଅତିକମ୍‌ରେ ୨୦ ସେକେଣ୍ଡ ପାଇଁ ହାତ ପାପୁଲିର ଉଭୟ ପାର୍ଶ୍ୱ ସାବୁନ ଫେଣ କରି ଘଷିବାକୁ ପଡିବ। ଏକ ଖୋଲା ପାଣି ଟ୍ୟାପ୍ ପ୍ରତି ମିନିଟ୍‌ରେ ୬ ଲିଟର ପାଣି ବ୍ୟବହାର କରେ । ଏହି ହିସାବରେ ପାଞ୍ଚ ଜଣ ସଦସ୍ୟ ଥିବା ଏକ ପରିବାର ଦିନକୁ ୧୦ ଥର ହାତ ଧୁଆ ପାଇଁ ୧୦୦-୨୦୦ଲିଟର ପାଣି ଦରକାର କରିଥାଆନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଏହାର ଆବଶ୍ୟକତା ଅଛି ମାତ୍ର ଭବିଷ୍ୟତର ଜଳ ସଙ୍କଟକୁ ମଧ୍ୟ ଧ୍ୟାନ ଦେବାକୁ ପଡିବ। କୋଭିଡ୍-୧୯ ରୋଗୀଙ୍କ ଚିକିତ୍ସା ପାଇଁ ଔଷଧର ବ୍ୟବହାରର ଅକସ୍ମାତ ବୃଦ୍ଧି ଜଳ ପ୍ରଦୂଷଣର ଅନ୍ୟ ଏକ କାରଣ। ଜଳସ୍ରୋତରେ ଅନେକ ଔଷଧର ଅଂଶ ଥିବା ଗବେଷଣାରୁ ଜଣାପଡେ। ଜନ୍ମ ନିୟନ୍ତ୍ରଣ ବଟିକାରେ ଥିବା ଏଷ୍ଟ୍ରୋଜେନ୍ ପାଣିରେ କ୍ରମଶଃ ବୃଦ୍ଧି ପାଇ ମାଛର ଲିଙ୍ଗ ପରିବର୍ତ୍ତନ କରିଥାଏ। ବର୍ତ୍ତମାନ କରୋନା ଭୂତାଣୁକୁ ନଷ୍ଟ କରିବା ପାଇଁ ଆମେ ଅନେକ ବିଶୋଧକ ପ୍ରୟୋଗ କରୁଛେ। ଏହି ବିଶୋଧକ କେବଳ ଯେ କ୍ଷତିକାରକ ଅଣୁଜୀବମାନଙ୍କୁ ନଷ୍ଟ କରନ୍ତି ତା' ନୁହେଁ, ବରଂ ଉପଯୋଗୀ ଅଣୁଜୀବମାନଙ୍କୁ ତଥା ମନୁଷ୍ୟକୁ ମଧ୍ୟ କ୍ଷତି ପହଞ୍ଚାଇପାରନ୍ତି। ଫର୍ମାଲଡିହାଇଡ୍ ଏକ ବିଶୋଧକ, ଯାହାକି କର୍କଟ (କ୍ୟାନସର) ରୋଗର କାରଣ ହୋଇପାରେ। ଅତ୍ୟଧିକ ବାୟୋସାଇଡ୍ ବ୍ୟବହାର ପ୍ରାକୃତିକ ପରିବେଶ ଉପରେ



ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇପାରେ। ଏଗୁଡିର ଅବଶିଷ୍ଟାଂଶ ଜଳ ପ୍ରଦୂଷଣର କାରଣ ହୋଇ କ୍ରମଶଃ ଖାଦ୍ୟ ଶୃଙ୍ଖଳକୁ ପ୍ରଭାବିତ କରିପାରେ।

ଲକ୍ଷ ଲକ୍ଷ ଗ୍ଲୋଭସ, ମାସ୍କ ଏବଂ ଅନ୍ୟାନ୍ୟ ପ୍ରକାର ପିଇପି (ପର୍ସନାଲ ପ୍ରୋଟେକ୍ଟିଭ ଇକ୍ୱିପମେଣ୍ଟସ)ଗୁଡିକ ମାରାତ୍ମକ କରୋନା ଭୂତାଣୁରୁ ନିଜକୁ ରକ୍ଷା କରିବା ପାଇଁ ବ୍ୟବହୃତ ହେଉଥିବା ପରିଲକ୍ଷିତ ହୁଏ। ଏଗୁଡିକ ବ୍ୟବହାର ପରେ ଫୋପାଡି ଦିଆଯାଉଛି, ଯାହାକି ଆମର ପ୍ଲାଷ୍ଟିକ ଫୁଟ୍‌ପ୍ରିଣ୍ଟକୁ ଆକସ୍ମିକ ଭାବେ ବଢ଼ାଇ ଦେଇଛି। ଏହି ବର୍ଜ୍ୟବସ୍ତୁଗୁଡିକ ମଧ୍ୟରୁ ଅଧିକାଂଶରେ ପ୍ଲାଷ୍ଟିକ ଏକ ଉପାଦାନ ଭାବରେ ଥାଏ। ଏହି ବର୍ଜ୍ୟବସ୍ତୁଗୁଡିକ ଏଣେତେଣେ ପଡି ରହିବା ଦ୍ୱାରା ବୁଲା ଜୀବଜନ୍ତୁମାନେ ଗିଳି ପକାଇଥାଆନ୍ତି ଏବଂ ମୃତ୍ୟୁମୁଖରେ ପଡିବାର ମଧ୍ୟ ଯଥେଷ୍ଟ ଆଶଙ୍କା ରହିଛି। ଏକ ଅଧ୍ୟୟନରୁ ଜଣାପଡିଛି ଯେ କେବଳ ବ୍ରିଟେନ୍‌ରେ ଯଦି ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ବର୍ଷ ପାଇଁ ଗୋଟିଏ ଥର ଫେସ ମାସ୍କ ବ୍ୟବହାର କରନ୍ତି, ଏହା ଅତିରିକ୍ତ ୬୬,୦୦୦ ଟନ୍ ଦୂଷିତ ବର୍ଜବସ୍ତୁ ସୃଷ୍ଟି କରିଥାଏ। କ୍ରମେ ଏଗୁଡିକ ଯେପରି କି ମାସ୍କ, ଗ୍ଲୋଭସ, ସାନିଟାଇଜର ବୋତଲ ସମୁଦ୍ର ଜଳରେ ଯାଇ ମିଶିଲାଣି। ଅନୁସନ୍ଧାନରୁ ଜଣାଯାଏ ଯେ ଆମେ ଗୋଟିଏ ସପ୍ତାହରେ ଏକ ପ୍ଲାଷ୍ଟିକ ଖାଇଥାଉ। ସମୁଦ୍ର ଜଳଚର ଜୀବମାନେ କଇଁଚ ଇତ୍ୟାଦିକୁ ଜେଲି ଫିସ୍ ଭାବି ଏଗୁଡିକୁ ଗିଳି ପକାଇଥାଆନ୍ତି ଏବଂ ଏଥିପାଇଁ ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ଏହି ସମସ୍ତ ବର୍ଜ୍ୟବସ୍ତୁର ନିରାପଦ ନିଷ୍କାସନର ଆବଶ୍ୟକତା ରହିଛି।

*-ଡିନ୍, ବୈଜ୍ଞାନିକ, ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ*
*ମୋ : ୯୪୩୭୨୩୭୭୯୭*

**"ମଙ୍ଗଳ ନିଜ ଅକ୍ଷ ଚାରିପଟେ ଥରେ ଘୂରି ଆସିବା ପାଇଁ ୨୪ ଘଣ୍ଟା ୩୯ ମିନିଟ୍ ୩୫ ସେକେଣ୍ଡ ସମୟ ନେଇଥାଏ, ଯାହା ପୃଥିବୀର ଦୈନିକ ଘୂର୍ଣ୍ଣନକାଳ ସଙ୍ଗେ ପ୍ରାୟ ସମାନ। ଫଳରେ ମଙ୍ଗଳରେ ପ୍ରତି ୧୨ ଘଣ୍ଟା ଅନ୍ତରାଳରେ ଦିନ ଓ ରାତିର ପରିବର୍ତ୍ତନ ଘଟିଥାଏ। ମଙ୍ଗଳର ପୃଥିବୀ ଭଳି ଏକ ବାୟୁମଣ୍ଡଳ ଅଛି, ଯାହା ବିଭିନ୍ନ ଗ୍ୟାସ୍‌ର ମିଶ୍ରଣ; ଅବଶ୍ୟ ଏହି ବାୟୁମଣ୍ଡଳ ଅତି ପତଳା। ପୃଥିବୀ ଭଳି ମଙ୍ଗଳର ଦୁଇ ମେରୁରେ ପ୍ରଚୁର ଜଳ ବରଫ ଆକାରରେ ଗଚ୍ଛିତ ଅଛି।"**

# ଲାଲ୍ ରାଇଜ



ନିକୁଞ୍ଜ ବିହାରୀ ସାହୁ

ଲୋହିତ ଗ୍ରହ ମଙ୍ଗଳ ଜଳ ଓ ଜୀବନର ଉପସ୍ଥିତି ଦୃଷ୍ଟିରୁ ମଣିଷ ପାଇଁ ସର୍ବଦା ଏକ ରହସ୍ୟ, ରୋମାଞ୍ଚଘେରା ରାଇଜ ହୋଇ ରହିଆସିଛି। ପୃଥିବୀ ସହିତ ଏହି ଗ୍ରହର ଅନେକ ସାମଞ୍ଜସ୍ୟ ରହିଛି। ପୃଥିବୀ ସଦୃଶ ଏହି ଗ୍ରହର ଅକ୍ଷ ୨୩.୫ ଡିଗ୍ରୀ କୋଣରେ ଢଳି କରି ରହିଛି। ଫଳରେ ଆମ ଗ୍ରହ ଭଳି ମଧ୍ୟ ଏଠାରେ ଋତୁଚକ୍ରର ମଧୁର ରାସଲୀଳା ଦେଖିବାକୁ ମିଳେ। ମଙ୍ଗଳ ନିଜ ଅକ୍ଷ ଚାରିପଟେ ଥରେ ଘୂରି ଆସିବା ପାଇଁ ୨୪ ଘଣ୍ଟା ୩୯ ମିନିଟ୍ ୩୫ ସେକେଣ୍ଡ ସମୟ ନେଇଥାଏ, ଯାହା ପୃଥିବୀର ଦୈନିକ ଘୂର୍ଣ୍ଣନକାଳ ସଙ୍ଗେ ପ୍ରାୟ ସମାନ। ଫଳରେ ମଙ୍ଗଳରେ ପ୍ରତି ୧୨ ଘଣ୍ଟା ଅନ୍ତରାଳରେ ଦିନ ଓ ରାତିର




ପରିବର୍ତ୍ତନ ଘଟିଥାଏ। ମଙ୍ଗଳର ପୃଥିବୀ ଭଳି ଏକ ବାୟୁମଣ୍ଡଳ ଅଛି ଯାହା ବିଭିନ୍ନ ଗ୍ୟାସ୍‌ର ମିଶ୍ରଣ ; ଅବଶ୍ୟ ଏହି ବାୟୁମଣ୍ଡଳ ଅତି ପତଳା। ପୃଥିବୀ ଭଳି ମଙ୍ଗଳର ଦୁଇ ମେରୁରେ ପ୍ରଚୁର ଜଳ ବରଫ ଆକାରରେ ଗଚ୍ଛିତ ଅଛି।

ମଙ୍ଗଳର ଦୁଇଟି ଛୋଟ ଚନ୍ଦ୍ର ରହିଛି ଯଥା ଡିମସ୍ ଓ ଫୋବସ୍। ଏ ପର୍ଯ୍ୟନ୍ତ ମନୁଷ୍ୟ ମଙ୍ଗଳ ଗ୍ରହକୁ ସମୁଦାୟ ୧୮ଟି ଅନ୍ତରୀକ୍ଷ ଅଭିଯାନ ପ୍ରେରଣ କରିଛି, ଯାହାମଧ୍ୟରୁ କେବଳ ୯ଟି ଅଭିଯାନ ସୁରକ୍ଷିତ ରୂପେ ଗ୍ରହର ପୃଷ୍ଠ ଉପରେ ଅବତରଣ କରିଛି। ଆଜିଯାଏ କୌଣସି ଦେଶ ମଙ୍ଗଳ ଗ୍ରହକୁ ମାନବ ରହିଥିବା ଅଭିଯାନ ପ୍ରେରଣ କରିବା ପାଇଁ ସକ୍ଷମ ହୋଇନାହିଁ। ଆଗାମୀ ୨୦୩୦ ମସିହା ସୁଦ୍ଧା ଆମେରିକୀୟ ଅନ୍ତରୀକ୍ଷ ସଂସ୍ଥା ନାସା ମଙ୍ଗଳକୁ ଏକ ମାନବସ୍ଥିତ ଅଭିଯାନ ପ୍ରେରଣ କରିବା ପାଇଁ ଆଶା ବାନ୍ଧିଛି। ସେହିପରି, ଜାପାନ୍‌ର ଅନ୍ତରୀକ୍ଷ ସଂସ୍ଥା ଜାପାନ୍ ଏରୋସ୍ପେସ୍ ଏକ୍ସପ୍ଲୋରେସନ୍ ଏଜେନ୍ସି ମଙ୍ଗଳର ଦୁଇ ଚନ୍ଦ୍ରକୁ ଏକ ଅଭିଯାନ ପ୍ରେରଣ କରିବାକୁ ଯୋଜନା କରିଛି। ଏହି ଅଭିଯାନର ନାମ ମାର୍ସ ମୁନ୍‌ସ ଏକ୍ସପ୍ଲୋରେସନ (ଏମ୍‌ଏମ୍‌ଏକ୍ସ), ଯାହା ଫୋବସ୍‌ର ପୃଷ୍ଠରେ ଅବତରଣ କରି ସେଠାରୁ କିଛି ମୃତ୍ତିକା ଓ ନମୁନା ସଂଗ୍ରହ ପୂର୍ବକ ପୃଥିବୀକୁ ୨୦୨୯ ମସିହାରେ ଫେରିଆସିବ। ନାସାର ଯୋଜନା ଅନୁଯାୟୀ, ମଙ୍ଗଳକୁ ମାନବଯୁକ୍ତ ଅଭିଯାନ ଚାରି ପର୍ଯ୍ୟାୟ ବିଶିଷ୍ଟ ହେବ ଏବଂ ଏଥିନିମନ୍ତେ ଏହାର ଚନ୍ଦ୍ର ଫୋବସ୍ ଏକ ବିଶେଷ ଭୂମିକା ବହନ କରିବ। ପ୍ରଥମ ଅଭିଯାନ ମଙ୍ଗଳ ଗ୍ରହକୁ ଆବଶ୍ୟକୀୟ ସାମଗ୍ରୀ ପରିବହନ କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲାବେଳେ ଦ୍ୱିତୀୟ ଅଭିଯାନକୁ ଫୋବସ୍‌କୁ ବାସୋପଯୋଗୀ କରିବା ଓ ତୃତୀୟ ଅଭିଯାନକୁ ମହାକାଶଚାରୀମାନଙ୍କୁ ପୃଥିବୀ ପ୍ରତ୍ୟାବର୍ତ୍ତନ ନିମନ୍ତେ ବ୍ୟବହାର କରାଯିବ। ଚତୁର୍ଥ ଓ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଅଭିଯାନରେ ୪ ଜଣ ଅନ୍ତରୀକ୍ଷଚାରୀଙ୍କୁ ଫୋବସ୍‌ରୁ ନେଇ ଏକ କ୍ୟାପସୁଲ୍‌କୁ ମଙ୍ଗଳର ପୃଷ୍ଠରେ ଅବତରଣ କରାଯିବ। ନାସାର ଏହି ଉଦ୍ୟମ ସଫଳ ହେଲେ ଆଗାମୀ ୨୦୩୦ରୁ ୨୦୪୦ ମସିହା ମଧ୍ୟରେ ପୃଥିବୀର ପ୍ରଥମ ମନୁଷ୍ୟ ମଙ୍ଗଳ ପୃଷ୍ଠରେ ପଦାର୍ପଣ କରିବ ବୋଲି ଆଶା କରାଯାଏ।

ପରିବେଶ ପ୍ରଦୂଷଣ ତଥା ମନୁଷ୍ୟର ପ୍ରକୃତି ବିରୋଧୀ କାର୍ଯ୍ୟକଳାପ ହେତୁ ଆମର ସୁନ୍ଦର ଗ୍ରହ ପୃଥିବୀ କ୍ରମଶଃ ଜୀବନଅନୁପଯୋଗୀ ପାଲଟି ଯାଉଛି। ଦିନ ଆସିବ, ମଣିଷକୁ ପୃଥିବୀ ଛାଡ଼ି ଅନ୍ୟ କୌଣସି ଗ୍ରହ ରାଇଜରେ ବସା ବାନ୍ଧିବାକୁ ପଡ଼ିବ। ମଣିଷର ଏହି ସୁଦୂର ଓ ମହତ୍ତ୍ୱାକାଂକ୍ଷୀ ଅନ୍ୱେଷଣରେ ଆମର ପଡ଼ୋଶୀ ଲୋହିତ ଗ୍ରହ ମଙ୍ଗଳ ଯେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏଥିରେ ସନ୍ଦେହ ନାହିଁ।

– ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୦୧୮୭୦୮୮୪୮

# ସେନସରରୁ ଜାଣିହେବ ସ୍ୱାସ୍ଥ୍ୟାବସ୍ଥା



**ସ୍ୱା**ସ୍ଥ୍ୟ ସମ୍ପର୍କିତ କୌଣସି ସୂଚନା ଏଣିକି ସହଜରେ ଜାଣିହେବ। ନିକଟରେ ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ଏକ କ୍ଷୁଦ୍ର ସେନସର ପ୍ରସ୍ତୁତ କରିଛନ୍ତି। ଏହାଦ୍ୱାରା ଜଣେ ବ୍ୟକ୍ତିର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସହଜରେ ସୂଚନା ମିଳିପାରିବ। ଉକ୍ତ ନୂଆ ସେନସରକୁ 'ନ୍ୟୁରାଲ ଡଷ୍ଟ' ନାମରେ ନାମିତ କରାଯାଇଛି। ଏହାର ଲମ୍ବ ହେଉଛି ମାତ୍ର ୩ ମିମି ଏବଂ ଚଉଡା ମାତ୍ର ୧ ମିମି। ଏକ ରୋବୋଟିକ୍ ଡିଭାଇସ୍ ଦ୍ୱାରା ଏହି ସେନସରକୁ ନିୟନ୍ତ୍ରଣ କରାଯାଇଥାଏ। ଏଥିରେ କୌଣସି ତାର କିମ୍ବା ବ୍ୟାଟେରି ସଂଯୋଗ କରାଯାଇନାହିଁ। କୌଣସି ବ୍ୟକ୍ତିଙ୍କର ଶରୀରରେ ଏହାକୁ ଲଗାଇ ଦେବା ପରେ ତାହା ଉକ୍ତ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ। ତେବେ ଏହାକୁ କିପରି ଆହୁରି ଉନ୍ନତ ଜ୍ଞାନକୌଶଳବିଶିଷ୍ଟ କରାଯାଇପାରିବ ସେ ନେଇ ଗବେଷଣା ଚାଲୁ ରହିଛି।

# ସ୍ୱାସ୍ଥ୍ୟ ସୂଚନା

- ଘରେ ଯଦି କୌଣସି ଔଷଧ ରଖୁଛନ୍ତି ତେବେ ତାହାର ଏକ୍ସପାୟେରି ତାରିଖ କେତେ ଅଛି ତାହା ମନେ ରଖନ୍ତୁ।
- ସକାଳୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକଫାଷ୍ଟରେ ତଟକା ଫଳ ଜୁସ ସାମିଲ କରନ୍ତୁ।
- ଯଦି ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି, ତେବେ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ନିକଟରେ ଚେକଅପ କରାଇ ନିଅନ୍ତୁ।
- ଯଦି କୌଣସି ସ୍ଥାନରେ ବ୍ୟାୟାମ କରୁଛନ୍ତି ତେବେ ସେହି ସ୍ଥାନ ପ୍ରଦୂଷଣମୁକ୍ତ ହେବା ଦରକାର।
- ଯଦି ଆପଣଙ୍କର ଡାଇବେଟିସ ସମସ୍ୟା ରହିଛି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ରକ୍ତରେ ସୁଗାର ପରିମାଣ ସହ ଆପଣଙ୍କର ବ୍ଲଡପ୍ରେସର ମାପି ନିଅନ୍ତୁ। କାରଣ ପ୍ରାୟ ଡାଇବେଟସ୍ ସହ ସଂପୃକ୍ତ ବ୍ୟକ୍ତିଙ୍କର ବ୍ଲଡପ୍ରେସର ସମସ୍ୟା ଦେଖାଦେଇଥାଏ।



- ବୟସ ବଢ଼ିଲେ ନିଜର ଖାଦ୍ୟପେୟ ପ୍ରତି ସଚେତନ ରୁହନ୍ତୁ। ସେହି ସମୟରେ ଏପରି ଖାଦ୍ୟ ଖାଆନ୍ତୁ ଯାହା ଆପଣଙ୍କୁ ସୁସ୍ଥ ରଖିବାରେ ସହାୟକ ହେଉଥିବ।

# ଥିମ୍, ପସ୍‌ପିସିଲଙ୍କ ଅଗ୍ରଗତି

ନ୍ୟୁୟର୍କ,୬।୯(ଏପି)

ୟୁଏସ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଦ୍ୱିତୀୟ ସିଡ୍ ଖେଳାଳି ଅଷ୍ଟ୍ରିଆର ଡୋମିନିକ୍ ଥିମ, ୧୫ତମ ସିଡ୍ ଫେଲିକ୍ସ ଅଗର ଆଲିଆସିମ, କାନାଡ଼ାର ଭାସେକ ପସ୍‌ପିସିଲ, ୨୧ତମ ସିଡ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର, ତୃତୀୟ ସିଡ୍ ରୁଷିଆର ଡାନିଲି ମେଡଭେଡେଭ, ଆମେରିକାର ଫ୍ରାନ୍ସେସ ଟିଆଫୋ, ୧୦ମ ସିଡ୍ ଆନ୍ଦ୍ରେ ରୁବ୍ଲେଭ ଓ ଷଷ୍ଠ ସିଡ୍ ଇଟାଲୀର ମାଟେଓ ବେରେଟିନି ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ଥିମ୍ ତୃତୀୟ ରାଉଣ୍ଡରେ ୩୧ତମ ସିଡ୍ କ୍ରୋଏସିଆର ମାରିନ୍ ସିଲିକଙ୍କୁ ୬-୨, ୬-୨, ୩-୬, ୬-୩ ସେଟ୍‌ରେ ହରାଇ, ଅଲିଆଜିମ୍ ୬-୧, ୬-୦, ୬-୪ ସେଟ୍‌ରେ ସି. ମୌଟେଟଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଏବେ ଏହି ଦୁଇ ଖେଳାଳି ପରସ୍ପରକୁ ଭେଟିବେ। ପସ୍‌ପିସିଲ ମାରାଥନ ୭-୫, ୨-୬, ୪-୬, ୬-୩, ୬-୨ ସେଟ୍‌ରେ ଅଷ୍ଟମ ସିଡ ରବର୍ଟ ବତିସ୍ତା ଅଗୁଟ୍‌ଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇଛନ୍ତି। ପସ୍‌ପିସିଲ ଚତୁର୍ଥ ରାଉଣ୍ଡ ମୁକାବିଲାରେ ମିନାଉରଙ୍କୁ ଭେଟିବେ। ମିନାଉର ୬-୪, ୦-୬, ୪-୬, ୬-୩, ୬-୧ ମାରାଥନ ସେଟ୍‌ରେ ୧୧ତମ ସିଡ୍ ରୁଷିଆର କାରେନ କାଚାନୋଭାଙ୍କୁ ହରାଇ ଚତୁର୍ତ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ମେଡଭେଡେଭ ୬-୩, ୬-୩, ୬-୨ ସେଟ୍‌ରେ ଜେ ଉଲ୍ଫଙ୍କୁ ପରାସ୍ତ କରି ଓ ଟିଆଫୋ ୬-୨, ୬-୩, ୬-୨ ସେଟ୍‌ରେ ଏମ୍. ଫୁକ୍‌ସୋଭିକ୍ସଙ୍କୁ ପରାସ୍ତ କରିଛି। ଦୁଇ ବିଜେତା ଖେଳାଳି ଚତୁର୍ଥ ରାଉଣ୍ଡରେ ମୁହାଁମୁହିଁ ହେବେ। ସେହିପରି ରୁବ୍ଲେଭ୍ ଓ ବେରେଟିନି ଚତୁର୍ଥ ରାଉଣ୍ଡରେ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି।


ଶଟ୍ ଖେଳିବା ଅବସରରେ ଡୋମିନିକ୍ ଥିମ।


## ଚତୁର୍ଥ ରାଉଣ୍ଡରେ ସେରେନା

ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଶନିବାର ତୃତୀୟ ସିଡ ଅଭିଜ୍ଞ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସ, ଦ୍ୱିତୀୟ ସିଡ୍ ଆମେରିକୀୟ ଖେଳାଳି ସୋଫିଆ କେନିନ୍, ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା, ସ୍ୱେତାନା ପିରୋଙ୍କୋଭା ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେରେନା ତୃତୀୟ ରାଉଣ୍ଡରେ ନିଜ ଦେଶର ୨୬ତମ ସିଡ୍ ଖେଳାଳି ସ୍ଲୋଆନ ଷ୍ଟିଫେନ୍ସ ୨-୬, ୬-୨, ୬-୨ ସେଟ୍‌ରେ ହରାଇ ଅଗ୍ରଗତି କରିଛନ୍ତି। ଚତୁର୍ଥ ରାଉଣ୍ଡରେ ସେରେନା ୧୫ତମ ସିଡ୍ ଗ୍ରୀସ୍‌ର ମାରିଆ ସାକାରିଙ୍କୁ ଭେଟିବେ। ସାକାରି ଅନ୍ୟଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୬-୩, ୬-୧ ସେଟ୍‌ରେ ୨୨ତମ ସିଡ୍ ଅମଣ୍ଡା ଅନିଶିମୋଭାଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ଗ୍ୟାସ୍‌ଲିଙ୍କୁ ପ୍ରଥମ ଫର୍ମୁଲା ୱାନ୍ ଟାଇଟଲ

**ମୋଞ୍ଜା (ଇଟାଲୀ), ୬।୯:** ରେଡ୍‌ବୁଲ୍ ଆଲ୍‌ଫା ଟୌରି ଟିମ୍‌ର ପିଏରେ ଗ୍ୟାସ୍‌ଲି ଅପ୍ରତ୍ୟାଶିତ ଭାବେ ଇଟାଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ପିଟ୍ ଷ୍ଟପ୍ ତ୍ରୁଟି ପାଇଁ ୧୦ ସେକେଣ୍ଡ ଦଣ୍ଡିତ ହେବା ପୂର୍ବରୁ କିନ୍ତୁ ଲୁଇସ୍ ହାମିଲଟନ ରେସ୍‌ରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଘରୋଇ ସର୍କିଟରେ ଫେରାରିର ଉଭୟ ଡ୍ରାଇଭର ସେମାନଙ୍କ ରେସ୍ ଶେଷ କରିବାରେ ବିଫଳ ହୋଇଥିଲେ। ଫର୍ମୁଲା ୱାନ୍‌ରେ

ଗ୍ୟାସ୍‌ଲିଙ୍କର ଏହା ହେଉଛି ପ୍ରଥମ ବିଜୟ। ଫ୍ରାନ୍ସର ଏହି ୨୪ ବର୍ଷୀୟ ଡ୍ରାଇଭର ଯଥାକ୍ରମେ ମ୍ୟାକଲରେନର କାର୍ଲୋସ ସେଞ୍ଜ୍‌ଙ୍କଠାରୁ ୩.୩୫୮ ଓ ରେସିଂ ପଏଣ୍ଟର ଲାନ୍ସ ଷ୍ଟ୍ରୋଲଙ୍କଠାରୁ ୦.୪୧୫ ସେକେଣ୍ଡ ଟାଇମିଂରେ ଆଗୁଆ ରହି ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୌତୂହଳର ବିଷୟ ଏହି ୩ ଡ୍ରାଇଭର ଥରେ ହେଲେ ରେସ୍ ଜିତି ନ ଥିଲେ।


ରେସ୍ ଜିତିବା ପରେ ଟ୍ରଫି ସହ ପିଏରେ ଗ୍ୟାସ୍‌ଲି।

ସମସ୍ତଙ୍କର ଏହା ହେଉଛି ଶ୍ରେଷ୍ଠ ପ୍ରଦର୍ଶନ। ପୋଲ୍ ପୋଜିଶନ ହାସଲ କରିଥିବା ହାମିଲଟନ ରବିବାର ରେସ୍‌ରେ ସହଜ ବିଜୟ କରିବେ ବୋଲି ଆଶା କରାଯାଉଥିଲା। ମାତ୍ର ପେନାଲ୍ଟି ଯୋଗୁ ସେ ଗ୍ୟାସ୍‌ଲିଙ୍କଠାରୁ ୧୭.୨୪୫ ସେକେଣ୍ଡ ପଛରେ ୭ମ ସ୍ଥାନରେ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲାଣ୍ଡୋ ନୋରିସ (ମ୍ୟାକଲରେନ), ଭାଲଟେରୀ ବୋଟାସ (ମର୍ସିଡିଜ୍) ଓ ଡାନିଲ ରିକାର୍ଡୋ (ରେନଲ୍ଟ) ଯଥାକ୍ରମେ ୪ର୍ଥ, ୫ମ ଓ ୬ଷ୍ଠ ସ୍ଥାନରେ ରହିଥିଲେ। ସେହିପରି ୮ମ, ୯ମ ଓ ୧୦ମ ସ୍ଥାନରେ ଏଷ୍ଟିବାନ ଓକନ (ରେନଲ୍ଟ), ଡାନିଲ କ୍ୟାଟ୍ (ଅଲ୍‌ଫା ଟୌରି) ଏବଂ ସର୍ଗିଓ ପେରେଜ (ରେସିଂ ପଏଣ୍ଟ) ପ୍ରମୁଖ ରହିଥିଲେ।

## ବୋପାନ୍ନା-ଶାପୋଭାଲୋଭ କ୍ୱାର୍ଟର ଫାଇନାଲ୍‌ରେ

**ନ୍ୟୁୟର୍କ, ୬।୯ (ପି.ଟି.):** ୟୁଏସ୍ ଓପନ୍ ଟେନିସ ଟୁର୍ନାମେଣ୍ଟରେ ଅଭିଜ୍ଞ ଭାରତୀୟ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ କାନାଡ଼ା ପାର୍ଟନର ଡେନିସ ଶାପୋଭାଲୋଭ ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଅଣସିଡ ଇଣ୍ଡୋ-କାନାଡିଆନ ଯୋଡି ଶନିବାର ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଷଷ୍ଠ ସିଡ୍ ଜର୍ମାନୀ ଯୋଡି କେଭିନ୍ କ୍ରିଏଜ୍ ଓ ଆଣ୍ଡ୍ରିଆସ୍ ମିଜ୍‌ଙ୍କୁ ୪-୬, ୬-୪, ୬-୩ ସେଟ୍‌ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏକ ଘଣ୍ଟା ୪୭ ମିନିଟ୍‌ରେ ବୋପାନ୍ନା ଓ ଶାପୋଭାଲୋଭ ବିଜୟୀ ହୋଇଥିଲେ। କ୍ୱାର୍ଟରରେ ଏହି ଯୋଡି ଡଚ୍- ରୋମାନିଆ ଯୋଡି ଜିଲ- ଜୁଲିଏନ୍ ରୋଜର ଓ ହୋରିଆ ଟେକାଉଙ୍କୁ ଭେଟିବେ। ରୋଜର- ଟେକାଉ ଅନ୍ୟଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଟପ୍ ସିଡ୍ ଯୋଡି କଲମ୍ବିଆର ଜୁଆନସେବାଷ୍ଟିଆନ କାବାଲ ଓ ରୋବେର୍ଟ ଫାରାଙ୍କୁ ୪-୬,୬-୩, ୬-୪ ସେଟ୍ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ସୁମିତ ନାଗାଲ ଓ ଦିଭିଜ ଶରନ ଟୁର୍ନାମେଣ୍ଟରୁ ବିଦାୟ ନେବା ପରେ ବୋପାନ୍ନା ଏକମାତ୍ର ଭାରତୀୟ ଭାବେ ଟୁର୍ନାମେଣ୍ଟରେ ଅଭିଯାନ ଜାରି ରଖିଛନ୍ତି। ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ନାଗାଲ ବିଶ୍ୱର ୩ ନମ୍ବର ତଥା ଦ୍ୱିତୀୟ ସିଡ୍ ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲେ। ଅନ୍ୟପଟେ ଶରନ ଓ ତାଙ୍କ ସର୍ବିଆ ପାର୍ଟନର ନିକୋଲଶ କାସିକ୍ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ପ୍ରତିପକ୍ଷ ଅଷ୍ଟମ ସିଡ୍ ଯୋଡି ନିକୋଲା ମେକ୍‌ଟିକ ଓ ୱେସଲି କୁଲହୋଫ୍‌ଙ୍କଠାରୁ ପରାସ୍ତ ହୋଇଥିଲେ।

**ୟୁଏସ୍ ଓପନ୍**

## ଟି୨୦ ସିରିଜ ଜିତିଲା ଇଂଲଣ୍ଡ

**ସାଉଥାମ୍ପଟନ,୬।୯(ପି.ଟି.):** ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌ରେ ଇଂଲଣ୍ଡ ରବିବାର ୬ ଉଇକେଟରେ ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଘରୋଇ ଦଳ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ହରାଇ ୧୫୭ ରନ କରିଥିଲା। ଜବାବରେ ଇଂଲଣ୍ଡ ୧୮.୫ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଇଂଲଣ୍ଡ ତରଫରୁ ଡେଭିଡ୍ ମଲାନ ୪୨ରନ (୩୨ ବଲ, ୭ ଚୌକା), ଓପନର ଜୋସ ବଟଲର ଅପରାଜିତ ୭୭ ରନ (୫୪ ବଲ, ୮ ଚୌକା, ୨ ଛକା) କରି ଦଳକୁ ଜିତାଇଥିଲେ। ମୋଇନ ଅଲୀ ୬ ବଲରୁ ୧୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆର ଆଷ୍ଟନ ଅଗର ୨, ଆଡାମ ଜାମ୍ପା ଓ ମିଚେଲ ଷ୍ଟାର୍କ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ତାରକା ଓପନର ଡେଭିଡ୍ ୱାର୍ନରଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ୱାର୍ନର ଖାତା ଖୋଲିବା ପୂର୍ବରୁ ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ଜୋଶ ବଟଲରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଦଳ ତରଫରୁ ଅଧିନାୟକ ଆରୋନ ଫିଞ୍ଚ୍ ସର୍ବାଧିକ ୪୦ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍କସ ଷ୍ଟୋଇନିସ୍ ୩୫, ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ୨୬, ଆଷ୍ଟନ ଅଗର ୨୩, ଷ୍ଟିଭ୍ ସ୍ମିଥ୍ ୧୦ ରନକରି ଆଉଟ ହୋଇଥିବା ବେଳେ ପ୍ୟାଟ୍ କୁମିନ୍ସ ୧୩ ଓ ମିଚେଲ ଷ୍ଟାର୍କ ୨ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ କ୍ରିସ୍ ଜୋର୍ଡାନ ୨, ଆର୍ଚର, ମାର୍କ ଉଡ ଓ ଆଦିଲ ରସିଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## କ୍ୱାରାଣ୍ଟାଇନ୍ କାରଣରୁ ମ୍ଲାଡେନୋଭିଚ୍ ଆଉଟ୍

**ନ୍ୟୁୟର୍କ, ୬।୯(ଏପି):** ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଓ ହଙ୍ଗେରୀର ଟିମିଆ ବାବୋସିଙ୍କୁ ନେଇ ଗଠିତ ଟପ୍ ସିଡ ମହିଳା ଡବଲ୍ସ ଯୋଡି ୟୁଏସ୍ ଓପନ୍‌ରୁ ବାଦ୍ ପଡିଛନ୍ତି। ମ୍ଲାଡେନୋଭିଚ୍‌ଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ କ୍ୱାରାଣ୍ଟାଇନ୍ ନୋଟିସ୍ ପଠାଇବାରୁ ଏହି ଯୋଡିକୁ ଟୁର୍ନାମେଣ୍ଟରୁ ବାଦ୍ ଦିଆଯାଇଛି। ଟୁର୍ନାମେଣ୍ଟର ପଜିଟିଭ୍ ହୋଇଥିବା ଏକମାତ୍ର ଖେଳାଳି ବେନୋଇଟ୍ ପାଇରେଙ୍କ ସଂସ୍ପର୍ଶରେ ଆସିଥିବାରୁ ମ୍ଲାଡେନୋଭିଚ୍ ଅତିରିକ୍ତ କଟକଣାରେ ଥିଲେ। ଫଳରେ ସରକାରଙ୍କ ନିୟମକୁ ଦୃଷ୍ଟିରେ ରଖି ଏହି ଯୋଡିଙ୍କୁ ବାଦ୍ ଦେବା ନେଇ କଠୋର ନିଷ୍ପତ୍ତି ନେବାକୁ ହେଲା ବୋଲି ୟୁଏସ୍ ଟେନିସ୍ ଆସୋସିଏଶନ ଶନିବାର ଘୋଷଣା କରିଛି। ଏହି ଯୋଡି ରାଉଣ୍ଡ ମ୍ୟାଚ୍‌ରେ କାନାଡା ଓ ଆମେରିକା ଯୋଡି ଗାବ୍ରିଏଲା ଡାବ୍ରୋୱସ୍କି ଓ ଅଲିସନ ରିସ୍‌କେଙ୍କୁ ଭେଟିବାର କାର୍ଯ୍ୟକ୍ରମ ଥିଲା। ଏବେ ଏହି ଯୋଡି ୱାକଓଭର ପାଇ ଅଗ୍ରଗତି କରିଛନ୍ତି।

## ସାନିଟାଇଜର ବ୍ୟବହାର କରି ବୋଲର ସସ୍‌ପେଣ୍ଡ

**ଲଣ୍ଡନ, ୬।୯ (ପି.ଟି.):** ବଲ୍‌ରେ ହ୍ୟାଣ୍ଡ ସାନିଟାଇଜର ବ୍ୟବହାର କରିଥିବା ଅଭିଯୋଗରେ ଅଷ୍ଟ୍ରେଲିଆ ଜନ୍ମିତ ଇଂଲିଶ ପ୍ରଥମଶ୍ରେଣୀ କ୍ରିକେଟର ମିଚ୍ କ୍ଲେଡନଙ୍କୁ ତାଙ୍କ କାଉଣ୍ଟି ଦଳ ସସେକ୍ସ ସସ୍‌ପେଣ୍ଡ କରିଛି। ଗତ ମାସରେ ମିଡଲସେକ୍ସ ବିପକ୍ଷ ଏକ ମ୍ୟାଚ ବେଳେ ୩୭ବର୍ଷୀୟ ଡାହାଣ ହାତି ମିଡିୟମ ପେସ୍ ବୋଲର ହ୍ୟାଣ୍ଡ ସାନିଟାଇଜର ଆପ୍ଲାଏ କରିଥିଲେ। ଏଥିରେ ସେ ତିନୋଟି ଉଇକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି। ତଦନ୍ତ ରିପୋର୍ଟ ଆସିଲା ପର୍ଯ୍ୟନ୍ତ ମିଚ୍ କ୍ଲେଙ୍କୁ ସସ୍‌ପେଣ୍ଡ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏବଂ ବିଭିନ୍ନ ଦେଶର କ୍ରିକେଟ ବୋର୍ଡ ଗୁଡ଼ିକର କଠୋର ସ୍ୱାସ୍ଥ୍ୟ ଗାଇଡ୍ ଲାଇନ୍ ଅନୁସାରେ ବଲ୍‌କୁ ଚିକ୍କଣ କରିବା ଲାଗି ପାଟିର ଲାଳ ବ୍ୟବହାରରେ ବାରଣ ରହିଛି। ଏହାର ବିକଳ୍ପ ସ୍ୱରୂପ କୌଣସି କୃତ୍ରିମ ଦ୍ରବ୍ୟ ବ୍ୟବହାର କରାଯାଇ ପାରିବ ନାହିଁ। ସସ୍‌ପେଣ୍ଡ ହୋଇଥିବାରୁ ବିପକ୍ଷ ବବ୍ ୱିଲ୍ସ ଟ୍ରଫିରେ ସରେ ପରବର୍ତ୍ତୀ ମ୍ୟାଚ ପାଇଁ ସସେକ୍ସର ୧୪ ଜଣିଆ ଦଳରେ ଏହି ଭେଟେରାନ ପେସ୍ ବୋଲରଙ୍କୁ ସ୍ଥାନ ମିଳିବ ନାହିଁ।




## ଆଇପିଏଲ କାର୍ଯ୍ୟସୂଚୀ

| ତାରିଖ | ଟିମ୍ | ସ୍ଥାନ | ସମୟ |
|---|---|---|---|
| ସେପ୍ଟେମ୍ବର ୧୯ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ସୁପରକିଙ୍ଗ୍ସ | ଆବୁ ଧାବି | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୦ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ କିଙ୍ଗ୍ସ ଇଲେଭେନ | ଦୁବାଇ | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୧ | ସନ୍‌ରାଇଜର୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ | ଦୁବାଇ | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୨ | ରାଜସ୍ଥାନ ରୟାଲ୍ସ ବନାମ ସୁପରକିଙ୍ଗ୍ସ | ଶାରଜା | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୩ | ନାଇଟ ରାଇଡର୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଆବୁ ଧାବି | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୪ | କିଙ୍ଗ୍ସ ଇଲେଭେନ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଦୁବାଇ | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୫ | ସୁପରକିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଦୁବାଇ | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୬ | ନାଇଟ ରାଇଡର୍ସ ବନାମ ସନ୍‌ରାଇଜର୍ସ | ଆବୁ ଧାବି | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୭ | ରାଜସ୍ଥାନ ରୟାଲ୍ସ ବନାମ କିଙ୍ଗ୍ସ ଇଲେଭେନ | ଶାରଜା | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୮ | ରୟାଲ ଚ୍ୟାଲେଞ୍ଜର୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଦୁବାଇ | ରାତି ୭ଟା ୩୦ |
| ସେପ୍ଟେମ୍ବର ୨୯ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ସନ୍‌ରାଇଜର୍ସ | ଆବୁ ଧାବି | ରାତି ୭ଟା ୩୦ |
| ସେପ୍ଟେମ୍ବର ୩୦ | ରାଜସ୍ଥାନ ରୟାଲ୍ସ ବନାମ ନାଇଟ ରାଇଡର୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୧ | କିଙ୍ଗ୍ସ ଇଲେଭେନ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଆବୁ ଧାବି | ରାତି ୭ଟା ୩୦ |
| ଅକ୍ଟୋବର ୨ | ସୁପରକିଙ୍ଗ୍ସ ବନାମ ସନ୍‌ରାଇଜର୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୩ | ରୟାଲ ଚ୍ୟାଲେଞ୍ଜର୍ସ ବନାମ ରାଜସ୍ଥାନ ରୟାଲ୍ସ | ଆବୁ ଧାବି | ଅପରାହ୍ନ ୩ଟା ୩୦ |
| ଅକ୍ଟୋବର ୩ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ନାଇଟ ରାଇଡର୍ସ | ଶାରଜା | ରାତି ୭ଟା ୩୦ |
| ଅକ୍ଟୋବର ୪ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ସନ୍‌ରାଇଜର୍ସ | ଶାରଜା | ଅପରାହ୍ନ ୩ଟା ୩୦ |
| ଅକ୍ଟୋବର ୪ | କିଙ୍ଗ୍ସ ଇଲେଭେନ ବନାମ ସୁପରକିଙ୍ଗ୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୫ | ରୟାଲ ଚ୍ୟାଲେଞ୍ଜର୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୬ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ରାଜସ୍ଥାନ ରୟାଲ୍ସ | ଆବୁଧାବି | ରାତି ୭ଟା ୩୦ |
| ଅକ୍ଟୋବର ୭ | ନାଇଟ ରାଇଡର୍ସ ବନାମ ସୁପରକିଙ୍ଗ୍ସ | ଆବୁ ଧାବି | ରାତି ୭ଟା ୩୦ |
| ଅକ୍ଟୋବର ୮ | ସନ୍‌ରାଇଜର୍ସ ବନାମ କିଙ୍ଗ୍ସ ଇଲେଭେନ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୯ | ରାଜସ୍ଥାନ ରୟାଲ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଶାରଜା | ରାତି ୭ଟା ୩୦ |
| ଅକ୍ଟୋବର ୧୦ | କିଙ୍ଗ୍ସ ଇଲେଭେନ ବନାମ ନାଇଟ ରାଇଡର୍ସ | ଆବୁ ଧାବି | ଅପରାହ୍ନ ୩ଟା ୩୦ |
| ଅକ୍ଟୋବର ୧୦ | ସୁପରକିଙ୍ଗ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୧୧ | ସନ୍‌ରାଇଜର୍ସ ବନାମ ରାଜସ୍ଥାନ ରୟାଲ୍ସ | ଦୁବାଇ | ଅପରାହ୍ନ ୩ଟା ୩୦ |
| ଅକ୍ଟୋବର ୧୧ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଆବୁଧାବି | ରାତି ୭ଟା ୩୦ |
| ଅକ୍ଟୋବର ୧୨ | ରୟାଲ ଚ୍ୟାଲେଞ୍ଜର୍ସ ବନାମ ନାଇଟ ରାଇଡର୍ସ | ଶାରଜା | ରାତି ୭ଟା ୩୦ |
| ଅକ୍ଟୋବର ୧୩ | ସନ୍‌ରାଇଜର୍ସ ବନାମ ସୁପରକିଙ୍ଗ୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୧୪ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରାଜସ୍ଥାନ ରୟାଲ୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୧୫ | ରୟାଲ ଚ୍ୟାଲେଞ୍ଜର୍ସ ବନାମ କିଙ୍ଗ୍ସ ଇଲେଭେନ | ଶାରଜା | ରାତି ୭ଟା ୩୦ |
| ଅକ୍ଟୋବର ୧୬ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ନାଇଟ ରାଇଡର୍ସ | ଆବୁଧାବି | ରାତି ୭ଟା ୩୦ |
| ଅକ୍ଟୋବର ୧୭ | ରାଜସ୍ଥାନ ରୟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ | ଦୁବାଇ | ଅପରାହ୍ନ ୩ଟା ୩୦ |
| ଅକ୍ଟୋବର ୧୭ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ସୁପର କିଙ୍ଗ୍ସ | ଶାରଜା | ରାତି ୭ଟା ୩୦ |
| ଅକ୍ଟୋବର ୧୮ | ସନ୍‌ରାଇଜର୍ସ ବନାମ ନାଇଟ ରାଇଡର୍ସ | ଆବୁ ଧାବି | ଅପରାହ୍ନ ୩ଟା ୩୦ |
| ଅକ୍ଟୋବର ୧୮ | ମୁମ୍ବାଇ ଇଣ୍ଡିଆନ୍ସ ବନାମ କିଙ୍ଗ୍ସ ଇଲେଭେନ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୧୯ | ସୁପରକିଙ୍ଗ୍ସ ବନାମ ରାଜସ୍ଥାନ ରୟାଲ୍ସ | ଆବୁଧାବି | ରାତି ୭ଟା ୩୦ |
| ଅକ୍ଟୋବର ୨୦ | କିଙ୍ଗ୍ସ ଇଲେଭେନ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୨୧ | ନାଇଟ ରାଇଡର୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ | ଆବୁଧାବି | ରାତି ୭ଟା ୩୦ |
| ଅକ୍ଟୋବର ୨୨ | ରାଜସ୍ଥାନ ରୟାଲ୍ସ ବନାମ ସନ୍‌ରାଇଜର୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୨୩ | ସୁପରକିଙ୍ଗ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଶାରଜା | ରାତି ୭ଟା ୩୦ |
| ଅକ୍ଟୋବର ୨୪ | ନାଇଟ ରାଇଡର୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଆବୁ ଧାବି | ଅପରାହ୍ନ ୩ଟା ୩୦ |
| ଅକ୍ଟୋବର ୨୪ | କିଙ୍ଗ୍ସ ଇଲେଭେନ ବନାମ ସନ୍‌ରାଇଜର୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୨୫ | ରୟାଲ ଚ୍ୟାଲେଞ୍ଜର୍ସ ବନାମ ସୁପରକିଙ୍ଗ୍ସ | ଦୁବାଇ | ଅପରାହ୍ନ ୩ଟା ୩୦ |
| ଅକ୍ଟୋବର ୨୫ | ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଆବୁଧାବି | ରାତି ୭ଟା ୩୦ |
| ଅକ୍ଟୋବର ୨୬ | ନାଇଟ ରାଇଡର୍ସ ବନାମ କିଙ୍ଗ୍ସ ଇଲେଭେନ | ଶାରଜା | ରାତି ୭ଟା ୩୦ |
| ଅକ୍ଟୋବର ୨୭ | ସନ୍‌ରାଇଜର୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୨୮ | ମୁମ୍ବାଇ ଇଣ୍ଡିଆନ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ | ଆବୁଧାବି | ରାତି ୭ଟା ୩୦ |
| ଅକ୍ଟୋବର ୨୯ | ସୁପରକିଙ୍ଗ୍ସ ବନାମ ନାଇଟ ରାଇଡର୍ସ | ଦୁବାଇ | ରାତି ୭ଟା ୩୦ |
| ଅକ୍ଟୋବର ୩୦ | କିଙ୍ଗ୍ସ ଇଲେଭେନ ବନାମ ରାଜସ୍ଥାନ ରୟାଲ୍ସ | ଆବୁଧାବି | ରାତି ୭ଟା ୩୦ |
| ଅକ୍ଟୋବର ୩୧ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଦୁବାଇ | ଅପରାହ୍ନ ୩ଟା ୩୦ |
| ଅକ୍ଟୋବର ୩୧ | ରୟାଲ ଚ୍ୟାଲେଞ୍ଜର୍ସ ବନାମ ସନ୍‌ରାଇଜର୍ସ | ଶାରଜା | ରାତି ୭ଟା ୩୦ |
| ନଭେମ୍ବର ୧ | ସୁପରକିଙ୍ଗ୍ସ ବନାମ କିଙ୍ଗ୍ସ ଇଲେଭେନ | ଆବୁ ଧାବି | ଅପରାହ୍ନ ୩ଟା ୩୦ |
| ନଭେମ୍ବର ୧ | ନାଇଟ ରାଇଡର୍ସ ବନାମ ରାଜସ୍ଥାନ ରୟାଲ୍ସ | ଦୁବାଇ | ରାତି ୭ଟା ୩୦ |
| ନଭେମ୍ବର ୨ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ | ଆବୁଧାବି | ରାତି ୭ଟା ୩୦ |
| ନଭେମ୍ବର ୩ | ସନ୍‌ରାଇଜର୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ | ଶାରଜା | ରାତି ୭ଟା ୩୦ |

# 'ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ ତ୍ୱରାନ୍ୱିତ ହେବ'

ଭୁବନେଶ୍ୱର,୬।୯(ସ୍ପୋର୍ଟ୍ସବ୍ୟୁରୋ)

ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରବିବାର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଭୁବନେଶ୍ୱର ପର୍ଯ୍ୟବସିତ କ୍ଲବ ଓଡ଼ିଶା ଏଫ୍‌ସି'ର ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି କ୍ଲବ ୨୦୧୯ ଅଗଷ୍ଟ ୩୧ ତାରିଖରେ ପ୍ରତିଷ୍ଠା ହୋଇଥିଲା। ଆଇଏସ୍ଏଲ୍‌ରେ ପ୍ରଥମଥର ପାଇଁ ଅଂଶଗ୍ରହଣ କରି ଓଡ଼ିଶା ଏଫ୍‌ସି ପଏଣ୍ଟ ତାଲିକାର ଷଷ୍ଠ ସ୍ଥାନରେ ରହିଥିଲା। ଏହି ଅନ୍‌ଲାଇନ୍ ସେଲିବ୍ରେଶନରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ସ୍ପେଶାଲ ପ୍ରୋଜେକ୍ଟ ଓଏସ୍‌ଡି ସୁମିତ ପାଣ୍ଡେ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଯୁଗ୍ମ ସମ୍ପାଦକ ଅଭିଜିତ୍ ପଲ ଯୋଗ ଦେଇଥିଲେ।

**ଓଡ଼ିଶା ଏଫ୍‌ସିର ପ୍ରଥମ ପ୍ରତିଷ୍ଠା ଦିବସ**

କ୍ଲବ ଅଧ୍ୟକ୍ଷ ରୋହନ ଶର୍ମା ଏହି ଅନ୍‌ଲାଇନ୍ ବୈଠକରେ ଅଧ୍ୟକ୍ଷତା କରିଥିଲେ। କ୍ଲବର ବିଭିନ୍ନ ବିଭାଗ ତରଫରୁ ଷ୍ଟାଫ୍‌ମାନେ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ହେଡ୍ କୋଚ୍ ଷ୍ଟୁଆର୍ଟ ବକ୍ସଟର, ଇଣ୍ଡିଆନ ଆସିଷ୍ଟାଣ୍ଟ କୋଚ୍ ଷ୍ଟିଭେନ ଡିଆସ, ହେଡ୍ ଅଫ୍ ଦି ଫୁଟବଲ ଅପରେଶନ ଅଭିକ୍ ଚାଟାର୍ଜୀ, କ୍ଲବ ଡାଇରେକ୍ଟର ଅଶୋକ ବଜାଜ, ହେଡ୍ ଅଫ୍ ଫାଇନାନ୍ସ ଅଜିତ୍ ପଣ୍ଡା ଓ ହେଡ୍ ଅଫ୍ ସେଲ୍ସ ଆଣ୍ଡ ମାର୍କେଟିଂ ମୟଙ୍କ ଶର୍ମା ସାମିଲ ଥିଲେ। ଓଡ଼ିଶା ଏଫ୍‌ସି ଅନ୍ତର୍ଜାତୀୟ ଷ୍ଟାର ଭିନିତ୍ ରାଏ, ସ୍ଥାନୀୟ ଖେଳାଳି ଶୁଭମ ଷଡଙ୍ଗୀ ମଧ୍ୟ ଏହି ଅବସରରେ ଉପସ୍ଥିତ ରହି କ୍ଲବ ସହିତ ନିଜର ଏକବର୍ଷ ଯାତ୍ରା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଆଗାମୀ ସେସନରେ ନିଜର ଲକ୍ଷ୍ୟ ଓ ଆକାଂକ୍ଷା ବିଷୟରେ ମଧ୍ୟ ଏହି ଦୁଇ ଖେଳାଳି ନିଜର ମତ ରଖିଥିଲେ। ଦଳରେ ନୂଆକରି ଯୋଗ ଦେଇଥିବା ଜର୍ଜ ଡି'ସୌଜା ଓଡ଼ିଶା ଏଫ୍‌ସି ତରଫରୁ ଖେଳିବାକୁ ବେଶ୍ ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି। କ୍ଲବର ଫ୍ୟାନ୍ ଗ୍ରୁପ୍‌ର କେତକ ସଦସ୍ୟ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

ପ୍ରଥମ ବର୍ଷ ସଫଳତାର ସହ ଶେଷ କରିଥିବାରୁ ଓଡ଼ିଶା ଏଫ୍‌କୁ ଅଭିନନ୍ଦନ ଜଣାଉଛି ବୋଲି ସୁମିତ ପାଣ୍ଡେ କହିଛନ୍ତି। କ୍ଲବ ଅବିଶ୍ୱସନୀୟ ଆରମ୍ଭ କରିଛି ବୋଲି ସେ କହିଛନ୍ତି। ଆଇଏସ୍ଏଲ୍‌ର ଆଗାମୀ ସେସନ ନେଇ ଆମେ ବେଶ୍ ଉତ୍ସାହିତ ଅଛୁ। କେବଳ ସେତିକି ନୁହେଁ ରାଜ୍ୟରେ ଫୁଟବଲ ଓ କ୍ରୀଡ଼ାର ବିକାଶ ପାଇଁ ମଧ୍ୟ ଆମେ ବଦ୍ଧପରିକର ବୋଲି ସେ କହିଛନ୍ତି।

ସେହିପରି ଆଗାମୀ ସେସନରେ କ୍ଲବର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ହେଡ୍ କୋଚ୍ ଷ୍ଟୁଆର୍ଟ ବକ୍ସଟର। ଭାରତରେ ସବୁ ପ୍ରଶଂସକଙ୍କ ନିକଟତର ହେବି। ଓଡ଼ିଶା ଏଫ୍‌ସି ସବୁବେଳେ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରେ। ଏହି କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ । କ୍ଲବର ସବୁ ସଦସ୍ୟ ଆହୁରି ଅଧିକ ଭଲ ପ୍ରଦର୍ଶନ କରିବେ ବୋଲି ସେ ଆଶାପ୍ରକାଶ କରିଛନ୍ତି। ପ୍ରଶଂସକ ଓ ଓଡ଼ିଶା ଲୋକଙ୍କ ସହିତ ଭଲ ସମ୍ପର୍କ ରଖିବାକୁ ପ୍ରୟାସ କରାଯିବ ବୋଲି ସେ କହିଛନ୍ତି। ତୃଣମୂଳସ୍ତରରେ ଫୁଟବଲର ବିକାଶ ଓ ଯୁବ ପ୍ରତିଭାମାନଙ୍କୁ ସୁଯୋଗ ଦେବା ହେଉଛି କ୍ଲବର ମୂଳ ଲକ୍ଷ୍ୟ ବୋଲି ରୋହନ ଶର୍ମା କହିଛନ୍ତି। ଅଭିକ୍ ଚାଟାର୍ଜୀ ଧନ୍ୟବାଦ ପ୍ରସ୍ତାବ ଦେବା ସହ ଏହି ଅନ୍‌ଲାଇନ୍ ସଭା ଶେଷ ହୋଇଥିଲା।


ଭିଡିଓ କନ୍‌ଫେରେନ୍ସିଂରେ ଭାଗନେଇଥିବା କର୍ମକର୍ତ୍ତାମାନେ।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ